

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୬ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 26 FEBRUARY 2022
Vol.No. 33 ■ No. 55 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ୟୁକ୍ରେନ୍ ସେନାକୁ ଅସ୍ତ୍ର ଛାଡ଼ିବା ପାଇଁ କହିଲା ରୁଷ

ନୂଆଦିଲ୍ଲୀ,୨୫/୦୨ (ନି.ପ୍ର): ୟୁକ୍ରେନ୍ ଉପରେ ଆକାଶମାର୍ଗରୁ ପ୍ରଚଣ୍ଡ ଆକ୍ରମଣ ଜାରି ରଖିଛି ଶକ୍ତିଶାଳୀ ରୁଷ। ୟୁକ୍ରେନ୍‌କୁ ଘେରାବନ୍ଦୀ କରି ରୁଷ ସେନା ଘନ ଘନ ବିସ୍ଫୋରଣ କରୁଛି। ତେବେ ଏହି ଭୟଙ୍କର ଯୁଦ୍ଧ ମଧ୍ୟରେ ୟୁକ୍ରେନ୍ ସେନାକୁ ଆତ୍ମସମର୍ପଣ ପାଇଁ ରୁଷ ଚେତାବନୀ ଦେଇଛି । ରୁଷର ବୈଦେଶିକ ମନ୍ତ୍ରୀ ସେର୍‌ଜେଇ ଲାଭରୋ କହିଛନ୍ତି ଯେ, ଯଦି ୟୁକ୍ରେନ ସେନା ଅସ୍ତ୍ର ଛାଡ଼ନ୍ତି ତେବେ କିଭ୍ ସହ ମସ୍କୋ ଆଲୋଚନା କରିବାକୁ ରାଜି ଅଛି। ସେ କହିଛନ୍ତି ଯେ, ମସ୍କୋ ନୂଆ 'ନାଜି' ହେବାକୁ ଲକ୍ଷ୍ୟରେ ନାହିଁ କିମ୍ବା ୟୁକ୍ରେନ୍ ଉପରେ ଶାସନ କରିବାର ଉଦ୍ଦେଶ୍ୟ ନାହିଁ। ସେପଟେ ଲଢ଼େଇରୁ ଓହରିବ ନାହିଁ ବୋଲି ୟୁକ୍ରେନ୍ ସେନା ଦମ ଦେଖାଇଛି। ଆକ୍ରମଣକାରୀ ରୁଷ ସେନା ସହ ଯୁଦ୍ଧ ଜାରି ରହିଛି। ୟୁକ୍ରେନ୍ ରାଜଧାନୀ କିଭ୍ ନିକଟରେ ପହଞ୍ଚି ଥିବା ରୁଷ ସେନା ବିପକ୍ଷରେ ଦ୍ୱିତୀୟ ଦିନ ପାଇଁ ମୁହାଁମୁହିଁ ଯୁଦ୍ଧ ଜାରି ରହିଛି। ଏନେଇ କିଭ୍ ସେନା ପକ୍ଷରୁ



ତାଙ୍କ ଅଫିସିଆଲ ଫେସ୍‌ବୁକ୍ ଅକାଉଣ୍ଟରେ ପୋଷ୍ଟ କରାଯାଇଛି। ୟୁକ୍ରେନର ପ୍ରତିରକ୍ଷାମନ୍ତ୍ରୀ ନିଜ ଦେଶର ସାଧାରଣ ନାଗରିକଙ୍କୁ ଆକ୍ରମଣକାରୀଙ୍କୁ ବିରୋଧ କରିବା ପାଇଁ ଆହ୍ୱାନ କରିଛନ୍ତି । ରୁଷ ସେନାର ଗତିବିଧି ସମ୍ପର୍କରେ ସରକାରଙ୍କୁ ତଥ୍ୟ ଦେବା ସହ ସେମାନଙ୍କୁ ଜୋଦାରଦାର ବିରୋଧ କରିବାକୁ ସେ କହିଛନ୍ତି। କିଭ୍ ନିକଟରେ ଶୁକ୍ରବାର ରୁଷର ଏକ ସେନା ବିମାନକୁ ୟୁକ୍ରେନ୍ ମାଡ଼ରେ ଟଳିପଡ଼ିଛି। ଏହି ବିମାନଟି ଜଣକ ବାସଭବନର କୋଠା ଉପରେ କ୍ରାଶ କରିଥିଲା। ରୁଷ ସୈନ୍ୟମାନେ ୟୁକ୍ରେନ୍‌ର ସାଧାରଣ ଲୋକଙ୍କୁ ଟାର୍ଗେଟ କରି ଗୁଳିଗୋଳା ମାଡ଼ କରୁଥିବା ୟୁକ୍ରେନ୍ କହିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଆକ୍ରମଣ ପରେ ରୁଷୀୟ ସେନା ପକ୍ଷରୁ ୟୁକ୍ରେନ୍ ଉପରେ ଲଗାତାର ମିଶାଇଲ ମାଡ଼ ଜାରି ରହିଛି । ଗତ ଦୁଇ ଦିନ ଧରି ଜାରି ରହିଥିବା ଯୁଦ୍ଧରେ ବହୁ ଧନଜୀବନ ନଷ୍ଟ ହେଲାଣି।

## ମାର୍ଚ୍ଚ ୨୪ରେ ପୌର ନିର୍ବାଚନ : ୨୮ରେ ବିଜ୍ଞପ୍ତି

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ରାଜ୍ୟ ନିର୍ବାଚନ କମିଶନ ଶୁକ୍ରବାର ଦିନ ପୌର ନିର୍ବାଚନ ନେଇ ତାରିଖ ଘୋଷଣା କରିଛନ୍ତି । ପୌର ନିର୍ବାଚନ ମାର୍ଚ୍ଚ ୨୪ରେ ହେବ । ୨୬ ତାରିଖରେ ଭୋଟ ଗଣତି ହେବ। ଏଥିଲାଗି ଆଜିଠାରୁ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ରାଜ୍ୟ ନିର୍ବାଚନ କମିସନ ଆଦିତ୍ୟ ପ୍ରସାଦ ପାଢ଼ୀ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆଗାମୀ ୨୮ ତାରିଖରେ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ରାଜ୍ୟର ୧୦୬ଟି ପୌରସଂସ୍ଥା ଓ ୩ଟି ମହାନଗର ନିଗମର ମୋଟ ୪୫୮୪ଟି ବୁଥ୍ ରେ ଇଭିଏମ୍ ମାଧ୍ୟମରେ ଭୋଟ ଗ୍ରହଣ କରାଯିବ। ପୌର ନିର୍ବାଚନ ପାଇଁ ପ୍ରତ୍ୟେକ ବୁଥ୍ ରେ ଦୁଇଟି ଲେଖାଏଁ ଇଭିଏମ୍ ରହିବ। ସେଥିରୁ ଗୋଟିଏ କର୍ପୋରେଟର/



କାଉନସିଲର ନିର୍ବାଚନ ପାଇଁ ଏବଂ ଅନ୍ୟଟି ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ବ୍ୟବହୃତ ହେବ। ପୌରାଂଚଳ ଓ ଏନଏସିର ଅଧ୍ୟକ୍ଷ ପଦବୀ ଓ ମହାନଗରର ମେୟର ପଦବୀ ନିମନ୍ତେ ହଳଦିଆ ବାଲାଟ ପେପର ଏବଂ କାଉନସିଲର ଓ କର୍ପୋରେଟରଙ୍କ ପାଇଁ ଗୋଲାପୀ ରଙ୍ଗର ବାଲାଟ ପେପର ଉଦ୍ଦିଷ୍ଟ ରହିବ । ସେହିପରି ଇଭିଏମ୍ ର ଶେଷରେ ନୋଟା ବଟନ୍ ରହିବ। ଏହି ସମସ୍ତ ପୌର ନିର୍ବାଚନ ପାଇଁ ଆସନ୍ତା ମାର୍ଚ୍ଚ ୨ରୁ ୭ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ, ମାର୍ଚ୍ଚ ୯ତାରିଖରେ ନାମାଙ୍କନ ପତ୍ର ଯାଂଚ ଓ ୧୪ତାରିଖ ଅପରାହ୍ନ ୩ଟା ସୁଦ୍ଧା ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ସେହିଦିନ ଅପରାହ୍ନ ୫ଟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୪ତାରିଖ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ । ୨୬ତାରିଖ ସକାଳ ୮ଟାରୁ ଭୋଟଗଣତି ହେବ । ଏପ୍ରିଲ ୭ତାରିଖରେ ପୌର ପରିଷଦ ଓ ଏନଏଏସି ଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ହେବ। ଏପ୍ରିଲ ୮ତାରିଖରେ ଡେପୁଟି ମେୟର ନିମନ୍ତେ ନିର୍ବାଚନ ହେବ। ନିର୍ବାଚନରେ ପ୍ରାର୍ଥୀଙ୍କ ନିମନ୍ତେ ଖର୍ଚ୍ଚସୀମା ଓ ପ୍ରଚାର ନିମନ୍ତେ ପୂର୍ବରୁ ନିର୍ବାଚନ କମିଶନ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି । ୫୦ହଜାର ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ଏନଏସି ଓ ପୌର ପରିଷଦର କାଉନସିଲରଙ୍କ ନିର୍ବାଚନୀ ଖର୍ଚ୍ଚ ୫୦ହଜାର ଟଙ୍କା ଓ ଅଧ୍ୟକ୍ଷଙ୍କ ପାଇଁ ୨ଲକ୍ଷ ଟଙ୍କା, ୫୦ହଜାରରୁ ୧ଲକ୍ଷ ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ଏନଏଏସି ଓ ପୌର ପରିଷଦର କାଉନସିଲରଙ୍କ ନିର୍ବାଚନୀ ଖର୍ଚ୍ଚ ୭୫ହଜାର ଟଙ୍କା ଓ ଅଧ୍ୟକ୍ଷଙ୍କ ସର୍ବାଧିକ ୩ଲକ୍ଷ ଟଙ୍କା, ୧ଲକ୍ଷରୁ ଊର୍ଦ୍ଧ୍ୱ ପୌର ସଂସ୍ଥାର କାଉନସିଲରଙ୍କ ପାଇଁ ୧ଲକ୍ଷ ଟଙ୍କା ଓ ଅଧ୍ୟକ୍ଷଙ୍କ ପାଇଁ ୫ଲକ୍ଷ ଟଙ୍କା ନିର୍ବାଚନ ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୭ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୭ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୦୫୨ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ମୃତକଙ୍କ ମଧ୍ୟରେ ବରଗଡ ଜିଲ୍ଲାରୁ ୭ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ଝାରସୁଗୁଡ଼ା ଓଏମଭିଡି ଏଏସଆଇଙ୍କ ଘର ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଝାରସୁଗୁଡ଼ା ଓଡ଼ିଶା ମୋଟର ଭେହିକିଲ ଡିପାର୍ଟମେଂଟର ଏଏସଆଇ ହରେକୃଷ୍ଣ ନାୟକଙ୍କ ଝାରସୁଗୁଡ଼ା ଘର ସମେତ କଟକ, ପୁରୀ ଓ ଗଂଜାମ ଜିଲ୍ଲାର ମୋଟ ୬ଟି ସ୍ଥାନରେ ଭିଜିଲାନ୍ସ ଚଢାଉ କରିଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସକାଳୁ କଟକର ଭିଜିଲାନ୍ସ ଟିମ୍ ଚଢ଼ାଉ ଆରମ୍ଭ କରିଥିବା ଜଣାଯାଇଛି। ଏହି ଚଢ଼ାଉରେ ୩ ଜଣ ଡିଏସପି, ୧୦ ଜଣ ଇନସ୍ପେକ୍ଟର ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଛନ୍ତି। କଟକର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ଆଦେଶ ବଳରେ ଏହି ଚଢ଼ାଉ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର କଟକର ଘର ତଲାସ ସମୟରେ ନଗଦ ୪ ଲକ୍ଷ ୪୬ ହଜାର ଟଙ୍କା ଜବତ ହୋଇଛି।

## ଆଜିଠୁ ଭୋଟ୍ ଗଣତି

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଆସନ୍ତାକାଲି (ଶନିବାର)ଠାରୁ ପଂଚାୟତ ନିର୍ବାଚନ ପାଇଁ ଭୋଟ୍ ଗଣତି ଆରମ୍ଭ ହେବ। ରାଜ୍ୟର ୩୧୪ ବ୍ଲକରେ ଜିଲ୍ଲା ପରିଷଦ ଜୋନଓ୍ୱାରୀ ଗଣତି ହେବ ଏବଂ ଫଳାଫଳ ବାହାରିବ। ପ୍ରଥମ ଦିନରେ ସକାଳ ୮ଟାରୁ ୩୦ ଜିଲ୍ଲାର ୩୧୫ ଜୋନ୍ ରେ ଗଣତି ଆରମ୍ଭ ହେବ। ଦ୍ୱିତୀୟ ଦିନରେ ୩୦୭ ଜୋନ୍ ଏବଂ ଶେଷ ଦିନରେ ୨୨୯ ଜିଲ୍ଲା ପରିଷଦ ଜୋନର ଗଣତି ହେବ । ପ୍ରତି ଜିଲ୍ଲା ପରିଷଦ ଜୋନ୍ ଅଧୀନରେ ଥିବା ପଂଚାୟତର ଓ୍ୱାର୍ଡଓ୍ୱାରୀ ଗଣତି ହେବ । ପ୍ରତି ବ୍ଲକରେ ଥିବା କାଉଂଟିଂ ହଲରେ ୬ଟି ଟେବୁଲ ରହିବ। ପ୍ରଥମେ ବାଲଟ ବାକ୍ସ ଖୋଲିବା ପରେ




ଏଜେଂଟଙ୍କ ଆଗରେ ସିଲ୍ ଖୋଲାଯିବ। ଏହା ପରେ ଓ୍ୱାର୍ଡ ମେମ୍ବର ପାଇଁ ହଳଦିଆ, ସରପଂଚ ପାଇଁ ଗୋଲାପି, ସମିତି ସଭ୍ୟ ପାଇଁ ନୀଳ ଏବଂ ଜିଲ୍ଲା ପରିଷଦ ପାଇଁ ଧଳା ବାଲଟ ପେପରକୁ ଅଲଗା କରି ୫୦ ଟିକିଆ ବଣ୍ଡଲ କରାଯିବ। ପ୍ରଥମ ରାଉଣ୍ଡ ପରେ ଓ୍ୱାର୍ଡମେମ୍ବରଙ୍କ ଗଣତି ଓ ଫଳାଫଳ ବାହାରିବ। କାଉଂଟିଂ ବେଳେ ପ୍ରାର୍ଥୀଙ୍କ ଏଜେଂଟ ପ୍ରବେଶ ନେଇ କଟକଣା କୋହଳ କରିଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ। ଗଣତି ପାଇଁ ବିଡିଓ ଓ କାଉଂଟିଂ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

## ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପରଲୋକ ପରେ ଗଭୀର ଶୋକପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କୁ ଜଣେ ଦକ୍ଷ ଓ ଲୋକପ୍ରିୟ ରାଜନେତା ବୋଲି କହିବା ସହିତ ସମାଜର ଅବହେଳିତ ବର୍ଗର ଲୋକଙ୍କ ଉନ୍ନତି ତଥା ରାଜ୍ୟର ସାମୁହିକ ପ୍ରଗତି ପାଇଁ ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ତା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦଗତି କାମନା କରିଛନ୍ତି । ଅନ୍ୟପଟେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଟୁଇଟ୍ କରି ନିଜର ଶୋକବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତା ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଦକ୍ଷ, ବିରଳ ଓ ଅନୁଭବୀ ରାଜନୀତିଜ୍ଞଙ୍କୁ ହରାଇଲା । ଏଥିସହିତ ରାଜ୍ୟର ବିକାଶ ବିଶେଷ ଭାବରେ ଜନଜାତିଙ୍କ ପାଇଁ ତାଙ୍କର ବିଶେଷ ଅବଦାନ ଚିରସ୍ମରଣୀୟ ହୋଇ ରହିବ । ଦିବଙ୍ଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରି ଲେଖିଛନ୍ତି । ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମଧ୍ୟ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି ।

## କରୋନା ବେଳେ ଚୋରି ହେଉଥିଲା ଭେଣ୍ଟିଲେଟର

ଭୁବନେଶ୍ୱର, ୨୫/୦୨ (ନି.ପ୍ର): କରୋନା କାଳରେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଭେଣ୍ଟିଲେଟର, ଆଇସିୟୁ ଆଣିଥିଲେ । ସେହି ଭେଣ୍ଟିଲେଟର, ଆଇସିୟୁ ମନିଟର ଚୋରି କରି ଘରୋଇ ହସ୍ପିଟାଲକୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି । ଓଏସଏମସି ଜେନେରାଲ ମ୍ୟାନେଜର ଚୋରି ନେଇ ଏତଲା ଦେବା ପରେ ସାମ୍ନାକୁ ଆସିଛି ଏହି ସାଂଘାତିକ ଘଟଣା । ଗୋଦାମରୁ ଭେଣ୍ଟିଲେଟର, ଆଇସିୟୁ, ମେଡିକାଲ



ଉପକରଣ ଚୋରି ହେଉଥିବାର ଅଭିଯୋଗ ପରେ ତଦନ୍ତ କରି ୬ଜଣଙ୍କୁ ଗିରଫ କରିଛି ପୋଲିସ । କଟକ ଗୋପାଳପୁରରେ ଥିବା ରୁଦ୍ର ହସ୍ପିଟାଲ, ଚାଉଳିଆଗଞ୍ଜରେ ଥିବା ମୀରା ଓ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଏହି ସାମଗ୍ରୀ ବିକ୍ରି ହୋଇଥିବା ପୋଲିସ କହିଛି । ଭୁବନେଶ୍ୱରର ଆଦିବାସୀ ପଡିଆ ପାଖରେ ଥିବା ଏହି ସରକାରୀ ହଷ୍ଟେଲରେ ରହିଥିଲା ମେଡିକାଲ ଉପକରଣ । ଏହିଠାରୁ ବିଭିନ୍ନ କୋଭିଡ ହସ୍ପିଟାଲକୁ ଚିକିତ୍ସା ଉପକରଣ ପଠାଯାଉଥିଲା । ସିକ୍ୟୁରିଟି ଗାର୍ଡଙ୍କ ସୁରକ୍ଷାରେ ଥିବା ଏହି ଗୋଦାମ ଉପରେ ସ୍ୱାସ୍ଥ୍ୟ ବିଭାଗ ବି ନଜର ରଖିଥିଲା । କିନ୍ତୁ ସଭିଙ୍କୁ ଚକମା ଦେଇ ଚୋରି ହୋଇଚାଲିଥିଲା ମେଡିକାଲ ଉପକରଣ । ଏହି ଘଟଣାରେ ଦୁଇ ଘରୋଇ ଡାକ୍ତରଖାନାର ମାଲିକ ଗିରଫ ହୋଇଥିବାବେଳେ ଅନ୍ୟ ଏକ ଡାକ୍ତରଖାନାର ମାଲିକ ଫେରାର ଅଛନ୍ତି । କଳାବଜାରୀ ପଛରେ କିଏ କିଏ ସଂପୃକ୍ତ ଅଛନ୍ତି ତାର ଖୋଳତାଡ କରୁଛି କମିଶନରେଟ ପୋଲିସ ।

## ସୁବର୍ଣ୍ଣରେଖା ନଦୀରେ ବୁଡି ନାବାଳକ ଛାତ୍ରର ମୃତ୍ୟୁ

ଜଳେଶ୍ୱର, ୨୫/୨(ନି.ପ୍ର): ସବୁଦିନ ପରି ଆଜି ମଧ୍ୟ ସୁବର୍ଣ୍ଣରେଖା ନଦୀକୂଳ ପଶ୍ଚିମବାର୍ଡ ପଂଚାୟତ ଅଧିନସ୍ଥ ନମକନା ଗାଁର ହେମନ୍ତ ଗିରିଙ୍କ ନାବାଳକ ପୁଅ ନିର୍ମଳ ଗିରି ଓରଫ ଭୀମ (୧୪) ଗାଧୋଇବାକୁ ଯାଇଥିଲେ। ସ୍ନାନ ବେଳେ କୌଣସି କାରଣରୁ ତାଙ୍କ ଗୋଡ ଖସିଯିବାରୁ ସେ ଭାସିଯାଇଥିଲେ । କିନ୍ତୁ ଏ ସମ୍ପର୍କରେ କେହି ଜାଣିପାରିନଥିବା ବେଳେ ନଦୀରେ ଖୋଜାଖୋଜି ଆରମ୍ଭ ହୋଇଥିଲା । ପୂର୍ବାହ୍ନ ୧୦ଟା ବେଳେ ସେଠାରୁ ୨ କି.ମି. ଦୂର ପାଳସାହି ପଥରବନ୍ଧ ନିକଟରେ ନାବାଳକ ଭାସୁଥିବାର ଦେଖିବାକୁ ମିଳିଥିଲା । ପରେ ଘରଲୋକଙ୍କ ସହାୟତାରେ ସ୍ଥାନୀୟ ଲୋକେ ତାକୁ ପଶ୍ଚିମବାର୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନ୍ୟୁ) ଓ ପରେ ଜିକେଭଟ୍ଟର ହସ୍‌ପିଟାଲକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ନିର୍ମଳ ନମକନା ପ୍ରାଥମିକ ବିଦ୍ୟାଳୟର ୭ମ ଶ୍ରେଣୀରେ ପଢୁଥିବାରୁ ସାଂଗସାଥିଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି । ଅନ୍ୟପକ୍ଷରେ ହେମନ୍ତ ଜଣେ ଗରିବ ଲୋକ ହୋଇଥିବାରୁ ଗାଁର ରାଜେନ୍ଦ୍ର କର, ରମେଶଚନ୍ଦ୍ର ପାତ୍ର, ଅଜିତ୍ କୁମାର ରାୟ, ବାଦଲ କୁମାର ଧଳ ପ୍ରମୁଖ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

## ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପରଲୋକ

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଶୁକ୍ରବାର ଦିନ ପରଲୋକ ହୋଇଛି । ସେ ଏକ ଘରୋଇ ହସପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା । ସେ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏ ସମ୍ପର୍କରେ ତାଙ୍କ ଝିଅ ସୁନୀତା ସୂଚନା ଦେଇଛନ୍ତି । ଉଲ୍ଲେଖନୀୟ ଯେ ୭ ଡିସେମ୍ବର ୧୯୮୯ରୁ ୫ ମାର୍ଚ୍ଚ ୧୯୯୦ ଏବଂ ୬ ଡିସେମ୍ବର ୧୯୯୯ରୁ ୫ ମାର୍ଚ୍ଚ ୨୦୦୦ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ।



ସେ ରାଜ୍ୟର ଅନୁସୂଚିତ ଜନଜାତି ବର୍ଗର ମୁଖ୍ୟମନ୍ତ୍ରୀ ଥିଲେ । ସେ ବର୍ତ୍ତମାନର ଝାରସୁଗୁଡ଼ା ଜିଲ୍ଲାର ବଣଜଙ୍ଗଲ ଘେରା ଠାକୁରପଡ଼ାରେ ୧୯୩୯ରେ ଜନ୍ମ ଗ୍ରହଣ କରିଥିଲ । ୨୦୦୯ରେ ସୁନ୍ଦରଗଡ଼ର ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

## ୟୁକ୍ରେନ୍‌ରୁ ଓଡିଆଙ୍କୁ ଉଦ୍ଧାର କରିବାକୁ ସ୍ୱତନ୍ତ୍ର ସହାୟତା କେନ୍ଦ୍ର ଖୋଲିଲେ ସରକାର

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ୟୁକ୍ରେନରେ ଫସିଥିବା ଓଡ଼ିଆଙ୍କ ସୁରକ୍ଷିତ ପ୍ରତ୍ୟାବର୍ତନ ପାଇଁ ଓଡ଼ିଶା ସରକାର ଏକ ସ୍ୱତନ୍ତ୍ର ସହାୟତା କେନ୍ଦ୍ର ଖୋଲିଛନ୍ତି। ଦିଲ୍ଲୀସ୍ଥିତ ଓଡ଼ିଶା ଭବନଠାରେ ଥିବା ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ଏହି ସହାୟତା କେନ୍ଦ୍ର ଖୋଲାଯାଇଛି। ଏହା ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଓ ଅନ୍ୟ ସମସ୍ତ ସଂପର୍କିତ ଏଜେନ୍ସିମାନଙ୍କ ସହ ସମନ୍ୱୟ ରକ୍ଷା କରିବ। ଏଥିପାଇଁ ଆବାସିକ କମିଶନର ରବି କାନ୍ତଙ୍କୁ ଏଥିପାଇଁ ନୋଡାଲ ଅଫିସର ନିଯୁକ୍ତ କରାଯାଇଛି । ତାଙ୍କୁ



୮୫୨୭୮୫୦୨୪୫ (ମୋବାଇଲ ଓ ହ୍ୱାଟ୍ସଆପ ନମ୍ବର), ୦୧୧-୨୩୦୧୨୭୫୧ (ଲାଣ୍ଡଲାଇନ ନମ୍ବର) ଓ ଇମେଲ ଆଇଡି re.odisha@gmail.com କିମ୍ବା resem-or@nic.in ମାଧ୍ୟମରେ ଯୋଗାଯୋଗ କରିହେବ। ସୂଚନାଯୋଗ୍ୟ ଯେ, ୟୁକ୍ରେନ ଉପରେ ରଷିଆ ଆକ୍ରମଣ କରିଛି। ସେଠାରେ ହଜାର ହଜାର ଭାରତୀୟ ଛାତ୍ରଛାତ୍ରୀ ଓ ପେସାଦାର କର୍ମଚାରୀ ଫସି ରହିଛନ୍ତି। ସେମାନଙ୍କ ମଧ୍ୟରେ ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆ ରହିଛନ୍ତି। ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତନ ପାଇଁ ସରକାର ଉଦ୍ୟମ ଚଳାଇଛନ୍ତି।

## ୧୧ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କିଛି ଅଂଚଳରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହି ସମୟ ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ବୌଦ୍ଧ, କନ୍ଧମାଳ, ଗଞ୍ଜାମ ଓ ରାୟଗଡା ପ୍ରଭୃତି ୧୧ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ବା କାଳବୈଶାଖୀ ହେବାର ସମ୍ଭାବନା ରହିଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ୨୮ରୁ ବନ୍ଦ ହେବ ଭୁବନେଶ୍ୱରର ସବୁ କୋଭିଡ୍ ସେଂଟର

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଭୁବନେଶ୍ୱରରେ ଆସନ୍ତା ୨୮ ତାରିଖରୁ ସମସ୍ତ କୋଭିଡ୍ କେୟାର ସେଂଟର ବନ୍ଦ ହେବ। କୋଭିଡ୍ ସ୍ଥିତିରେ ସୁଧୁରୁଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଏପରି ନିଷ୍ପତି ନେଇଛି। ହାଇଟେକ ଓ କିମ୍‌ସ ମେଡିକାଲ୍‌କୁ କ୍ଲୋଜର ନୋଟିସ୍ ଦେଇଛି ବିଏମ୍‌ସି। ସମ୍ ଓ ଅଶ୍ୱିନୀରେ ବେଡ୍ ସଂଖ୍ୟା ହ୍ରାସ କରାଯିବାକୁ ନିଷ୍ପତି ନିଆଯାଇଛି। ସମ୍ ହସ୍ପିଟାଲରେ ୭୦ ଓ ଅଶ୍ୱିନୀରେ ୩୦ କୋଭିଡ୍ ଶଯ୍ୟା ରହିବ। ବର୍ତ୍ତମାନ କେବଳ ୩୦ ଜଣ କୋଭିଡ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି। ତେଣୁ ଏପରି ନିଷ୍ପତି ନିଆଯାଇଛି ବୋଲି ବିଏମସି ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି ।

## ଅଜଣା ବ୍ୟକ୍ତିର ଶବ ଉଦ୍ଧାର

ଜୟପୁର,୨୪/୨ (ନି.ପ୍ର): ଜୟପୁର ସହରର ଓଲଡ ଫିସ ମାର୍କେଟ ନିକଟରୁ ଜଣେ ବୃଦ୍ଧର ଶବକୁ ଜବତ କରିଛି । ମୃତ ବୃଦ୍ଧର ପରିଚୟ ମିଳି ପାରି ନଥିବା ବେଳେ ଆଜି ମୃତ୍ୟୁ ହୋଇ ଥିବା ସ୍ଥାନୀୟ ଲୋକେ ଦେଖି ଜୟପୁର ଟାଉନ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଂଚି ଶବକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରି ତଦନ୍ତ ଆରମ୍ଭ କରିଛି । ବୃଦ୍ଧର ପରିଚୟ ମିଳି ନଥିବା କାରଣରୁ ଜିଲା ଚିକିତ୍ସାଳୟରେ ଶବ ସଂରକ୍ଷଣ ଗୃହ ରେ ସବ କୁ ୭୨ ଘଂଟା ଯାଏ ରଖାଯିବ । ମୃତ ବୃଦ୍ଧ ପରିଚୟ ମିଳିବ କିମ୍ବା କେହି ସମ୍ପର୍କିତ ଆସିଲେ ଶବକୁ ହସ୍ତାନ୍ତର କରାଯିବ ନଚେତ ପୌର ପରିଷଦ ଦ୍ୱାରା ଶବକୁ ଅନ୍ତିମ ସଂସ୍କାର କରାଯିବ ବୋଲି ଟାଉନ ପୋଲିସ ତରଫରୁ ସୁଚନା ଦିଆଯାଇଛି ।

## ଜିଲ୍ଲାରେ ୧୧ ଲକ୍ଷ ଲୋକଙ୍କୁ ଟୀକାକରଣ

କେନ୍ଦ୍ରାପଡ଼ା,୨୪/୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ପ୍ରାୟ ୧୧ ଲକ୍ଷ ଲୋକ ଟୀକା ନେଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି । ୪୫ ରୁ ୬୦ ବର୍ଷ ବୟସ ମଧ୍ୟରେ ପ୍ରଥମ ଡୋଜ ୧୦ଲକ୍ଷ ୧୫ ହଜାର ୪୪୧ ଜଣ ନେଇଥିବା ବେଳେ ଦ୍ୱିତୀୟ ଡୋଜ ୮ଲକ୍ଷ ୨୨ ହଜାର ୨୦୩ ଜଣ ଟୀକା ନେଇଛନ୍ତି । ଏହି ଟୀକାକରଣ ଜିଲ୍ଲାର ୬୦ଟି କେନ୍ଦ୍ରରେ ଚାଲୁ ରହିଛି । ବରିଷ୍ଠ ନାଗରିକ ମାନଙ୍କୁ ଟୀକାକରଣ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏଥି ସହିତ ଅସୁସ୍ଥ ଥିବା ଲୋକମାନଙ୍କ ପାଇଁ ଘର ଘର ବୁଲି କୋଭିଡ ଟୀକା ପ୍ରଦାନ କରାଯାଉଛି । ସେହିପରି ଜିଲ୍ଲାରେ ୮୦ ହଜାର କିଶୋର କିଶୋରୀଙ୍କୁ ଟୀକାକରଣ ଧାର୍ଯ୍ୟ ଥିବାବେଳେ ଏମାନଙ୍କ ମଧ୍ୟରୁ ପ୍ରାୟ ୬୦ ହଜାର କିଶୋର କିଶୋରୀ ଟୀକା ନେଇଥିବା ସୂଚନା ମିଳିଛି ।

## ପୌର ନିର୍ବାଚନରେ ଓଜେପି ସମସ୍ତ ଆସନରେ ପ୍ରାର୍ଥୀ ଦେବ

ଭୁବନ,୨୪/୨ (ନି.ପ୍ର): ଆସନ୍ତା ଅପ୍ରେଲ ମାସରେ ହେବାକୁ ଥିବା ପୌର ନିର୍ବାଚନରେ ନୂଆକରି ଆତ୍ମପ୍ରକାଶ କରିଥିବା ରାଜନୈତିକ ଦଳ ଓଡିଶା ଜନତା ପାର୍ଟି (ଓଜେପି) ସମସ୍ତ ଆସନରେ ପ୍ରାର୍ଥୀ ଦେବ । ଶାସକବିଜେଡି , ବିରୋଧୀ ବିଜେପି ଓ କଂଗ୍ରେସ ଦଳରୁ ବହୁନେତା ଏଥିରେ ସାମିଲ ହେବେ । ଓଜେପି ରାଜ୍ୟରେ ବିକଳ୍ପ ସରକାର ଦେବା ଲକ୍ଷ୍ୟରେ ୯ ଦଫା ସମ୍ବଳିତ ଇସ୍ତାହାର ଘୋଷଣା କରିଛି । କୃଷିକୁ ବୈଷୟିକ ଶିକ୍ଷା ଭାବରେ ଉନ୍ନତ କରିବାସହିତ କୃଷିକୁ ଶିଳ୍ପର ମାନ୍ୟତା ଦେବା ସହିତ କୃଷକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା , ଶିକ୍ଷା ଓ ସ୍ୱାସ୍ଥ୍ୟକୁ ସଂପୂର୍ଣ୍ଣ ଦେୟମୁକ୍ତ କରାଯିବା , ୫୦ ଲକ୍ଷ ବେକାର ଯୁବକ, ଯୁବତୀଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ନିଯୁକ୍ତି ଦେବା , ମୋବାଇଲ ଆପ ଜରିଆରେ ସମସ୍ତ ନାଗରିକଙ୍କୁ ସରକାରୀ ଅଫିସ ନ ଯାଇ ତ୍ୱରିତ ସେବା ଯୋଗାଇଦେବା , ଆୟବହିର୍ଭୁତ ସଂପତିକୁ ବାଜ୍ୟାପ୍ତି କରି ସେହି ପୁଞ୍ଜିକୁ ଓଡିଶାର ସୌନ୍ଦର୍ଯ୍ୟ କରଣ ଓ ବୃକ୍ଷ ରୋପଣରେ ବିନିଯୋଗକରିବା, ଜନତା ଜନନୀ ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଦକ୍ଷ ଓ ସ୍ୱାବଲମ୍ବୀ କରିବା , ପ୍ରତ୍ୟେକ ନାଗରିକଙ୍କୁ ସ୍ୱଳ୍ପ ମୂଲ୍ୟରେ ବିଦ୍ୟୁତ ଓ ପାନୀୟଜଳ ଯୋଗାଣ , ପଂଚାୟତ ଓ ପୌର ପରିଷଦ କୁଲୋକାଭିମୁଖୀକରିବା , ୬୦ ବର୍ଷ ପରେସମସ୍ତ ନାଗରିକଙ୍କୁ ଇପିଏଫ ଯୋଜନାମାଧ୍ୟମରେ ଜନତା ପେନସନ ପ୍ରଦାନ କରିବା ଇତ୍ୟାଦି ପ୍ରତିଶୃତି ଦିଆଯାଇଛି । ଓଡିଶା ଜନତା ପାର୍ଟିପୌର ନିର୍ବାଚନରେ ବେଶ୍ ଭଲ କରିବ ଓ ଆଗାମୀ ଦିନରେ ରାଜ୍ୟରେ ବିକଳ୍ପ ସରକାର ଗଠନ କରିବ ବୋଲି ରାଜ୍ୟ ସଭାପତି ତଥାଗତ ସ୍ୱାଇଁ , ଉପ ସଭାପତି ଗିରିଜା ମହାନ୍ତି ଓ ରାଜ୍ୟ ସଂପାଦକ ଦିବ୍ୟରଂଜନ ସ୍ୱାଇଁ ଏକ ପ୍ରେସ ରିଲିଜରେ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପୁରୀ ବଜରଙ୍ଗ ଦଳର ଦାବିପତ୍ର

ପୁରୀ,୨୪/୨ (ନି.ପ୍ର): କର୍ଣ୍ଣାଟକର ଶିବମୋଗ ଜିଲ୍ଲାରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ହର୍ଷଙ୍କୁ ଜିହାଦିମାନେ ଛୁରୀ ଭୂଷି ହତ୍ୟା କରିବା ଘଟଣାକୁ ପୁରୀ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ଦୃଢ଼ ନିନ୍ଦା କରିଛି । ଏ ସମ୍ପର୍କରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ଜିହାଦିମାନେ ବାରମ୍ବାର ହିନ୍ଦୁଙ୍କ ଉପରେ ଆକ୍ରମଣ କରୁଛନ୍ତି । ଆକ୍ରମଣ ଓ ହତ୍ୟା ଘଟଣା ଦିନକୁ ଦିନ ବଢିବାରେ ଲାଗିଛି । ସାଧୁସନ୍ଥମାନେ ଏଥିରୁ ମଧ ବାଦ୍ ପଡୁନାହାଁନ୍ତି । ଦେଶରେ ରାଷ୍ଟ୍ର ବିରୋଧୀ ଓ ଧାର୍ମିକ ଅସହିଷ୍ଣୁତା ବୃଦ୍ଧି ପାଇବା ଯୋଗୁଁ ଅରାଜକତା ସୃଷ୍ଟି ହେଉଛି । ଜିହାଦି, ଆତଙ୍କି ସଂଗଠନମାନେ ଧାର୍ମିକ ଉନ୍ମାଦନା ସୃଷ୍ଟି କରି ଭାରତର ସାମାଜିକ ଆର୍ଥିକ ଓ ରାଜନୈତିକ ଅସ୍ଥିରତା ସୃଷ୍ଟି କରୁଛନ୍ତି । ହର୍ଷଙ୍କ ହତ୍ୟାକାରୀ ଓ ଷଡ଼ଯନ୍ତ୍ରକାରୀ ମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ପାଇଁ ବଜରଙ୍ଗ ଦଳ ଦାବି କରିଛି । ଏ ସମ୍ପର୍କରେ ବଜରଙ୍ଗ ଦଳର ଜିଲ୍ଲା ସଂଯୋଜକ ଦେବାର୍ପିତ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଦାବିପତ୍ର ଦେବା ସମୟରେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ମହାନ୍ତି, ସହ ସଂଯୋଜକ ଅଭିଷେକ ମେକାପ, ଜ୍ଞାନରଞ୍ଜନ ମହାନ୍ତି, ଶୁଭାଶିଷ ମହାପାତ୍ର,ଶାନ୍ତନୁ ପାତ୍ର, ପ୍ରୟାସ ମହାପାତ୍ର, ପ୍ରହଲ୍ଲାଦ ଖଂଟିଆ, ଦେବାଶିଷ ସ୍ୱାଇଁ, ସୂର୍ଯ୍ୟନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ଆବାସ ଯୋଜନାରେ ଚଞ୍ଚକତା : ତାଲିକାରେ ଜଣଙ୍କ ନାଁ, ଅନ୍ୟ ଜଣଙ୍କୁ କାର୍ଯ୍ୟାଦେଶ

କୁଆମରା,୨୪/୨ (ନି.ପ୍ର): ତାଲିକାରେ ଜଣଙ୍କ ନାଁ, ଘର ମିଳିଛି ଆଉ ଜଣଙ୍କୁ। ଏପରି ଅଭିଯୋଗ ଆଣିଛନ୍ତି ଗୋପବନ୍ଧୁନଗର ବ୍ଲକ୍ ସାଇଁକୁଳା ପଂଚାୟତ ଚକବ୍ରାହ୍ମଣ ସାହିର ପ୍ରଶାନ୍ତ ସାହୁ। ପ୍ରଶାନ୍ତଙ୍କ ସୂଚନା ମୁତାବକ ୨୦୧୬/୧୭ ମସିହାରେ ପଞ୍ଚାୟତର ପିଇଓ ଓ ଜିଆରଏସ୍ ଦୁହେଁ ତାଙ୍କ ଘରକୁ ଯାଇ ତଦନ୍ତ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କ ପାଇଁ ବାସଗୃହ ମଞ୍ଜୁର ହୋଇଥିବାର କହିଥିଲେ। ସେମାନଙ୍କ କହିବା ଅନୁଯାୟୀ ପରଦିନ ହିଁ ଆବଶ୍ୟକ କାଗଜପତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିଥିଲେ ପ୍ରଶାନ୍ତ। ହେଲେ ଘର ମିଳିଲାନି। ପଚାରିବାରୁ କାଗଜପତ୍ର ଯାଇଛି, ମଞ୍ଜୁର ହୋଇ ଆସିଲେ ଜଣାଇ ଦିଆଯିବ ବୋଲି ଉତ୍ତର ମିଳିଲା। ଏପଟେ ୩ ବର୍ଷ ତଳେ ଏକ ଦୁର୍ଘଟଣାରେ ମୃତ୍ୟୁ ମୁଖରୁ ବର୍ତି ଯାଇଥିଲେ ମଧ୍ୟ ପ୍ରଶାନ୍ତ ଏବେ ଭିନ୍ନକ୍ଷମ। କୁଟାଖଣ୍ଡିଏ ଉଠାଇବାକୁ ବି ବଳନାହିଁ। ଘର କହିଲେ ଚାଳଛପର ଖଣ୍ଡିଏ ଅଛି।



ତିନି ବର୍ଷ ଧରି ମରାମତି ନକରି ପାରିବାରୁ ଛପର ଉପରୁ ନଡା ଖସିଲାଣି। ଅଧିକ ବର୍ଷା ହେଲେ ସ୍ତ୍ରୀ ଓ ପୁଅକୁ ଧରି ଘର ଆଗରେ ଥିବା ମନ୍ଦିରରେ ରାତି କଟାନ୍ତି। ତେବେ ତାଙ୍କ ଘର ବଣ୍ଟନକୁ ନେଇ ତଞ୍ଚକତା ହୋଇଥିବା ଜଣାପଡ଼ିଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ୨୦୧୭ରୁ ୨୦୨୦ ମଧ୍ୟରେ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ଆକାଉଣ୍ଟକୁ ଘର ମରାମତି ବାବଦକୁ ୩ହଜାର ଟଙ୍କା ପ୍ରଦାନ କରିଥିଲେ। ତେବେ ଟଙ୍କା ଦେବା ପୂର୍ବରୁ ପଞ୍ଚାୟତମାନଙ୍କୁ ଆବାସ ଯୋଜନାରେ ସାମିଲ ହୋଇଥିବା ବାସଗୃହର ତାଲିକା ମଗାଯାଇଥିବା ବେଳେ ଘରର ଫଟୋ ଉଠାଇ ପଠାଇବାକୁ ନିର୍ଦ୍ଦେଶ ଥିଲା। ପଞ୍ଚାୟତ ତାଲିକାରେ ସେହି ମସିହାରେ ପ୍ରଶାନ୍ତଙ୍କ ନାମରେ ଘର ମିଳିଥିବା ଦର୍ଶାଯାଇଛି। ତେବେ ପ୍ରକୃତରେ ଏହି ଘର ଚକବ୍ରହ୍ମାଣ ସାହି ଗାଁର ଅନ୍ୟ ଜଣେ ପ୍ରଶାନ୍ତ ସାହୁଙ୍କୁ ମିଳିଥିବା ଜଣାପଡ଼ିଛି। କାହା ଭୁଲ୍ ଯୋଗୁ ତାଙ୍କ ଘର ଅନ୍ୟ ଜଣକୁ ମିଳିଲା ବୋଲି ପ୍ରଶ୍ନ କରିଛନ୍ତି ପ୍ରଶାନ୍ତ। ଏହି ଘଟଣା ଜଣା ପଡିବା ପରେ ତଦନ୍ତ ପାଇଁ ଦାବି କରିଛନ୍ତି ବିଜେଡିର ବ୍ଲକ୍ ଉପାଧ୍ୟକ୍ଷ ମାନସ ରଞ୍ଜନ ମହାରଣା ତେବେ ଭଙ୍ଗା ଘରେ ରହୁଥିବା ପ୍ରଶାନ୍ତଙ୍କୁ କେବେ ଆବାସ ଗୃହ ମିଳିବ ତାହା ଦେଖିବାକୁ ବାକି ରହିଲା।

## ଶିବାନନ୍ଦ ଆଶ୍ରମରେ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୨୪/୨ (ନି.ପ୍ର): କେନ୍ଦ୍ରାପଡା ଟାଉନ ସଂଲଗ୍ନ ଦିବ୍ୟ ଶିବାନନ୍ଦ ଆଶ୍ରମ ଗରାପୁର ପରିସରରେ କଲ୍ୟାଣକାରୀ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଶ୍ରୀମା ସ୍ୱାମୀ ଦିବ୍ୟା ସ୍ୱରୂପା ନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କୋଭିଡ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଆଶ୍ରମ ପରିସରରେ ଚାଲିଥିବା ସପ୍ତାହ ବ୍ୟାପି ଏହି ଯଜ୍ଞରେ ପ୍ରତିଦିନ ସୂର୍ଯ୍ୟପୂଜା, ଯୋଗ ଶିବିର ଆଦି ସହିତ ପିଲାମାନଙ୍କ ମଧ୍ୟରେ ପାରମ୍ପରିକ ନୃତ୍ୟର ପ୍ରତିଯୋଗିତା, ଅନ୍ୟ ଯଜ୍ଞ, ନାମ ସଂକ୍ରିତନ, ସତସଂଙ୍ଗ, ସମାଜ ସଂସ୍କାର, ପାଠଚକ୍ର, ଆଧାତ୍ମିକ ସାତିତ୍ୟ ଆସର, ଶିବାନନ୍ଦ ଭଜନ ପ୍ରଭୃତି କାର୍ଯ୍ୟକ୍ରମ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଯଜ୍ଞ ଆଚାର୍ଯ୍ୟ ସର୍ବଶ୍ରୀ ପସନ୍ନ ନନ୍ଦ, ରବି ନାରାୟଣ ମହାପାତ୍ର, ସୌରୀ ନନା ଓ ସେମାନଙ୍କ ସହକର୍ମୀ ମାନଙ୍କ ଦ୍ୱାରା ରୀତି ଅଣୁସାରେ ଯଜ୍ଞରେ ଅଙ୍କୁର ରୋପଣ ଅଧିବାସ ଠାରୁ ପୂର୍ଣ୍ଣହୂତି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ନିର୍ବିଘ୍ନରେ ହୋଇଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ସାଧୁ ସନ୍ଥ, ବରିଷ୍ଠ ନାଗରିକ, ଡାକ୍ତର, ଆଇନଜୀବି, ଅଧ୍ୟାପକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

## ଶିଶୁଭବନରେ ଖୋଲିଲା ନେଫ୍ରୋଲୋଜି ବିଭାଗ




କଟକ ,୨୪/୨ (ନି.ପ୍ର): କଟକସ୍ଥିତ ଶିଶୁଭବନରେ ନୋଫ୍ରୋଲୋଜି ବିଭାଗ ଖୋଲିଛି। ଏହି ବିଭାଗକୁ ଦୁଇଟି ଅତ୍ୟାଧୁନିକ ହେମୋ ଡାଏଲିସିସ୍ ମେସିନ୍ ଯୋଗାଇ ଦିଆଯାଇଛି। ଏଥିସହିତ, ନୂଆ ବିଭାଗରେ କିଡ୍‌ନୀ ରୋଗ ବିଶେଷଜ୍ଞ ପରୀକ୍ଷାମୂଳକ ଭାବେ ଚିକିତ୍ସା ଆରମ୍ଭ କରିଦେଇଛନ୍ତି। ଏଣିକି କିଡ୍‌ନୀ ରୋଗରେ ଆକ୍ରାନ୍ତ ଶିଶୁମାନଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବନି। ଆସନ୍ତା ମାର୍ଚ୍ଚ ୧୦ ତାରିଖ ‘ ବିଶ୍ୱ କିଡ୍‌ନୀ ଦିବସ’ ଅବସରରେ ଏହି ବିଭାଗକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଶିଶୁଭବନ ପକ୍ଷରୁ ସୂଚନା ମିଳିଛି। ରାଜ୍ୟପାଳଙ୍କ କୋଠା କୁହାଯାଉଥିବା ମେଡିକାଲ୍ ୱାର୍ଡ-୨ରେ ନେଫ୍ରୋଲୋଜି ବିଭାଗ ଖୋଲାଯାଇଛି। ଏଥିରେ ୧୪ଟି ଇନ୍‌ଡୋର୍ ବେଡ୍ ରହିଛି। ଏହାବାଦ୍ ଦୁଇଟି ଡାଏଲିସିସ୍ ବେଡ୍ ରହିଛି। ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ଅତ୍ୟାଧୁନିକ ହେମୋ ଡାଏଲସିସିସ୍ ମେସିନ୍ ରାଜ୍ୟ ସରକାର କିଣିଛନ୍ତି। ଏହି ନୂଆ ବିଭାଗ ପାଇଁ ଜଣେ କିଡ୍‌ନୀ ରୋଗ ବିଶେଷଜ୍ଞଙ୍କ ସହିତ ଜଣେ ଲେଖାଏଁ ଆସିଷ୍ଟାଣ୍ଟ ପ୍ରଫେସର, ସିନିଅର୍ ରେସିଡେଣ୍ଟସ୍ ଏବଂ ପିଜି ଛାତ୍ରଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କ ସହିତ ଆଟେଣ୍ଡାଣ୍ଟ, ନର୍ସଙ୍କୁ ସାମିଲ୍ କରାଯାଇଛି। ୮ ଘଣ୍ଟା ଲେଖାଏଁ ୩ଟି ପର୍ଯ୍ୟାୟରେ ୨୪ ଘଣ୍ଟିଆ ଚିକିତ୍ସା ସେବା ଯୋଗାଇ ଦିଆଯିବ। ଜାପାନ କୋଠାରେ ଏହି ବିଭାଗର ଏକ ଆଉଟ୍‌ଡୋର ବି କାର୍ଯ୍ୟ ଆରମ୍ଭ କରିଛି। ଯେଉଁମାନେ ଗୁରୁତର ଅଛନ୍ତି, ସେମାନଙ୍କୁ ଇନ୍‌ଡୋରକୁ ସ୍ଥାନାନ୍ତର କରାଯାଉଛି। ଶିଶୁଭବନରେ କିଡ୍‌ନୀ ରୋଗୀଙ୍କ ପାଇଁ କେବଳ ପେରିଟୋନାଲ୍ ଡାଏଲିସିସ ବା ପେଟା ଡାଏଲିସିସ୍ ପୂର୍ବରୁ କରାଯାଉଥିଲା। କିନ୍ତୁ ଅତ୍ୟାଧୁନିକ ଡାଏଲିସିସ୍ କୁହାଯାଉଥିବା ହେମୋ ଡାଏଲିସିସ୍ ବ୍ୟବସ୍ଥା ନଥିଲା।

## ବଢୁଛି ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ ଅଡୁଆ

ପୁରୀ ,୨୪/୨ (ନି.ପ୍ର): କୌଣସି ପରିସ୍ଥିତିରେ ବି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ୧୦୦ ମିଟର ପରିଧିରେ ନିର୍ମାଣ କାର୍ଯ୍ୟ ହୋଇପାରିବନି। ଏହା ଏନ୍‌ଏମ୍‌ଏ ନିୟମର ଖୋଲା ଉଲ୍ଲଂଘନ। ଯଦି ୧୦୦ ମିଟର ପରିଧିରେ କିଛି ଖନନ ବା ନିର୍ମାଣ କାର୍ଯ୍ୟ କରାଯାଏ, ଶ୍ରୀମନ୍ଦିର ପ୍ରତି ବିପଦ ମାଡ଼ିଆସିବ। ଶ୍ରୀମନ୍ଦିରରେ ଫାଟ ସହ ଭୁଶୁଡ଼ିବା ପରିସ୍ଥିତି ସୃଷ୍ଟି ହେବ। ଯାହା ବି ନିର୍ମାଣ କାର୍ଯ୍ୟ କରାଯାଉଛି, ୧୦୦ ମିଟର ପରିଧି ବାହାରେ କରାଯାଉ। ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଓ ଐତିହ୍ୟ କରିଡର ପ୍ରକଳ୍ପ ଅନୁଧ୍ୟାନ ପରେ ଦୁଇଦିନ ତଳେ ଏଏସ୍‌ଆଇ ଡିଜି ଭି. ବିଦ୍ୟାଭାରତୀ ଓ ତାଙ୍କ ଟିମ୍ ଏହି ଯୁକ୍ତି ବାଢ଼ିଥିଲେ। ଶ୍ରୀମନ୍ଦିର ବିପଦକୁ ନେଇ ଏଭଳି ଆଶଙ୍କା ବ୍ୟକ୍ତ କରିବା ପରେ ଐତିହ୍ୟ କରିଡର ପ୍ରକଳ୍ପର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ସେପଟେ ପ୍ରକଳ୍ପ କାମ ଏତେ ବାଟ ଆଗେଇବା ପରେ ଏଏସ୍‌ଆଇ ହଠାତ୍ ଚିହିଁକି ଉଠିବା ବି ସାଧାରଣରେ ପ୍ରଶ୍ନ ଠିଆକରିଛି। ଯଦି ପ୍ରକଳ୍ପ କାମ ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି କରୁଥିଲା, ତେବେ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ମୁଣ୍ଡାଇଥିବା ଏଏସ୍‌ଆଇ ଏତେ ଦିନ ଧରି କାହିଁକି ଚୁପ ଥିଲା ବୋଲି ଭକ୍ତ ଓ ସେବାୟତ ମହଲ ପ୍ରଶ୍ନ କରିଛନ୍ତି। ହେଲେ ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପରିଚାଳନା କମିଟିର ନିରବତାକୁ ନେଇ ମଧ୍ୟ ଭକ୍ତ ମହଲ ପ୍ରଶ୍ନ ଉଠାଇଛନ୍ତି।

ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପର ନକ୍ସା ଶ୍ରୀମନ୍ଦିର ପରିଚାଳନା କମିଟି ଓ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ ଲାଭ କରିବା ପରେ ଦୁଇ ମାସ ତଳେ ଏହାର ଶିଳାନ୍ୟାସ ପର୍ବ ଅନୁଷ୍ଠିତ ହୋଇଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଗହଣରେ ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଇଥିମଧ୍ୟରେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର, ପୂର୍ବ-ଦକ୍ଷିଣ ଦ୍ୱାର, ଦକ୍ଷିଣ ଦ୍ୱାରରେ ଖନନ କାମ ଆରମ୍ଭ ହୋଇଛି। ପଶ୍ଚିମଦ୍ୱାରରେ ଖନନ ପରେ ମୂଳଦୁଆ ପଡ଼ି ପିଲାର ଉଠିବା ପାଇଁ ଆଜିଠାରୁ ରଡ୍ ବାଇଣ୍ଡିଂ କାମ ଆରମ୍ଭ ହୋଇଛି। ଏତେ ବାଟ କାମ ଆଗେଇବା ପରେ ଏବେ ପ୍ରକଳ୍ପର ଏନ୍‌ଏମ୍‌ଏ ଅନୁମୋଦନକୁ ନେଇ ଝଡ଼ ସୃଷ୍ଟି ହୋଇଛି। ଗତ ୨୧ ତାରିଖରେ ଏଏସଆଇ ଡିଜି ଭି. ବିଦ୍ୟାଭାରତୀ ୧୦୦ ମିଟର ପରିଧି ବାହାରେ ନିର୍ମାଣ କାର୍ଯ୍ୟ କରିବା ଓ ଐତିହ୍ୟ କରିଡର ପ୍ରକଳ୍ପର ଏନ୍‌ଏମ୍‌ଏ ଅନୁମୋଦନ କଥା ଉଠାଇବା ଏହି ପ୍ରକଳ୍ପକୁ ବିବାଦ ମୁହଁକୁ ପୁଣି ଥରେ ଠେଲି ଦେଇଛନ୍ତି। କାରଣ ପ୍ରତ୍ନତତ୍ତ୍ୱ ବିଭାଗ ଅଭିଯୋଗ କରିଛି, ଐତିହ୍ୟ କରିଡର ପ୍ରକଳ୍ପ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏନ୍‌ଏମଏର କୌଣସି ଅନୁମୋଦନ ପତ୍ରପାଇନି। ଯଦି ମିଳିଛି, ଏହାର ନକଲ ଦେବାକୁ ଓବିସିସିକୁ ଚିଠି କରିଛି। କିନ୍ତୁ ଓବିସିସି ଆଜି ପର୍ଯ୍ୟନ୍ତ ଏହାର ଅନୁମୋଦନପତ୍ର ଦେଇପାରୁନି। ଏପଟେ ଶ୍ରୀମନ୍ଦିର ପ୍ରଶାସନ ଯୁକ୍ତି ବାଢୁଛି ଯେ ବର୍ତ୍ତମାନ ପ୍ରକଳ୍ପର ଯେଉଁ କାମ ଜାରି ରହିଛି, ତାହାର ଅନୁମୋଦନ ଏନ୍‌ଏମ୍‌ଏ ଆମକୁ ଦେଇସାରିଛି। କିନ୍ତୁ ଯେଉଁ ପ୍ରକଳ୍ପ କାମ ଆରମ୍ଭ ହୋଇନି, ସେଥିପାଇଁ ଆମେ ଅନୁମୋଦନ ମାଗିଛୁ। ଏଠି ପ୍ରତ୍ନତତ୍ତ୍ୱ ବିଭାଗ ଠିକ୍ ନାଁ ଶ୍ରୀମନ୍ଦିର ପ୍ରଶାସନ ଠିକ୍, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ଭକ୍ତ ଓ ସେବାୟତ ମହଲ ପ୍ରଶ୍ନ କରିଛନ୍ତି, ଏତେବଡ଼ ପ୍ରସଙ୍ଗରେ କାହିଁକି ଶ୍ରୀମନ୍ଦିର ପ୍ରଶାସନ ଓ ଶ୍ରୀମନ୍ଦିର ପରିଚାଳନା କମିଟି ନିରବତା ଅବଲମ୍ବନ କରୁଛନ୍ତି। କାହିଁକି ସର୍ବସମ୍ମୁଖରେ ଏହାର ଉତ୍ତର ରଖାଯାଉନି। କାହିଁକି ଅଗଣିତ ଭକ୍ତଙ୍କ ସହ ସେବାୟତଙ୍କୁ ଅନ୍ଧାରରେ ରଖାଯାଉଛି। ଭକ୍ତ ଓ ସେବାୟତ ମହଲ ସମାନ ପ୍ରଶ୍ନ ପ୍ରତ୍ନତତ୍ତ୍ୱ ବିଭାଗକୁ ବି କରିଛନ୍ତି। ଯଦି ଶ୍ରୀମନ୍ଦିର ପ୍ରତି ଖନନ କାର୍ଯ୍ୟ ବିପଦ ଥିଲା, କାହିଁକି ଏହି କାମକୁ ଅଟକାଗଲାନି। ଶ୍ରୀମନ୍ଦିର ପ୍ରଶାସନ, ମନ୍ଦିର ପରିଚାଳନା କମିଟି ଓ ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀମାନେ ସ୍ୱଷ୍ଟୀକରଣ ରଖନ୍ତୁ ବୋଲି ଭକ୍ତ ଓ ସେବାୟତ ମହଲ ଦାବି ରଖିଛନ୍ତି।

## ଦୁର୍ନୀତିରେ ବୁଡ଼ିଛି ରାଉରକେଲା ଯୋଗାଣ ବିଭାଗ : ହିତାଧିକାରୀ ଦହଗଞ୍ଜ, ଅଧିକାରୀ ନିରବ

ରାଉରକେଲା ,୨୪/୨ (ନି.ପ୍ର): ବିଭିନ୍ନ ଦୁର୍ନୀତିକୁ ନେଇ ସର୍ବଦା ଚର୍ଚ୍ଚାର ରହୁଛି ସୁନ୍ଦରଗଡ଼ ଯୋଗାଣ ବିଭାଗ। ଚାଉଳ ଓ ଗହମ ହରିଲୁଟ୍ ହେଉ ଅବା କିରାସିନ ବାଟମାରଣା, ସବୁଥିରେ ବ୍ୟାପକ ହେରଫେର ହେଉଛି। ସବୁକିଛି ବିଭାଗୀୟ ଅଧିକାରୀ ଜାଣୁଛନ୍ତି। କେବଳ ଜାଣୁ ନାହାନ୍ତି, ସେଥିରୁ ଭାଗ ମଧ୍ୟ ପାଉଛନ୍ତି ବୋଲି ଅଭିଯୋଗ ରହିଛି। କାଁ ଭାଁ କାର୍ଯ୍ୟାନୁଷ୍ଠାନ ହେଉଛି, କିନ୍ତୁ ସ୍ଥିତି ବଦଳୁ ନାହିଁ। ରାଉରକେଲାରେ ତ ପରିସ୍ଥିତି ଅତି ସାଂଘାତିକ ହୋଇ ପଡ଼ିଛି। ଅସଂଖ୍ୟ ଅଭିଯୋଗ ଥିଲେ ହେଁ ଗୋଦାମ ସମେତ ଯୋଗାଣ ବିଭାଗର ଅଧିକାଂଶ ଅଧିକାରୀ ଗୋଟିଏ ସ୍ଥାନରେ ବର୍ଷ ବର୍ଷ ରହି ଦୁର୍ନୀତିର ଚେର ମେଲାଇଛନ୍ତି। ସେମାନଙ୍କ ବିରୋଧରେ ପ୍ରମାଣ ଥିଲେ ହେଁ କିଛି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତାଙ୍କୁ ଅନ୍ୟତ୍ର ବଦଳି କରିବାକୁ ବିଭାଗୀୟ ଉଚ୍ଚ ଅଧିକାରୀ କାହିଁକି ପଛଘୁଞ୍ଚା ଦେଉଛନ୍ତି ବୁଝାପଡୁନି। ଉଲ୍ଲେଖଯୋଗ୍ୟ, ବର୍ଷ ବର୍ଷ ଧରି ୧୯୩୨ ଭୂତ କାର୍ଡରେ ଉଠୁଥିଲା ଶହ ଶହ କ୍ୱିଣ୍ଟାଲ ଚାଉଳ ଓ ଗହମ। ବାରମ୍ବାର ଅଭିଯୋଗ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଉରକେଲା ଯୋଗାଣ ବିଭାଗରେ ଚାଲିଥିବା ଦୁର୍ନୀତି ପଦାକୁ ଆସିଥିଲା। ୧୯୩୨ ଭୂତ କାର୍ଡକୁ ଶେଷରେ ବାତିଲ୍ କରାଯାଉଛି। ଅର୍ଥାତ୍ କାର୍ଡ ପିଛା ୪ ଜଣ ସଦସ୍ୟ ଥିଲେ ୭ ହଜାର ୭୨୭ ଜଣଙ୍କ ନାଁରେ ଉଠାଯାଉଥିବା ଚାଉଳ ଓ ଗହମକୁ ମିଳିମିଶି ଚଳୁ କରୁଥିଲେ। ସାମିଲ ଥିଲେ ଯୋଗାଣ ବିଭାଗର କରିତକର୍ମା ଅଧିକାରୀ, କର୍ମଚାରୀ ଓ କିଛି କଣ୍ଟ୍ରୋଲ ଦୋକାନୀ ସହ ଏସ୍‌ଏଚ୍‌ଜି ଗ୍ରୁପ୍। କାର୍ଡ ସିନା ବାତିଲ ହେଲା, ଯୋଗାଣ ବିଭାଗର ଅଧିକାରୀ କେବଳ ତଦନ୍ତ କରି କାମ ସାରିଦେଲେ। କିନ୍ତୁ ଏଯାଏ ଜଣେ ହେଲେ ଯୋଗାଣ ଅଧିକାରୀ, କର୍ମଚାରୀ, କଣ୍ଟ୍ରୋଲ ଦୋକାନୀ ଓ ଏସ୍‌ଏଚ୍‌ଜି ଗ୍ରୁପ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ସେମିତି ଏବେ କିରାସିନରେ ଚାଲିଛି ବ୍ୟାପକ ହରିଲୁଟ୍। ସମସ୍ତଙ୍କ ଘରେ ବିଜୁଳି ଆଲୋକ ଅଛି। ସମସ୍ତ ବସ୍ତିବାସିନ୍ଦାଙ୍କୁ ଉଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ ମିଳିଛି। ପୂର୍ବପରି କିରାସିନର ଆବଶ୍ୟକତା ନଥିବାରୁ କାର୍ଡଧାରୀ କଣ୍ଟ୍ରୋଲ ଦୋକାନକୁ ଯାଉନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରାଉରକେଲା ସହରରେ ପାଖାପାଖି ୪୫% କାର୍ଡଧାରୀ କଣ୍ଟ୍ରୋଲ ଦୋକାନରୁ କିରାସିନ ନେଉନାହାନ୍ତି। ରାଉରକେଲା ସହରରେ ମୋଟ ୬୭ ହଜାର ୯୭୧ କାର୍ଡ ମିଳିଛି। କାର୍ଡ ପିଛା ମାସକୁ ୧.୫ ଲିଟର କରି ପାଖାପାଖି ୧ ଲକ୍ଷ ୧୯ ହଜାର ଲିଟରରୁ ଅଧିକ କିରାସିନ ଉଠୁଛି। ଲିଟର ପିଛା ୫୨ ଟଙ୍କା କରି ପାଖାପାଖି ୫୩ ଲକ୍ଷର କିରାସିନ ଉଠାଯାଉଛି। ୪୫% ଅର୍ଥାତ୍ ? ପାଖାପାଖି ୧୧ ଲକ୍ଷ ଟଙ୍କାର କିରାସିନ କଣ୍ଟ୍ରୋଲ ଦୋକାନରେ ବିକ୍ରି ହେଉନାହିଁ। କଳାବଜାରରେ ଏସବୁ କିରାସିନ ୮ରୁ ଅଧିକ ଟଙ୍କା ଅର୍ଥାତ୍ ୬୦ ଟଙ୍କାରେ ବିକ୍ରି କରାଯାଉଛି। ଏପରି ଭାବେ ମାସକୁ ୪ ଲକ୍ଷରୁ ଅଧିକ ଟଙ୍କାକୁ ମିଳି ମିଶି ଚଳୁ କରୁଥିବା ଅଭିଯୋଗ ହେଉଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଶୂନ୍। କେବଳ ସେତିକି ନୁହେଁ, ରାଉରକେଲା ସହର ସମେତ କିଛି ବ୍ଲକକୁ ପିଡିଏସ୍ ସାମଗ୍ରୀ ଯୋଗାଣ ଠିକ୍ ଭାବେ ହେଉ ନଥିବାର ଅଭିଯୋଗ ଆସିଛି। ଫଳରେ ଲୋକେ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। ଏସବୁ ଜାଣୁଥିଲେ ହେଁ ରାଉରକେଲା ଯୋଗାଣ ବିଭାଗର ଅଧିକାରୀମାନେ ଚୁପ୍ ବସିଛନ୍ତି। ସରକାରୀ ନିୟମ ଅନୁଯାୟୀ, ମାସର ୧ରୁ ୧୦ ତାରିଖ ମଧ୍ୟରେ ପ୍ରଥମ ଓ ୧୧ରୁ ୧୬ ତାରିଖ ମଧ୍ୟରେ ଦ୍ୱିତୀୟ କୋଟା ଡିଲର ପଏଣ୍ଟରେ ପହଞ୍ଚିବା କଥା। କିନ୍ତୁ ଏହି ସମୟରେ ଡିଲର ପଏଣ୍ଟରେ ପିଡିଏସ୍ ସାମଗ୍ରୀ ପହଞ୍ଚିପାରୁନି। ଠିକ୍ ସମୟରେ ସାମଗ୍ରୀ ପହଞ୍ଚୁ ନଥିବାରୁ ହିତାଧିକାରୀମାନେ ନାହିଁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବାରମ୍ବାର କଣ୍ଟ୍ରୋଲ ଦୋକାନକୁ ଆସୁଥିଲେ ମଧ୍ୟ ଚାଉଳ ଓ ଗହମ ପାଇପାରୁ ନାହାନ୍ତି। ଜଣେ କି ଦୁଇ ଜଣ ନୁହେଁ, ଏମିତି ଶହ ଶହ ହିତାଧିକାରୀ ଡିଲରକୁ ପିଡିଏସ୍ ସାମଗ୍ରୀ ନେବାକୁ ବାରମ୍ବାର ଦୌଡୁଛନ୍ତି। ଅଭିଯୋଗ ହେଲେ ମଧ୍ୟ ଅଧିକାରୀମାନେ ନିଜ ପକେଟ ଗରମ ହେଉଥିବାରୁ ନିରବ ରହୁଛନ୍ତି। ଗଣମାଧ୍ୟମରେ ଏହି ପ୍ରସଙ୍ଗରେ ବାରମ୍ବାର ଖବର ପ୍ରକାଶିତ ହେଉଥିଲେ ହେଁ ଜିଲ୍ଲା ଯୋଗାଣ ବିଭାଗ ସୁଧୁରୁ ନାହିଁ। ତେଣୁ ଏହି ଦୁର୍ନୀତିର ଚେର ଉପରକୁ ମାଡ଼ିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଜହ୍ନ ରାଇଜରେ ଜାଗାଟେ କିଣିଛି ଗୀତକୁ ନେଇ ଚର୍ଚ୍ଚା

ପୁରୀ,୨୪/୨ (ନି.ପ୍ର): ଜହ୍ନ ସ୍ୱପ୍ନ ସାଗରର ଅମ୍ଳାନ ଚିହ୍ନ। ପିଲାଟି ଦିନରୁ ଜହ୍ନ ସହ ଶିଶୁର ମନ ଜଡିତ। ଜହ୍ନ ଏକ ସୁନ୍ଦର ପ୍ରତିବିମ୍ବ। ପ୍ରେମର ଅନନ୍ୟ ପ୍ରତୀକ। ଜହ୍ନ ରାଇଜକୁ ଯିବା ପାଇଁ ପିଲା ଦିନରୁ ଶିଶୁଟିର ସ୍ୱପ୍ନ ରହିଥାଏ। ସେହି ସ୍ୱପ୍ନକୁ ଗୀତରେ ସାକାର କରିଛନ୍ତି ଗୀତିକବି ଗୁରୁ ଶତପଥୀ। ସୁରସିଦ୍ଧି କ୍ରିଏସନ୍‌ର ଜହ୍ନ ରାଇଜରେ ଜାଗାଟେ କିଣିଛି ଗୀତକୁ ନେଇ ଶ୍ରୋତାଙ୍କ ମନ ଏବେ ଜହ୍ନ ରାଇଜରେ ଉଡୁଛି ବୋଲି ପୁରୀ ସହରରେ ଚର୍ଚ୍ଚା ହେଉଛି। ଖାଲି ଜହ୍ନ ରାଇଜରେ ଜାଗା କିଣାଯାଇନି ସେଥିରେ ଏକ ସ୍ୱପ୍ନର ଘର ତୋଳିବା ପାଇଁ କବି ଗୀତ ଜରିଆରେ ଶ୍ରୋତାଙ୍କ କାନରେ ଶୁଣାଇଛନ୍ତି। ଘରଟି ଇଟା ପଥରରେ ତିଆରି ହେବନି, ଫୁଲରେ ତିଆରିବା ପାଇଁ ଗୀତରେ ବାର୍ତ୍ତା ରହିଛି ଏବଂ ଯେଉଁ ଘରେ ପ୍ରେମ, ଆସକ୍ତି ଓ ମିଳନର ସତା ରହିଛି। ଗୀତିକାର ମର୍ତ୍ତ୍ୟ, ପାତାଳକୁ ଛାଡି ଜହ୍ନ ରାଇଜରେ ଏକ ସ୍ୱପ୍ନର ଘର ନିର୍ମାଣ କରିବା ପାଇଁ ଗୀତ ଜରିଆରେ ଜଣାଇଛନ୍ତି। ଏହି ଗୀତର ଧାରାକୁ ସୁମଧୁର କରିବା ପାଇଁ ଓଡିଶାର କୋକିଳକଣ୍ଠୀ ଇରା ମହାନ୍ତି କଣ୍ଠଦାନ କରିଛନ୍ତି। ତାଙ୍କ ସହିତ ପ୍ରସିଦ୍ଧ କଣ୍ଠଶିଳ୍ପୀ କାର୍ତ୍ତିକ କୁମାରଙ୍କ କଣ୍ଠଦାନ ଏକ ଅନନ୍ୟ ଅନୁଭୂତି ଆଣିଦେଉଛି ବୋଲି ଶ୍ରୋତାମାନେ କହିଛନ୍ତି। ସଙ୍ଗୀତ ସଂଯୋଜନା ମଧ୍ୟ କରିଛନ୍ତି କାର୍ତ୍ତିକ କୁମାର। ସେହି ଜହ୍ନ ରାଇଜରେ ଉଭୟ ପ୍ରେମିକ ଓ ପ୍ରେମିକା କିପରି ଖୁସିରେ ଦିନ କାଟିବେ ସେ ସମ୍ପର୍କରେ ଗୀତରେ ଦର୍ଶାଯାଇଛି। ସେହି ସ୍ଥାନରେ ମନ ହେଉଛି ଏକ ବିରାଟ ଅଗଣା। ଅଗଣାରେ ଫୁଟିଥିବା ପୁଷ୍ପ କଢି ଚାହିଁ ରହିଛି। ଅନେକ ସ୍ୱପ୍ନ ଦେଖିଛନ୍ତି ଉଭୟ। ତାରାଗୁଡିକ ଫୁଲ ହୋଇ ସଜେଇ ହୋଇଛନ୍ତି। ପରିବେଶ ମହମହ ବାସୁଛି। ଫୁଲର ନାଲି ରଙ୍ଗ ପ୍ରେମିକାର ସିନ୍ଥିରେ ସିନ୍ଦୁର ହୋଇ ଲାଗିରହିଛି ବୋଲି ଗୀତରେ ବୋଲାଯାଇଛି। ପ୍ରେମିକା ପାରିଜାତର ବାସ୍ନା ବୋଲି କୁହାଯାଇଛି। ପ୍ରେମିକା କୋଳରେ ମୁଣ୍ଡ ଥୋଇ ପ୍ରେମିକ ସେହି ଘରେ ଜୀବନ ବିତେଇବା ପାଇଁ ଗୀତରେ ଶୁଣାଯାଇଛି। ଏହି ପ୍ରେମକୁ ନେଇ ଜହ୍ନ ରାଇଜ ସହ ମର୍ତ୍ତ୍ୟମଣ୍ଡଳରେ ଆଲୋଚନା ହେଉଥିବା ଗୀତରେ ବୋଲାଯାଇଛି।

## ପ୍ରେମିକାଙ୍କ ଘର ବାଡ଼ିରେ ପ୍ରେମିକଙ୍କ ଝୁଲନ୍ତା ମୃତଦେହ

ଖଇରା,୨୪/୨ (ନି.ପ୍ର): ପ୍ରେମିକାଙ୍କ ଘର ବାଡ଼ିରେ ଥିବା ସଜନା ଗଛରୁ ପ୍ରେମିକର ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା ଖଇରା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହା ପ୍ରେମଜନିତ ମୃତ୍ୟୁ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ପ୍ରେମିକାର ଘର ଲୋକେ ମାରି ଦେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପ୍ରେମିକର ପରିବାର ଲୋକେ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖଇରା ଥାନା ନୟାଖଣ୍ଡି ଗ୍ରାମର କୁମ୍ଭାର ସାହିରେ। ଘଟଣାରୁ ପ୍ରକାଶ ଯେ, ଗୁରୁବାର ସକାଳେ କୁମ୍ଭାର ସାହିର ନିର୍ମଳ ବେହେରାଙ୍କ ଘର ପଛରେ ଥିବା ଏକ ସଜନା ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଏ ନେଇ ପୁଲିସକୁ ଖବର ଦେବା ପରେ ଖଇରା ଥାନା ଏସଆଇ ଶ୍ୟାମସୁନ୍ଦର ବିନ୍ଧାଣୀ, ଯୁ କେ ବେହେରା ଏବଂ ଅତିରିକ୍ତ ତହସିଲଦାର ସନ୍ଦୀପ ପ୍ରିୟଦର୍ଶନ ଧଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଉକ୍ତ ଯୁବକଙ୍କ ପ୍ୟାଣ୍ଟ ପକେଟରୁ ଏକ ସୁଇସାଇଡ୍ ନୋଟ ଓ ମୋବାଇଲ ଫୋନ୍ ଜବତ କରିଥିଲେ। ପରେ ଯୁବକ ଜଣକ ସୋର ଥାନା ଅଧୀନ ବେଲଦା ଗ୍ରାମର କୈଳାସ ବେହେରାଙ୍କ ପୁଅ ଲକ୍ଷ୍ମୀକାନ୍ତ(୨୬) ବୋଲି ଜଣାପଡ଼ିବା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ମୃତ ଯୁବକଙ୍କ ଦାଦା ରମେଶ ଚନ୍ଦ୍ର ବେହେରା ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି କହିଛନ୍ତି। ଲକ୍ଷ୍ମୀକାନ୍ତ ଓ ନିର୍ମଳ ବେହେରାଙ୍କ ଝିଅ ମଧ୍ୟରେ ପ୍ରାୟ ତିନି ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ଏ ନେଇ ନିର୍ମଳ ଝିଅର ବିବାହ ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ତେବେ ଗତକାଲି ଲକ୍ଷ୍ମୀକାନ୍ତ ଘରୁ ଅପରାହ୍ନରେ କୁଆଡ଼େ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରୁଥିବା ବେଳେ ଗୁରୁବାର ସକାଳେ ତାଙ୍କ ଝୁଲନ୍ତା ମୃତଦେହ ନିର୍ମଳ ବେହେରାଙ୍କ ବାଡ଼ି ସଜନା ଗଛରୁ ଉଦ୍ଧାର ହୋଇଥିବା ଖବର ପାଇଥିବା ସେ କହିଛନ୍ତି। ଲକ୍ଷ୍ମୀକାନ୍ତଙ୍କୁ ନିର୍ମଳ ବେହେରା, ନୀଳାମ୍ବର ବେହେରା, ଚିତ୍ରରେଖା ବେହେରା ଓ ଶଶିକାନ୍ତ ବେହେରା ମିଳିତ ଭାବେ ହତ୍ୟା କରି ଘର ପଛ ସଜନା ଗଛରେ ଟାଙ୍ଗି ଦେଇଥିବା ନେଇ ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ପିଲା ହଷ୍ଟେଲରେ ଅଛି କି ?



ପିଲା ହଷ୍ଟେଲରେ ଆପଣ ଚିନ୍ତାରେ । ସେ କ'ଣ କରୁଛି, କ୍ଲାସ ଯାଉଛି ନା ନାହିଁ ଏସବୁ ଭାବି ଭାବି ଆପଣଙ୍କୁ ରାତିରେ ନିଦ ହେଉନି । ଏହାର ସମାଧାନ ଆପଣଙ୍କ ହାତ ମୁଠାରେ ହିଁ ଅଛି ।

**ସହଜ ସମାଧାନ:-**



♦ପିଲାକୁ ନିଜ ବିଷୟରେ ସିଦ୍ଧାନ୍ତ ନେବାକୁ ଶିଖାନ୍ତୁ । ଫଳରେ ହଷ୍ଟେଲରେ ସିଦ୍ଧାନ୍ତ ନେବାକୁ ଶିଖାନ୍ତୁ । ଫଳରେ ହଷଷ୍ଟଲରେ ରହିଲେ ବି ଆପଣଙ୍କୁ ଚିନ୍ତା କରିବାକୁ ପଡ଼ିବ ନାହିଁ । ପିଲା ନିୟମିତ କ୍ଲାସ ଯାଉଛି ନା ନାହିଁ ସେଥିପ୍ରତି ନଜର ଦିଅନ୍ତୁ । ତା ଉପସ୍ଥାନ ନିୟମିତ କି ନାହିଁ ସେକଥା ବୁଝନ୍ତୁ । ସ୍କୁଲ ବା କଲେଜ ତରଫରୁ ପିଲାର ଉପସ୍ଥାନ ଜଣାଇବାର ବ୍ୟବସ୍ଥା ଆଜିକାଲି ହେଲାଣି ।

♦ହଷ୍ଟେଲ ଫି, ବହିପତ୍ର, ଟ୍ୟୁସନ, ଜଳଖିଆ ବାବଦରେ ଦେଉଥିବା ଟଙ୍କାର ହିସାବ ରଖନ୍ତୁ । ପିଲାକୁ ବି ଖର୍ଚ୍ଚର ହିସାବ ମାଗନ୍ତୁ । କହିବା ମାତ୍ରେ ପିଲା ପାଖକୁ ଟଙ୍କା ପଠାଇ ଦିଅନ୍ତୁ । ନାହିଁ । ତାର ପ୍ରକୃତ ଆବଶ୍ୟକତା କଣ ଜାଣି ଟଙ୍କା ପଠାନ୍ତୁ । ପିଲା ଆପରଙ୍କୁ ନିଜ ଆବଶ୍ୟକତା କଣ ଜାଣି ଟଙ୍କା ପଠାନ୍ତୁ । ପିଲା ଆପଣଙ୍କୁ ନିଜ ଆବଶ୍ୟକତା ବିଷୟରେ ମିଛ କହି ପାରରିବ ନାହିଁ ।

♦ ପିଲା ଲୋକାଲ ଗାଡିୟନଙ୍କ ସହ ନିୟମିତ ଦେଖା କରିବା ପ୍ରତି ଗୁରୁତ୍ୱ ଦିଅନ୍ତୁ । ସେହିପରି ସ୍କୁଲ ବା କଲେଜର କୌଣସି ଅଧ୍ୟାପକଙ୍କୁ ପିଲା ପ୍ରତି ନଜର ଦେବାକୁ କୁହନ୍ତୁ । ବେଳେ ବେଳେ ତାଙ୍କୁ ଫୋନ କରି ପିଲା ବିଷୟରେ ବୁଝି ନିଅନ୍ତୁ ।

♦ ଲୋକାଲ ଗାଡିୟାନ ପିଲାର ଚାଲିଚଳଣ ବା କାର୍ଯ୍ୟକଳାପ ବିଷୟରେ କିଛି ଅଭିଯୋଗ କଲେ ଅବହେଳା କରନ୍ତୁ ନାହିଁ । ସବୁ କିଛି ବୁଝି ଆସନ୍ତୁ । ସେ ଭୁଲ କରୁଥିଲେ ସତର୍କ କରାଇ ଦିଅନ୍ତୁ

♦ସମୟ ହେଲେ ହଷ୍ଟେଲ ଯାଆନ୍ତୁ । ପିଲା ଓ ତା ସାଙ୍ଗମାନଙ୍କ ସହ ମିଳିମିଶା କରନ୍ତୁ । ପିଲା ଯେମିତି କୁସଙ୍ଗରୁ ଦୂରେଇ ରହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ସେ ଯେମିତି କୌଣସି କୁଅଭ୍ୟାସ ନଆପଣାଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ।

♦ବେଳେବେଳେ ସରପ୍ରାଇଜ ଭିଜିଟ୍ କରନ୍ତୁ । ତା ମନରେ ଭୟ ରହିବ । ହେଲେ ପିଳାର ପ୍ରାଇଭେସି ଅଛି ବୋଲି ଭୁଲନ୍ତୁ ନାହିଁ । ସାଙ୍ଗମାନଙ୍କ ଆଗରେ ପିଲାକୁ ଗାଳି କରନ୍ତୁ ନାହିଁ । ସେ ଅପମାନିତ ହେବ ।

♦ଭବିଷ୍ୟତ ଗଢ଼ିବାର ଦାୟିତ୍ୱ ତାର ବୋଲି ବୁଝାନ୍ତୁ । ପିଲା ବୁଝି ପାରିବ । ସବୁବେଳେ ଅନ୍ୟର ଉଦାହରଣ ଦିଅନ୍ତୁ ନାହିଁ ।

♦ଅନେକ ହଷ୍ଟେଲ ପିଲା ହୀନମନ୍ୟତା ଭୋଗଜନ୍ତି । ପିଲା ସହ ଠିକ୍ ଯୋଗାଯୋଗ ରଖିଲେ ସମସ୍ୟା ସମାଧାନ କରିପାରିବେ ।

♦ପିଲାକୁ ଯଥେଷ୍ଟ ଟଙ୍କା ଦେଲେ ବା ସେ ଯାହା କିଣିବାକୁ ଚାହୁଁଛି ତାହା ଦେଇ ଦେଲେ ତା ମନରୁ ହୀନମନ୍ୟତା ଦୂରେଇବ ନାହିଁ । ପିଲାକୁ ଅଧିକ ଟଙ୍କା ଦେଲେ ବା ତାର ସବୁ ଇଚ୍ଛା ପୂରଣ କଲେ ସେ ଭଲ ମଣିଷ ହୋଇପାରି ନାହିଁ ।

♦ତାର ଚରିତ୍ର ଗଠନ ପ୍ରତି ଧ୍ୟାନ ଦିଅନ୍ତୁ । ନିୟମିତ ଯୋଗ, ପ୍ରାଣାୟାମ ଆଦି ଅଭ୍ୟାସ କରାନ୍ତୁ । ସେ ଜିମ ଯିବାକୁ ଚାହୁଁଥିଲେ ତାକୁ ଉତ୍ସାହିତ କରନ୍ତୁ ।

♦ଶାରୀରିକ ଓ ମାନିସକ ଭାବେ ପିଲା ବଢୁଛି । ବିଭିନ୍ନ ବିଷୟରେ ପିଲାର କୌତୁହଳ ଦୂରେଇବା ଦାୟିତ୍ୱ ଆପଣଙ୍କର ।



♦ପିଲାକୁ ମୋବାଇଲ ଦେବା କଣ ଖୁବ ଜରୁରୀ । ବେଳେବେଳେ ହଷ୍ଟେଲର ଫୋନରେ ପିଲାସହ କଥାବାର୍ତ୍ତା ହୁଅନ୍ତୁ ।

♦ସମସ୍ତ ପରୀକ୍ଷାର ମାର୍କସିଟ୍ ଦେଖନ୍ତୁ ଚ଼ମମାର୍କଥିଲେ ପିଲାକୁ ପରିଶ୍ରମ କରିବାକୁ ପ୍ରେରଣା ଦିଅନ୍ତୁ । ଗାଳି ଦିଅନ୍ତୁ ନାହିଁ ।

♦ପିଲାକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଖେଳକୁଦରେ ଭାଗ ନେବା ପାଇଁ ପ୍ରେରଣା ଯୋଗାନ୍ତୁ ।

♦ନିଜକୁ ବିଭିନ୍ନ ସମସ୍ୟାରୁ ମୁକ୍ତ ରଖିବାର ଉପାୟ, ସତର୍କତା ମାନିବାର ସୁଫଳ ଆଦି ବିଷୟରେ ପିଲାକୁ ବୁଝାନ୍ତୁ ।

♦ପିଲାକୁ ବୁଝାନ୍ତୁ ତାର କାମ କେବଳ ପଢ଼ିବା ଓ ଜାଣିବା । ଏପରି କଲେ ସେ ଭଲ ଭବିଷ୍ୟତ ଗଢ଼ି ପାରିବ ।

♦ପିଲାମାନେ ସାଙ୍ଗ ମେଳରେ ବଦମାସୀ କରନ୍ତି । ସବୁଗୁଡ଼ିକୁ ଗୁରୁତ୍ୱ ଦିଅନ୍ତୁ ନାହିଁ । ହଷ୍ଟେଲ ଲାଇଫ ଛଡ଼ାଇ ନିଅନ୍ତୁ ନାହିଁ ।

♦ତେବେ ହଷ୍ଟେଲ ଲାଇଫକୁ ପିଲା ଯେମିତି କେବଳ ମଉଜ ମସ୍ତିରେ କଟାଇ ନଦିଏ । ସେଥିପ୍ରତି ଧ୍ୟାନ ଦିଅନ୍ତୁ ।

♦ପିଲାଙ୍କ ଖୁସିରେ ବାପା ମାଆଙ୍କୁ ଖୁସି ହେବା ଦରକାର । ସେମାନଙ୍କ ସବୁ ଜିଦ୍‌କୁ ମାନିବା ସମ୍ଭବ ହୋଇନଥାଏ କିନ୍ତୁ ସେମାନଙ୍କୁ ବୁଝାଇ ସେମାନଙ୍କର ମନ କିଣିବା ଦରକାର ଓ ସ୍ନେହରେ ବୁଝାଇ ସେ ଜିଦ କରୁଥିବା ଜିନିଷ ପ୍ରତି ତାର ମନକୁ ଭୁଲେଇବା ଦରକାର । ଏହାହିଁ ବାପା ଓ ମା ଙ୍କର ପ୍ରଥମ କର୍ତ୍ତବ୍ୟ ।

# ବୈଚିତ୍ର୍ୟ ଭରା ବାରଣ୍ଡା

ବାରଣ୍ଡା ବିନା ଘର ଅସମ୍ପୂର୍ଣ୍ଣ ଲାଗେ । ପ୍ରେମ ଭରା ରୋମାଣ୍ଟିକ ମୁହୂର୍ତ୍ତ ହେଉ କି ଅବସାଦ କିମ୍ବା ଏକୁଟିଆ ରହିବା ପାଇଁ ବାରଣ୍ଡା ଖୁବ ଭଲ ସ୍ଥାନ । ଜାଣନ୍ତୁ ବାରଣ୍ଡା ସଜାଇବାର କିଛି ବିଶେଷ ଉଦାହରଣ ।



୧ ଦ୍ୱିତୀୟ ମହଲା ସହ ଲାଗିଥିବା ବାରଣ୍ଡାରେ ପହଞ୍ଚିବା ପାଇଁ ଦୁଇ ତିନିଟି ଶିଡ଼ି ଓହ୍ଲାଇବାକୁ ପଷଡ଼ । ତେବେ ଏହାର ଆକୃତି ଦେଖିଲା ଭଳି । ସାଙ୍ଗମାନଙ୍କ ସହିତ ଚା' ଓ ଖୁସିଗପ ପାଇଁ ଏଇ ବାରଣ୍ଡା ବିଲକୁଲ ଫିଟ୍ ।

୨ ଟିକେ ନିରୋଳାରେ ରହିବାକୁ ଇଚ୍ଛା ହେଉଛି ? ବାରଣ୍ଡାରେ ବସି ସହରର ଦୃଶ୍ୟ ଦେଖି ଏକାକୀତ୍ୱକୁ ଉପଭୋଗ କରନ୍ତୁ ।

୩ ଖୁବ ଛୋଟ ବାରଣ୍ଡା । କାନ୍ଥରେ ଉଜ୍ଜ୍ୱଳ ହଳଦିଆ ରଙ୍ଗ ତଥା ପ୍ରକୃତିର ହାଲକା ସ୍ପର୍ଶ ଅବସାଦ ଦୂରେଇ ମନକୁ ସତେଜ କରିବ ।

୪ ଅର୍ଦ୍ଧ ଚନ୍ଦ୍ରାକାର ବାରଣ୍ଡା ଚାରିପଟେ ଗଛର ମେଳା ! ସକାଳୁ ବାମ୍ଫଉଠା ଚା' କପଟିଏ ହାତରେ ଧରି ବସିଲେ ଦିନସାରା ସତେଜ ଲାଗିବ ।

୫- ଲିଭିଂ ରୁମକୁ ଲାଗି ରହିଛି ଏଇ ଛୋଟ ବାରଣ୍ଡା । ରୁମ ଓ ବାରଣ୍ଡା ମଝିରେ ରହିଛି ସ୍ଲାଇଡିଂ ଡୋର । କାଠର ପାର୍ଟିଶନ, ପାରମ୍ପରିକ ଚେୟାର ଓ ସବୁଜିମାରେ ଭରା ବାରଣ୍ଡା ଆପଣଙ୍କ ଜୀବନର ଆବେଗମୟ କ୍ଷଣକୁ ଉଜ୍ଜୀବିତ କରିବ ।

୬- ଲିଭିଂ ରୁମର ଏକ୍ସଟେନ୍‌ଶନ୍ ଭାବରେ ତିଆରି ହୋଇଛି ଏଇ ବାରଣ୍ଡା । କାଚର ସ୍ଲାଇଡିଂ ଡୋର ହେଲା ବିଭାଜିକା । ଘରେ ବସି ସାଙ୍ଗ ସାଥୀମାନଙ୍କ ସହିତ ଖୁସିଗପ ହେବା ସାଙ୍ଗକୁ ସହରର ଦୃଶ୍ୟକୁ ଉପଭୋଗ କରିବାର ଏକ ନିଆରା ବ୍ୟବସ୍ଥା ।

୭- ବାରଣ୍ଡାରେ ନୂଆ ମାତ୍ରା ଆଣିଛି ଏକ ଦୋଳି । ଏକୁଟିଆ କିମ୍ବା ଦୁହେଁ ମିଶି ଅବସର ସମୟ ବିତାଇବା ପାଇଁ ଏହାଠାରୁ ଉପାୟ ଆଉ କ'ଣ ହୋଇପାରେ !

# କୋବି ପାଇଁ ୭୦ ହଜାର ଟଙ୍କା ପୁରସ୍କାର !

ଏକ ବୃହତ ବନ୍ଧାକୋବି ଫଳାଇଥିବା ଆମେରିକାର ଜଣେ ନଅ ବର୍ଷର ଛାତ୍ରୀଙ୍କୁ ମିଳିଛି ନଗଦ ସତୁରି ହଜାର ଟଙ୍କାର ଅର୍ଥରାଶି ପୁରସ୍କାର। ତାଙ୍କ ନାଁ ଲିଲୀ ରୋସ । ଏବେ ସେ ପିଟସବର୍ଗର ପୀବଲସ୍ ଏଲିମେଣ୍ଟାରୀ ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ରୀ । ପେନସିଲଭାନିଆରେ ଆୟୋଜିତ 'ନ୍ୟାଶନାଲ ବନି ପ୍ଲାଣ୍ଟ ଥାର୍ଡ ଗ୍ରେଡ୍ କ୍ୟାବେଜ ପ୍ରୋଗ୍ରାମ'ରେ ସେ ଭାଗ ନେଇ ବୃହତ ବନ୍ଧାକୋବି ପ୍ରଦର୍ଶନ କରଇଥିଲେ ପ୍ରତିଯୋଗିତକାରେ ସାରା ପେନସିଲଭାନିୟାରୁ ବତିଶ ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଲିଲୀଙ୍କ କୋବି ବିଚାରକମାନଙ୍କୁ ସର୍ବାଧିକ ଆକୃଷ୍ଟ କରଇଥିଲା । ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକ ଓ ଜଳ ଦ୍ୱାରା କୋବି ବଢ଼ିଥିବା ଲିଲୀ କହନ୍ତି ।



# ପ୍ଲାଷ୍ଟିକ୍ ବୋତଲ ପ୍ରତି ସାବଧାନ

ଆଜିକାଲି ଦୈନନ୍ଦିନ ଜୀବନରେ ସମସ୍ତେ ପ୍ଲାଷ୍ଟିକ୍ ବୋତଲରେ ପାଣଇ ପିଇବାରେ ଅଭ୍ୟସ୍ତ ହୋଇଗଲେଣି । ଘରେ ଥିଲେ ମଧ୍ୟ ଆମେ ଗ୍ଲାସରେ ନ ପିଇ ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବାକୁ ଭଲ ପାଇଥାଉ । କିନ୍ତୁ ଆପଣ କ'ଣ ଜାଣନ୍ତି ଯେ, ଏହାର ଅନେକ କୁପ୍ରଭାବ ଆମ ଶରୀର ଉପରେ ପଡୁଛି । ନିକଟରେ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହା ଉପରେ ଗବେଷଣା କରି ଜାଣିପାରିଛନ୍ତି ଯେ, ଷ୍ଲାଷ୍ଟିକ୍ ବୋତଲରେ ପାଣି ପିଇଲେ ତାହା ଆମର ହର୍ମୋନାଲ ସିଷ୍ଟମ ଉପରେ କୁ- ପ୍ରଭାବ ପକାଇଥାଏ । କାରଣ ପ୍ଲାଷ୍ଟିକ୍ ବୋତଲରେ ହାନିକାରକ ରାସାୟନିକ ପଦାର୍ଥ ରହିଛି । ୫ହଜାର ଲୋକଙ୍କ ଉପରେ କରାଯାଇଥିବା ଏହି ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ, ନିୟମିତଭାବେ ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଥିବା ପୁରୁଷ ଏବଂ ମହିଳା ଶୀଘ୍ର ନପୁଂସକତାର ଶିକାର ହୋଇଥାନ୍ତି । ଏହାଫଳରେ ସମ୍ଭୋଗ କରିବାର ଇଚ୍ଛା ମଧ୍ୟ ହ୍ରାସ ପାଇଥାଏ । ତେଣୁ ପ୍ଲାଷ୍ଟିକ୍ ବୋତଲରେ ପାଣି ନ ପିଇବାକୁ ଏହି ଗବେଷକମାନେ ପରାମର୍ଶ ଦେଇଛନ୍ତି ।



# ସୁଇସାଇଡ୍ ଫରେଷ୍ଟ



ଅନେକ ଲୋକ ଗଙ୍ଗଲକୁ ପ୍ରକୃତିର ସେହି ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଯାଇଥାନ୍ତି । ହେଲେ ଏପରି ଏକ ଝଙ୍ଗଲ ଅଛି ଯେଉଁଠାକୁ ଲୋକେ ଆତ୍ମହତ୍ୟା କରିବାକୁ ଯାଆନ୍ତି । ଯେଉଁ କାରଣରୁ ଏହି ଜଙ୍ଗଲର ନାମ ସୁଇସାଇଡ୍ ଫରେଷ୍ଟ ବୋଲି ନାମିତ ହୋଇଛି । ଫୁଜି ପର୍ବତର ତରାଇ ଠାରେ ୩୦ବର୍ଗ କିଲୋମିଟର ବ୍ୟାପ୍ତ ଏହି ଜଙ୍ଗଲ ବେଶ ଅଜବ । ଏହି ଜଙ୍ଗଲରେ ହେଉଥିବା ଆତ୍ମହତ୍ୟା ସଂଖ୍ୟା ଗୋଲଡେନ ଗେଟ୍ ବ୍ରିଜ ପଛକୁ ରହିଛି । ମିଡ଼ିଆ ରିପୋର୍ଟ ଅନୁସାରେ ଏହି ଜଙ୍ଗଲରେ ପ୍ରତିବର୍ଷ ୧୦୦ ରୁ ଅଧିକ ଲୋକ ଆତ୍ମହତ୍ୟା କରିଥାନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଜଙ୍ଗଲରେ ଭୂତ ପ୍ରେତଙ୍କ କହିବା ଅନୁସାରେ ଜଙ୍ଗଲରେ ଭୂତ ପ୍ରେତଙ୍କ ବସବାସ ଅଧିକ । ଏଠାରେ ଆତ୍ମହତ୍ୟା କରୁଥିବା ଲୋକଙ୍କର ଆତ୍ମା ନିଜ ପୂର୍ବଜଙ୍କ ଆତ୍ମାସହ ରହୁନଥିବାରୁ ସେମାନଙ୍କ ଆତ୍ମା ଏହି ଜଙ୍ଗଲରେ ଘୂରି ବୁଲୁଥାଏ । ଜଙ୍ଗଲର ମାଟିରେ ଲୌହବଶେଷ ଥିବାରୁ ସେଲଫୋନର ନେଟୱାର୍କ ମଧ୍ୟ ଲାଗିନଥାଏ । ତେଣୁ ଅନେକ ଏହି ଜଙ୍ଗଲକୁ ଆସି ଆତ୍ମହତ୍ୟା କରିବାକୁ ପସନ୍ଦ କରୁଥିଲା ବେଳେ ଏହା ପରେ ଭୂତ-ପ୍ରେତଙ୍କ ଶକ୍ତି ଥିବା ମଧ୍ୟ କୁହାଯାଏ ।

# ବିମାନ ଯାତ୍ରାର ନିୟମ

*ଦେଶ ଭିତରେ ହେଉ କିମ୍ବା ବିଦେଶକୁ ବିମାନ ଯାତ୍ରା କରୁଥିଲେ, କେତେକ ଦିଗ ପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ । ଯେପରି ବିମାନ ଯାତ୍ରା ସମୟରେ ତରଳ ପଦାର୍ଥ ବ୍ୟାଗରେ ନେବା ନିୟମ ନୁହେଁ । ବିଦେଶ ଯାତ୍ରା ସମୟରେ ଏହାକୁ ନେଇ ଅଧିକ କଟକଣା ରହିଛି । ଏଣୁ ବିମାନ ଯାତ୍ରା ସମୟରେ ଶ୍ୟାମ୍ପୁ ପରି ତରଳ ଜିନିଷକୁ ନ ନେଇ ବରଂ ଗନ୍ତବ୍ୟସ୍ଥଳରେ ପହଞ୍ଚି କିଣିନେବା ଉଚିତ ।*




♦ କ୍ରୀଡ଼ାବିତ୍‌ମାନେ ଯାତ୍ରା କରିବା ସମୟରେ ସେମାନଙ୍କର ପୂରା ଦଳକ କେତେକ ଅନୁମତି ମିଳିଥାଏ, ସେମାନେ ନିଜ ଖେଳ ଉପକରଣ ସାଥିରେ ବିନା ଅସୁବିଧାରେ ନେଇପାରନ୍ତି । ହେଲେ ଅନ୍ୟ ବର୍ଗର ଲୋକେ ଏଥିପ୍ରତି ସଚେତନ ରହିବା ଜରୁରୀ ।

♦ ବିଦେଶୀ ରାଷ୍ଟ୍ରର ବିମାନବନ୍ଦର ଓ ଯାତ୍ରାର ନିୟମ ପରିବର୍ତ୍ତନ ହୋଇଥାଏ । ଏ ବାବଦରେ ପର୍ଯ୍ୟଟନ ସଂସ୍ଥା ସହ ଭଲଭାବେ ଆଲୋଚନା କରିବା ଆବଶ୍ୟକ ।

♦ଆମେରିକାର କେତେକ ପ୍ରାନ୍ତରେ ଫଳ, ଅନ୍ୟାନ୍ୟ ଖାଦ୍ୟପାନୀୟ ନେଇ ଯାତ୍ରା କଲେ ଜୋରିମାନା ଦେବାକୁ ପଡ଼େ । ଭୋକ କଲେ ବିମାନ ଭିତରୁ ସେସବୁ କିଣିପାରିବେ, ନଚେତ୍ ବିମାନବନ୍ଦର ଭିତରେ ଭୋଜନ କରିପାରିବେ ।

♦ ଧାରୁଆ ଅସ୍ତ୍ର ଯେପରି ନଖକଟା, କଇଁଚି, ଛୁରୀ ଇତ୍ୟାଦିକୁ ମଧ୍ୟ ବିମାନ ଯାତ୍ରା ସମୟରେ ନ ନେବା ଉଚିତ ।



## କାନ୍ଦୁଥିବା ସାପ

ଅରୁଣାଚଳ ପ୍ରଦେଶ ଅନ୍ତର୍ଗତ ଲେପା-ରାଦା ଜିଲ୍ଲାରେ ଠାବ ହୋଇଥିବା ଏକ ନୂଆ ପ୍ରଜାତିର ସାପ ଚର୍ଚ୍ଚାରେ । ଜୀବବିଜ୍ଞାନ ଭାଷାରେ ସାପର ନାଁ 'ହେବିୟସ ଲେକ୍ରିମା' । 'ଲେକ୍ରିମା' ଲାଟିନ ଭାଷାରୀ ଶବ୍ଦ; ଏହାର ଅର୍ଥ ଲୁହା ଏଥିପାଇଁ ସାପଟି 'କ୍ରାଇଙ୍ଗ ସ୍ନେକ୍' ବା କାନ୍ଦୁଥିବା ସାପ ଭାବେ ନାମିତ ହୋଇଥିବା ଜଣାଯାଏ । ନିଉଜିଲାଣ୍ଡରୁ ପ୍ରକାଶିତ ଏକ ଅନ୍ତର୍ଜାତୀୟ ପ୍ରତିକାରେ ଏହି ରିପୋର୍ଟ ପ୍ରକାଶ ପାଇଛି । ଗୁହ୍ୱାଟୀର ଜୀବବିଜ୍ଞାନୀ ଜୟାଦିତ୍ୟ ପୁରକାୟସ୍ଥ ଏହି ସାପକୁ ଏକ କ୍ଷେତରୁ ଠାବ କରିଥିଲେ ସାପଟି ଅଣ୍ଡିରା, ଲମ୍ବ ୪୮.୭ ସେଣ୍ଟିମିଟର ଏବଂ ବିଷହୀନ । ଉଲ୍ଲେଖଯୋଗ୍ୟ, ସାରା ବିଶ୍ୱରେ ସାପ ପ୍ରଜାତି ସଂଖ୍ୟା ପ୍ରାୟ ୩,୭୦୯ ଏବଂ କେବର ଅରୁଣାଚଳ ପ୍ରଦେଶରେ ପଞ୍ଚାବନ ପ୍ରଜାତିର ସାପ ଦେଖାଯାଆନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଯୁଦ୍ଧର ଭୟଙ୍କର ପରିଣତି...

ମାସ ମାସ ଧରି ଯାହା ଆଶଙ୍କା କରାଯାଇ ଆସୁଥିଲା, ପରିଶେଷରେ ତାହା ଘଟିଲା । ସୀମାନ୍ତରେ ସେନା ଠୁଳ କରିବା ପରେ ଗୁରୁବାର ଆକ୍ରମଣ କରିଛି । ସୀମା ଅତିକ୍ରମ କରି ରୁଷ ସେନା, ସାମରିକ ଯାନବାହନ ଓ ଟ୍ୟାଙ୍କ ୟୁକ୍ରେନ୍ ଭିତରକୁ ପ୍ରବେଶ କରିଛନ୍ତି । ରୁଷ ସେନାଙ୍କ ଆକ୍ରମଣରେ ୟୁକ୍ରେନର ଛାମୁଆ ସୀମାନ୍ତ ଛାଉଣି, ଅନ୍ୟାନ୍ୟ ସାମରିକ ଘାଟି ଓ ପ୍ରତିଷ୍ଠାନ, ବିମାନ ବନ୍ଦର ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଆକ୍ରମଣର ପ୍ରଥମ ଦିନରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ୟୁକ୍ରେନ୍ ନାଗରିକ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି । ସମଗ୍ର ବିଶ୍ୱ ଏହି ଘଟଣାକୁ ନେଇ ବ୍ୟସ୍ତ ବିବ୍ରତ ହୋଇପଡ଼ିଛନ୍ତି । ଏହା ଆଗାମୀ ଦିନରେ ବିଶ୍ୱରେ ଏକ ବଡ଼ ଧରଣର ସାମରିକ ବିବାଦ ସୃଷ୍ଟି କରିପାରେ ବୋଲି ସଭିଏଁ ଆଶଙ୍କା ପ୍ରକଟ କରିଛନ୍ତି । ରୁଷ ସେନା ୟୁକ୍ରେନର ଉତ୍ତର ପଟୁ ଖାରକିଭ, ପୂର୍ବ ପଟୁ ଲୁହାନସ୍କ, ଦକ୍ଷିଣ ପଟୁ ରୁଷିଆ ଅଧିକୃତ କ୍ରିମିଆ ଏବଂ ବେଲାରୁଷ ପଟୁ ଏକାସଂଗେ ଆକ୍ରମଣ ଆରମ୍ଭ କରିଛନ୍ତି । ଏହା ନିରାଟ ସତ୍ୟ ଯେ, ୟୁକ୍ରେନ ସାମରିକ ଦୃଷ୍ଟିରୁ ରୁଷ ସେନାରୁ ସମକକ୍ଷ ନୁହେଁ ତେଣୁ ଏହି ଆକ୍ରମଣ ଘଟିବା ମାତ୍ରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଦେମିର ଜେଲେନସ୍କି ଦେଶରେ ଯୁଦ୍ଧକାଳୀନ ଜରୁରି ପରିସ୍ଥିତି ଘୋଷଣା କରିଛନ୍ତି । ଏବେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ଚାପ ଅବା ହସ୍ତକ୍ଷେପ ହିଁ ୟୁକ୍ରେନ ପାଇଁ ଏବଂ ସ୍ଥିତିରୁ ଉଦ୍ଧାର ପାଇବାର ଏକମାତ୍ର ଉପାୟ । ଆମେରିକା, ବ୍ରିଟେନ, ଜାପାନ ଏବଂ ୟୁରୋପୀୟ ସଂଘର ସମସ୍ତ ୨୭ସଦସ୍ୟ ରାଷ୍ଟ୍ର ରୁଷିଆ ବିରୁଦ୍ଧରେ ତତ୍କାଳ ଆର୍ଥିକ କଟକଣା ଜାରି କରିଛନ୍ତି ଓ ଯୁଦ୍ଧ ବନ୍ଦ ନକଲେ ଏହି କଟକଣା ଆଗାମୀ ଦିନରେ ଅଧିକ କଠୋର ହେବ ବୋଲି ଚେତାବନୀ ଶୁଣାଇଛନ୍ତି । କିନ୍ତୁ କଟକଣା ଦ୍ୱାରା ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେଲେ ସୁଦ୍ଧା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏତେ ଶୀଘ୍ର ପାଶ୍ଚାତ୍ୟ ଚାପକୁ ମାନିବା ଭଳି ପ୍ରତୀୟମାନ ହୁଏନାହିଁ । ଯେହେତୁ ୟୁକ୍ରେନ ବିବାଦ ଆମେରିକା ନେତୃତ୍ୱାଧୀନ ନାଟୋ ଗୋଷ୍ଠୀ ଓ ରୁଷିଆ ମଧ୍ୟରେ ଦୀର୍ଘ ଦିନର ଏକ କୂଟନୈତିକ ଓ ସାମରିକ ବିବାଦ ଭାବେ କୁହୁଳି ଆସୁଥିଲା, ଏବେ ତାହା ବିସ୍ଫୋରିତ ହୋଇଛି । ତେଣୁ ରୁଷ ନିଜ ଜିଦ୍‌ରେ ଅଟଳ ରହି ୨୦୧୪ ମସିହାର କ୍ରିମିଆ ଆକ୍ରମଣ ପରି ପରିସ୍ଥିତିକୁ ଆହୁରି ଜଟିଳ କରିବ । ତେବେ ଏହାଦ୍ୱାରା କେବଳ ୟୁକ୍ରେନ୍, ରୁଷିଆ ଅବା ନାଟୋ ଗୋଷ୍ଠୀ ନୁହଁନ୍ତି, ସମଗ୍ର ବିଶ୍ୱ କ୍ଷତିଗ୍ରସ୍ତ ହେବ । ଯୁଦ୍ଧର ପ୍ରଥମ ଦିନରେ ତୈଳ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାରରୁ ଊର୍ଦ୍ଧ୍ୱକୁ ଉଠିବା, ସୁନାର ଦର ବୃଦ୍ଧି ପାଇବା ଏବଂ ଅଧିକାଂଶ ରାଷ୍ଟ୍ରରେ ଷ୍ଟକ ଏକ୍ସଚେଞ୍ଜରେ ବ୍ୟବସାୟ-କାରବାର 'କ୍ରାସ୍' କରିବା ଏହାର ତତ୍କାଳ ପ୍ରଭାବ ବୋଲି କୁହାଯାଇପାରେ । କିନ୍ତୁ ଚିନ୍ତା କରିବା କଥା, ୟୁକ୍ରେନର ୩୦ଲକ୍ଷରୁ ଊର୍ଦ୍ଧ୍ୱ ନାଗରିକ ଏବେ କେଉଁଭଳି ଭାବେ ଆତଙ୍କିତ ଅବସ୍ଥାରେ ଜୀବନଯାପନ କରୁଛନ୍ତି । ଯୁଦ୍ଧ ଶେଷ ବେଳକୁ ସେମାନଙ୍କ ଭିତରୁ କିଏ ବଂଚିବ, କାହାର ପ୍ରାଣ ଯିବ, ତାହା ଆକଳନ କରିବା ଅସମ୍ଭବ । ଏବେ ସେମାନେ ସୀମା ପାର ହୋଇ ଅନ୍ୟତ୍ର ପଳାୟନ କରିବାରେ ବ୍ୟସ୍ତ । ଏହା ମାନବୀୟ ବିପର୍ଯ୍ୟୟର ନମୁନା । ତେଣୁ ଏ ଯୁଦ୍ଧକୁ (ବିବାଦକୁ) ଯଥାଶୀଘ୍ର ସମାଧାନ କରିବା ଦିଗରେ ଜାତିସଂଘ ନିରାପତ୍ତା ପରିଷଦ ଆଗେଇ ଆସିବା ଉଚିତ୍ । ପ୍ରଥମେ ଯୁଦ୍ଧ ବନ୍ଦ ଓ ତାହାପରେ ସମସ୍ୟାର ସମାଧାନ । ଅନ୍ୟଥା କିଏ କହିବ, ଝିମିଟି ଖେଳରୁ ମହାଭାରତ ସୃଷ୍ଟି ହେବା ଭଳି ଏହା ଆଉ ଏକ ବିଶ୍ୱଯୁଦ୍ଧ ଆଡ଼କୁ ନମୁହାଁଇବ ? ଉଲ୍ଲେଖ ନିଷ୍ପ୍ରୟୋଜନ, ଏବେ ଏକବିଂଶ ଶତାବ୍ଦୀରେ ମାନବ ସମାଜ ପ୍ରକୃତିର ପ୍ରକୋପ ସହିତ ଯୁଝି ଜୀବନ ବଂଚିବାକୁ ସଂଘର୍ଷ କରୁଥିବାବେଳେ ଏଭଳି ମାନବକୃତ ଯୁଦ୍ଧ କେବଳ ଅବାଞ୍ଛିତ ନୁହେଁ, ଅଗ୍ରହଣୀୟ ମଧ୍ୟ । ଏହି ସଦ୍‌ବୁଦ୍ଧି ପୁଟିନ ଏବଂ ପାଶ୍ଚାତ୍ୟ ନେତୃବର୍ଗଙ୍କ ମନରେ ଜାଗ୍ରତ ହେବା ଉଚିତ୍ ।

## ଶାନ୍ତି କ'ଣ ଅପହଂଚ ?



ଅଧ୍ୟାପକ ଶରତ କୁମାର ଦାସ

ରୁଷ-ୟୁକ୍ରେନ ବିବାଦ ଓ ତଜ୍ଜନିତ ଯୁଦ୍ଧର ଭୟାବହତାକୁ ଦୃଷ୍ଟିରେ ରଖି ସମଗ୍ର ବିଶ୍ୱ ସମୁଦାୟ ସଙ୍କଟଜନକ ପରିସ୍ଥିତିରେ ଗତି କରୁଥିବାବେଳେ ଆନ୍ତର୍ଜାତୀୟ ଶାନ୍ତି, ସ୍ଥିରତା ତଥା ନିରାପତ୍ତା କ୍ଷେତ୍ରରେ ଯେ ଏକ ମହାଘୂର୍ଣିବଳୟ ସୃଷ୍ଟି ହୋଇଛି ଯାହାକୁ କେବେ ବି ଅସ୍ୱୀକାର କରାଯାଇ ନ ପାରେ। ସାମ୍ପ୍ରତିକ ପରିସ୍ଥିତିରେ ଯେଉଁ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି ତାହା କେବଳ ରାଜନୈତିକ ଅସ୍ଥିରତା ସୃଷ୍ଟି କରିନି ବରଂ ଅର୍ଥନୈତିକ ତଥା ବାଣିଜ୍ୟିକ କ୍ଷେତ୍ରରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ସମଗ୍ର ବିଶ୍ୱ ସମୁଦାୟ ଏବେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଶଙ୍କାରେ ଗତି କରୁଥିବା ବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର କରାଳତା ଅଖିସାମନାରେ ନାଚିଉଠୁଛି । ସତ କହିବାକୁ ଗଲେ ଗଣତନ୍ତ୍ରର ଜାଜ୍ୱଲ୍ୟମାନ ମୂଲ୍ୟବୋଧ କାହିଁ କେଉଁ ଅନ୍ଧାରୀ ଇଲାକାରେ ଆର୍ତ୍ତନାଦ କରୁଛି । ଶାନ୍ତିକାମୀ ମଣିଷ ଟିକେ ଶାନ୍ତିରେ ବଂଚିବା ପାଇଁ ଚିତ୍କାର କରୁଛି । ଶାନ୍ତି ଓ ନିରାପତ୍ତା ପାଇଁ ନିତି ମନ୍ତ୍ରପାଠ କରୁଥିବା ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ସ୍ୱାର୍ଥ ଓ କ୍ଷମତା ଲାଳସାର ମୋହରେ ଅନ୍ଧହୋଇ ବାଟବଣା ହେବା ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ ଛଡା ଅନ୍ୟ କିଛି ନୁହେଁ ।

ରୁଷ୍ ସମର୍ଥିତ ବିଚ୍ଛିନ୍ନତାବାଦୀଙ୍କ ଦଖଲରେ ଥିବା ୟୁକ୍ରେନର ଡନେସ୍କ ଓ ଲୁହାନସ୍କକୁ ସ୍ୱାଧୀନ ରାଷ୍ଟ୍ର ବୋଲି ଘୋଷଣା କରିବାର କେଇ ଘଣ୍ଟା ମଧ୍ୟରେ ଉକ୍ତ ଅଂଚଳକୁ ରୁଷ୍ ସେନା ପଠାଇବାକୁ ରାଷ୍ଟ୍ରପତି ପୁଟିନ ଆଦେଶ ଦେଇଛନ୍ତି । ରୁଷ୍ ସୈନ୍ୟମାନେ ମଧ୍ୟ ୟୁକ୍ରେନ ଭିତରକୁ ପ୍ରବେଶ କରିଛନ୍ତି । ଚତୁର୍ଦ୍ଦିଗ ଗୁଳିଗୋଳାର ଆବାଜ ପରିପ୍ରେକ୍ଷୀରେ ସ୍ତବ୍ଧ ହୋଇଯାଇଛି ସମଗ୍ର ୟୁକ୍ରେନ ।ଉକ୍ତ ଅଂଚଳରେ ସାମରିକ ଉତ୍ତେଜନା ସୃଷ୍ଟି ହେବା ସହିତ ଯୁଦ୍ଧ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି । ରୁଷ୍ ର ଏଭଳି ପଦକ୍ଷେପକୁ ଜାତିସଂଘ ନିନ୍ଦା କରିଛି । ଆମେରିକା ନେତୃତ୍ୱାଧୀନ 'ନାଟୋ' ସେନା ଏକପ୍ରକାର ହତବାକ୍ ହୋଇପଡିଛନ୍ତି । ୨୦୧୪ରେ ଏହିପରି ରୁଷ୍ ହଠାତ୍ ୟୁକ୍ରେନର କ୍ରିମିୟା ଅଂଚଳ ଦଖଲକୁ ନେଇଥିଲା । ସେତେବେଳେ ମଧ୍ୟ ଆମେରିକା ଓ ଏହାର ମିତ୍ର ରାଷ୍ଟ୍ର ରୁଷ୍ ବିରୋଧରେ କଟକଣା ଜାରି କରିଥିଲେ । ମାତ୍ର ରୁଷର ସେଭଳି କିଛି ଆଖିଦୃଶିଆ ଅସୁବିଧା କରିପାରି ନଥିଲେ । ରୁଷ୍ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଯେ କେବଳ ରୁଷ୍ ଅସୁବିଧାରେ ପଡିବ ତାହା ନୁହେଁ ବରଂ ପଶ୍ଚିମ ଦେଶଗୁଡିକ ମଧ୍ୟ ଅସୁବିଧାରେ ପଡିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ଅନ୍ୟ ପକ୍ଷରେ ନିଜ ଦେଶର ସୁରକ୍ଷା ସହ କୌଣସି ସାଲିସ୍ କରାଯିବ ନାହିଁ ବୋଲି ରୁଷ୍‌ର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଘୋଷଣା କରିବା ପରିପ୍ରେକ୍ଷୀରେ ବିବାଦ ବୃଦ୍ଧିପାଇବାରେ ଲାଗିବା ସହ ଉତ୍ତେଜନା ଜଟିଳରୁ ଜଟିଳତର ହେବାରେ ଲାଗିଛି ।

ରୁଷ୍ ରାଷ୍ଟ୍ରପତି ଏକତରଫା ଭାବରେ ୟୁକ୍ରେନର ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ କରିବା ପରେ ବ୍ରିଟେନ ସରକାର ରୁଷ୍‌ର ପାଂଚଟି ବ୍ୟାଙ୍କ ଏବଂ ତିନି ଜଣ କୋଟିପତିଙ୍କ ବିରୋଧରେ କଟକଣା ଲାଗୁକରିଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନସନଙ୍କ ମୁଖପାତ୍ର କହିଛନ୍ତି କି ପୁଟିନଙ୍କର ଏଭଳି ପଦକ୍ଷେପରୁ ଉକ୍ତ ଅଂଚଳରେ ପୂର୍ଣ୍ଣାଙ୍ଗ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ଅନ୍ୟ ଏକ ଘଟଣାକ୍ରମରେ ୟୁକ୍ରେନକୁ ଅଧିକ ସାମରିକ ସମର୍ଥନ ଯୋଗାଇ ଦେବାକୁ ବ୍ରିଟେନ ପ୍ରଧାନମନ୍ତ୍ରୀ ଘୋଷଣା କରିଛି ।ତୁର୍କି ରାଷ୍ଟ୍ରପତି ରୁଷ୍ ପ୍ରତି ତାଙ୍କ ରାଷ୍ଟ୍ରର ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି ।ଏହି ଅବସରରେ ସେ ରୁଷ୍ ଓ ୟୁକ୍ରେନ ମଧ୍ୟରେ ମଧ୍ୟସ୍ଥତା କରିବା ପ୍ରସ୍ତାବ ଉପରେ ଗୁରୁତ୍ୱ ଦେଇଛନ୍ତି ।ଆମେରିକା ସମେତ ଇୟୋରୋପୀୟ ରାଷ୍ଟସଂଘ, ଜାପାନ, ଏବଂ ଅଷ୍ଟ୍ରେଲିଆ ଆଦି ରାଷ୍ଟ୍ର ରୁଷ୍ ବିରୋଧରେ ଏକାଧିକ କଟକଣା ଜାରି କରିଛନ୍ତି । ଦକ୍ଷିଣ କୋରିଆ ମଧ୍ୟ ଖୁବ୍ ଶୀଘ୍ର ଏଭଳି ନିଷ୍ପତ୍ତି ନେବା ସମ୍ପର୍କରେ ସୂଚନା ଦେଇଛି ।

ରୁଷ୍ ଓ ୟୁକ୍ରେନ ମଧ୍ୟରେ ସୃଷ୍ଟି ପରିସ୍ଥିତି ପାଇଁ ଆମେରିକାକୁ ଦାୟୀ କରିଛି ଚୀନ । ଚୀନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ହୁଆ ଚୁନୟିଙ୍ଗ କହିଛନ୍ତି, ରୁଷ୍ ଉପରେ ଜାରି କରାଯାଇଥିବା ଏକତରଫା କଟକଣାକୁ ତାଙ୍କ ଦେଶ ବିରୋଧ କରିଛି । ଆମେରିକା ଉକ୍ତ ଅଂଚଳରେ ଆତଙ୍କ ଏବଂ ଭୟର ବାତାବରଣ ସୃଷ୍ଟି କରୁଥିବା ସେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ପାକିସ୍ତାନ କୌଣସି ପକ୍ଷକୁ ସମର୍ଥନ ନ ଦେବାକୁ ନିଷ୍ପତ୍ତି ନେଇଛି ।

ତାଇୱାନ ରାଷ୍ଟ୍ରପତି ତାଇୱାନ ଇଙ୍ଗ-ଓନ୍ ରୁଷ୍ ର ନିଷ୍ପତ୍ତିକୁ କଡା ସମାଲୋଚନା କରିଛନ୍ତି ।ଜି-୭ ବୈଦେଶିକ ମନ୍ତ୍ରୀମାନେ ରୁଷ୍ ର ଯୁଦ୍ଧଖୋର ମନୋବୃତ୍ତିକୁ କଡା ନିନ୍ଦା କରିଛନ୍ତି । ରୁଷ-ୟୁକ୍ରେନ ବିବାଦକୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ଏବଂ ସମୁଦାୟ ବିଶ୍ୱ ସମ୍ପ୍ରତି ଗୁରୁତର ନିରାପତ୍ତା ସଙ୍କଟରେ ସାମନା କରୁଛି ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି ।ସେ କହିଛନ୍ତି ୟୁକ୍ରେନର ତାଜା ଘଟଣାକ୍ରମ ସମୁଦାୟ ଆନ୍ତର୍ଜାତିକ ବ୍ୟବସ୍ଥା ପାଇଁ ଏକ ପରୀକ୍ଷା ସଦୃଶ ହୋଇଛି। ପୋପ୍ ଫ୍ରାନସିସ୍ କହିଛନ୍ତି, ଏହି ଘଟଣାକ୍ରମ ତାଙ୍କ ହୃଦୟରେ ଗଭୀର ଯନ୍ତ୍ରଣା ସୃଷ୍ଟି କରିଛି । ସମଗ୍ର ବିଶ୍ୱରେ ଶାନ୍ତି ବଜାୟ ରଖିବାକୁ ସେ ନିବେଦନ କରିଛନ୍ତି । ଅନ୍ୟପଟେ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମ୍ୟାକ୍ରନ ୟୁକ୍ରେନ ବିବାଦ ନେଇ ରୁଷ୍ ରାଷ୍ଟ୍ରପତି ପୁଟାନଙ୍କ ସହ କଥା ହୋଇଛନ୍ତି ।

ଏବେ ସମସ୍ତଙ୍କ ନଜର ଭାରତ ଉପରେ । ରୁଷ-ୟୁକ୍ରେନ ବିବାଦ ପରିପ୍ରେକ୍ଷୀରେ ଭାରତ ଭଳି ଏକ ଶାନ୍ତିକମୀ ରାଷ୍ଟ୍ର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଆନ୍ତର୍ଜାତୀୟ ସ୍ତରରେ ଆଲୋଚନା ଚାଲିଛି । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ସହ ରୁଷ୍ ର ରାଷ୍ଟ୍ରପତିଙ୍କର ଉତ୍ତମ ସମ୍ପର୍କ ଥିବାରୁ ଏ କ୍ଷେତ୍ରରେ ପୁଟିନଙ୍କୁ ବୁଝାଇବରେ ସେ ସଫଳ ହୋଇପାରିବେ ବୋଲି ସାଧାରଣରେ ବିଶ୍ୱାସ କରାଯାଏ । ଯଦି ଏହା ସମ୍ଭବ ହୁଏ ତେବେ ସମଗ୍ର ବିଶ୍ୱ ଅନ୍ୟ ଏକ ଯୁଦ୍ଧର ଭୟାବହତାରୁ ସହଜରେ ମୁକ୍ତି ପାଇପାରିବ । ଇତିମଧ୍ୟରେ ରୁଷ୍-ୟୁକ୍ରେନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ସମ୍ପର୍କରେ ଆଲୋଆଲୋଚନା କରିବାକୁ ଜାତିସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଭାରତର ସ୍ଥାୟୀ ପ୍ରତିନିଧି ଟି.ଏସ.ତିରୁ ମୂର୍ତ୍ତି ଯୋଗଦେଇ ସମସ୍ତ ପକ୍ଷ ସଂଯମତା ଅବଲମ୍ବନ କରିବାକୁ କହିଛନ୍ତି। ତାଙ୍କ ମତ ଅନୁସାରେ ଏହି ବିବାଦ କେବଳ କୂଟନୈତିକ ପ୍ରୟାସ ମାଧ୍ୟମରେ ସମାଧାନ କରାଯାଇପାରିବ । ସମସ୍ତ ପକ୍ଷ ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ସର୍ତ୍ତାବଳୀ ଅନୁସରଣ କରି ସଂଯମତା ପ୍ରଦର୍ଶନ କରିବା ଏବଂ ସମସ୍ତ ପକ୍ଷକୁ ସୁହାଇବା ଭଳି ସମାଧାନର ପନ୍ଥା ବାହାର କରିବାକୁ ପଡିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

ଭାରତର ପ୍ରାୟ ୨୦ ହଜାର ଛାତ୍ର ୟୁକ୍ରେନର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି ।ସେମାନଙ୍କ ପାଇଁ ଭାରତ ସରକାର ଚିନ୍ତିତ। ସେମାନଙ୍କ ମଧ୍ୟରୁ ଅଳ୍ପ କେତେକ ଛାତ୍ର ଭାରତ ଫେରି ଆସିଥିବା ବେଳେ ଆହୁରି ଅନେକ ସେଠାରେ ଅଛନ୍ତି । ଯେଉଁମାନେ ଭାରତ ଫେରିବାକୁ ଚାହୁଁ ନାହାନ୍ତି, ସେମାନେ ୟୁକ୍ରେନରେ ଥିବା ଭାରତୀୟ ଦୂତାବାସ କାର୍ଯ୍ୟାଳୟ ସହ ଯୋଗସୂତ୍ର ରକ୍ଷାକରିବାକୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

ସାମ୍ପ୍ରତିକ ପରିସ୍ଥିତିରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ନେଇ କେବଳ ଯୁଦ୍ଧର ଆଶଙ୍କା କରାଯାଇପାରେ । ଯୁଦ୍ଧ ହେଲେ ଯେ କେବଳ ରୁଷ ଓ ୟୁକ୍ରେନ କ୍ଷତିଗ୍ରସ୍ତ ହେବେ ତା' ନୁହେଁ । ଯୁଦ୍ଧ କେବଳ ଏହି ଦୁଇଟି ଦେଶ ମଧ୍ୟରେ ସୀମିତ ହୋଇ ରହିବ ନାହିଁ । ଏଥିରେ ଅନେକ ଶକ୍ତିଶାଳୀ ଦେଶ ପକ୍ଷଭୁକ୍ତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ଆବଶ୍ୟକ ହେଲେ ଏହି ଯୁଦ୍ଧ ତୃତୀୟ ବିଶ୍ୱ ଯୁଦ୍ଧ ର ରୂପ ଧାରଣ କରିପାରେ । ଏହାଦ୍ୱାରା ସମଗ୍ର ବିଶ୍ୱ କ୍ଷତିଗ୍ରସ୍ତ ହେବା ନିଶ୍ଚିତ । ଏହାର କୁପ୍ରଭାବ କେବଳ ରାଜନୈତିକ କ୍ଷେତ୍ରରେ ନୁହେଁ ବରଂ ଅର୍ଥନୈତିକ ତଥା ବାଣିଜ୍ୟିକ କ୍ଷେତ୍ରରେ ଅନୁଭୂତ ହେବା ସ୍ୱାଭାବିକ, ଯାହାର ସଙ୍କେତ ଏବେ ଠାରୁ ଦେଖିବାକୁ ମିଳିଲାଣି । ବିଶେଷ କରି ରନ୍ଧନ ଗ୍ୟାସ ଓ ଅଶୋଧିତ ତୈଳ ବଜାରରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପରିଲିକ୍ଷିତ ହେବା ନିଶ୍ଚିତ ।

ରୁଷ ଓ ୟୁକ୍ରେନ ବିବାଦର ଖଳନାୟକ ସାଜି ଲୁଚକାଳି ଖେଳୁଥିବା ଆମେରିକା ଏ ଦିଗରେ ସଠିକ ପଦକ୍ଷେପ ନେବା ଉଚିତ୍ । କେବଳ କଥାରେ ନକହି କାର୍ଯ୍ୟରେ କରି ଦେଖାଇବା ଉଚିତ ବୋଲି ୟୁକ୍ରେନର ରାଷ୍ଟ୍ରପତି ଭ୍ଲାଦିମିର ଜେଲେନ୍ସ୍କି ମତବ୍ୟକ୍ତ କରିଛନ୍ତି ଯାହାକି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କର ମୁଣ୍ଡବିନ୍ଧାର କାରଣ ପାଲଟିଛି । ଆମେରିକାରେ ନୀରବତା ଯୋଗୁ ରୁଷ୍ ଅଧିକ ପ୍ରତିକ୍ରିୟାଶୀଳ ହୋଇଉଠିଛି ବୋଲି ୟୁକ୍ରେନର ରାଷ୍ଟ୍ରପତି ମତବ୍ୟକ୍ତ କରିବା ସ୍ୱାଭାବିକ ମନେହୁଏ ।

ତେବେ ଯୁଦ୍ଧର ଗତି ଯାହା ହେଉନା କାହିଁକି ଆମ ସମସ୍ତଙ୍କୁ ଗୋଟିଏ କଥା ମନେ ରଖିବାକୁ ପଡିବ ଯେ ଚୀନ୍, ଆମେରିକା ଓ ରୁଷ୍‌ର ଉଚ୍ଚାଭିଳାଷ ପାଇଁ ସମଗ୍ର ବିଶ୍ୱରେ ଏବେ ଅସ୍ଥିରତା ସୃଷ୍ଟିହେଉଛି । ରୁଷ୍ ବିରୋଧରେ ଆମେରିକା ହିଁ ୟୁକ୍ରେନକୁ ଉସୁକାଉଛି। ରୁଷ୍ ପରିଚୟରୁ ଏବେ ସମ୍ପୂର୍ଣ୍ଣ ପୃଥକ୍ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଏବେ ୟୁକ୍ରେନ ଚାହୁଁଛି। ଅନ୍ୟପଟେ ରୁଷ୍‌ର କାର୍ଯ୍ୟରେ 'ନାଟୋ'ର ହସ୍ତକ୍ଷେପ ତଥା ରୁଷ୍‌ର ସୀମାରେ ପଶ୍ଚିମ ଦେଶଗୁଡିକର ଚଳପ୍ରଚଳକୁ ରୁଷ୍ ବରଦାସ୍ତ ନକରିପାରିବା ଅଶାନ୍ତିର ମୁଖ୍ୟ କାରଣ ହୋଇଛି ।

ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଆମ ସମସ୍ତଙ୍କୁ ସଚେତନ ହେବାକୁ ପଡିବ। ସମଗ୍ର ବିଶ୍ୱରେ ଶାନ୍ତି ଓ ନିରାପତ୍ତା ପ୍ରତିଷ୍ଠା ନିମନ୍ତେ ପୂର୍ବ ହେଉ ବା ପଶ୍ଚିମ ବିଶ୍ୱର ପ୍ରତିଟି ରାଷ୍ଟ୍ର ଏ ସମସ୍ୟାର ସମାଧାନ ପାଇଁ ଆଗେଇ ଆସିବା ଉଚିତ । ଆମ ସମସ୍ତଙ୍କୁ ମନେ ରଖିବ ଉଚିତ ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନର ମାଧ୍ୟମ ନୁହେଁ । ସାମ୍ପ୍ରତିକ ବିଶ୍ୱ ଯୁଦ୍ଧ ଚାହେଁ ନା, ଶାନ୍ତି ଚାହେଁ । ଗୁଳିଗୋଳା, ହିଂସା ଓ ରକ୍ତପାତ କେବେ ଶାନ୍ତି ପ୍ରତିଷ୍ଠା କରିପାରେ ନାହିଁ ।ହୁଏତ ହିଂସା ମାଧ୍ୟମରେ ସାମୟିକ ଭାବେ ଶାନ୍ତି ପ୍ରତିଷ୍ଠା ହୋଇପାରେ ମାତ୍ର ହିଂସା ସ୍ଥାୟୀ ସମାଧାନର ପନ୍ଥା ନୁହେଁ । ଯୁଦ୍ଧ ଶାନ୍ତିର ପରିପନ୍ଥୀ ନୁହେଁ । ତେଣୁ ପରସ୍ପର ଜିଦ୍ ଖୋର ମନୋବୃତ୍ତିରୁ ନିବୃତ୍ତ ରହି କୂଟନୈତିକ ସ୍ତରରେ ଆଲୋଚନା ମାଧ୍ୟମରେ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ହୋଇପାରିଲେ ବିଶ୍ୱ ଏକ ଅନାବଶ୍ୟକ ତଥା ଅବଶ୍ୟମ୍ଭାବୀ ଯୁଦ୍ଧର କରାଳତାରୁ ମୁକ୍ତ ହୋଇପାରିବ ।


♥ ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,
ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଭିନ୍ନକ୍ଷମଙ୍କ ଶିକ୍ଷା ପାଇଁ ସ୍ୱତନ୍ତ୍ର ଶିକ୍ଷକ



ଆୟୁଷ୍ମାନ ଚୌଧୁରୀ

ଭିନ୍ନକ୍ଷମ ନୁହେଁ ବରଂ ବିଭିନ୍ନ ପ୍ରକାରେ ସକ୍ଷମ। ଭିନ୍ନକ୍ଷମ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଦାନ ଦ୍ୱାରା ସେହି ପିଲାମାନଙ୍କୁ ସମାଜ ର ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ କ୍ଷ ବର୍ତ୍ତମାନ ଆମେ ଆସି ନୂତନ ଶିକ୍ଷାନୀତି ୨୦୨୦ କୁ ଆପଣେଇବାକୁ ବସିଲେଣି କିନ୍ତୁ ଭିନ୍ନକ୍ଷମଙ୍କ ଶିକ୍ଷା ଆଜି ମଧ୍ୟ ପଛୁଆ ହୋଇରହିଛି କ୍ଷ ଭିନ୍ନକ୍ଷମଙ୍କ ଅଧିକାର, ଶିକ୍ଷା ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ଯେତିକି ଚିନ୍ତିତ ତା ସହ ଏକ ସଂଘ; ଓଡ଼ିଶା ସ୍ପେସିଆଲ ଏଜୁକେଟର ଫେଡ଼େରସନଫର ଦିବ୍ୟାଙ୍ଗ ବିଗତ ୨୦୧୭ ମସିହାରୁ ସେତିକି ଚେ଼ଷ୍ଟିତ କ୍ଷ ଶିକ୍ଷା ସମସ୍ତଙ୍କର ଅଧିକାର। ୧୯୯୫ ଭିନ୍ନକ୍ଷମ ଆଇନ ଓ ୨୦୦୯ ମସିହା ଶିକ୍ଷା ଅଧିକାର ଆଇନ ଅନୁସାରେ ଶିକ୍ଷା ସମସ୍ତଙ୍କ ପାଇଁ ମୁକ୍ତ ଏବଂ ବାଧ୍ୟତାମୂଳକ ହେବା ଆବଶ୍ୟକ। ଏହାପରେ ଅନ୍ତଃନିବେଶୀ ଶିକ୍ଷା ୨୦୧୬ ଭିନ୍ନକ୍ଷମ ଅଧିକାର ଆଇନ ଅନୁସାରେ ଭିନ୍ନକ୍ଷମ ବା ବିଶେଷ ଆବଶ୍ୟକ ରଖୁଥିବା ପିଲା ଯେତେବେଳେ ଏକ ସାଧାରଣ ବିଦ୍ୟାଳୟରେ ସାଧାରଣ ପିଲା ସହ ମିଶି ଗୋଟିଏ ବିଦ୍ୟାଳୟରେ, ଗୋଟିଏ ଶ୍ରେଣୀ ଗୃହରେ, ଗୋଟିଏ ଛାତ ତଳେ ଶିକ୍ଷାଲାଭ କରିବ ସେତେବେଳେ ଭିନ୍ନକ୍ଷମ ବା ଦିବ୍ୟାଙ୍ଗଟିର ଉତ୍ତରୋତ୍ତର ଉନ୍ନତି ହେବା ସହ ସେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବ। ଅବଶ୍ୟ ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଓଡ଼ିଶାରେ ସ୍ୱତନ୍ତ୍ର ବିଦ୍ୟାଳୟ ରହିଛି, କିନ୍ତୁ ଦିବ୍ୟାଙ୍ଗ ପିଲାମାନଙ୍କ ତୁଳନାରେ ଓଡ଼ିଶାରେ ସ୍ୱତନ୍ତ୍ର ବିଦ୍ୟାଳୟର ସଂଖ୍ୟା ବହୁତ୍ କମ୍। ପ୍ରାୟତଃ ଦିବ୍ୟାଙ୍ଗ ପିଲାମାନଙ୍କ ଗୃହଠାରୁ କେଉଁଠି ପାଖରେ ତ କେଉଁଠି ଦୂରରେ ରହିଛି। ଯାହା ଫଳରେ କି ଦିବ୍ୟାଙ୍ଗ ପିଲା ମାନେ ସ୍ୱତନ୍ତ୍ର ବିଦ୍ୟାଳୟ ରେ ନାମ ଲେଖାଇବା ପରିବର୍ତ୍ତେ ସାଧାରଣ ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ତେଣୁ ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗମାନଙ୍କୁ ଶିକ୍ଷାଦାନ କରିବା ପାଇଁ ସ୍ୱତନ୍ତ୍ର ଶିକ୍ଷକଙ୍କର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ। ଯାହାକି ଓଡ଼ିଶାରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରାଯାଇ ନାହିଁ। ଏଥିପାଇଁ ସମସ୍ତ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ମାନ୍ୟବର ସୁପ୍ରିମକୋର୍ଟ ତା- ୨୮-୧୦-୨୦୨୧ ଡ଼ବ୍ଲୁ.ପି(ସି) ନଂ୧୩୨(୨୦୧୬) ରେ ଏକ ରାୟ ପ୍ରକାଶ କରିଛନ୍ତି, ଯେଉଁଥିରେ ମାନ୍ୟବର ସୁପ୍ରିମକୋର୍ଟ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ପ୍ରତ୍ୟେକ ବିଦ୍ୟାଳୟ ଗୁଡ଼ିକରେ ଅତିକମରେ ଗୋଟିଏ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦-୨୦୨୧ ସୂଚନା ଅଧିକାର ଦ୍ୱାରା ଦେଇଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ସାଧାରଣ ବିଦ୍ୟାଳୟରେ ୧,୦୨,୮୨୬ ଦିବ୍ୟାଙ୍ଗ ପିଲା ନାମ ଲେଖାଇଛନ୍ତି। କିନ୍ତୁ ସେମାନଙ୍କୁ ଶିକ୍ଷାଦାନ କରିବା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ହୋଇ ନାହାନ୍ତି ବୋଲି ଯୁକ୍ତି ରଖିଛି। ଭିନ୍ନକ୍ଷମ ଓ ଦିବ୍ୟାଙ୍ଗ ପିଲାମାନଙ୍କୁ ଶିକ୍ଷାଦାନ ଓ ସ୍ୱାବଲମ୍ବୀ କରିବା ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବା ଦାବିରେ ସଂଘ ବିଗତ ଦିନରୁ ବହୁବାର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ସହ ରାଜରାସ୍ତାକୁ ଓହ୍ଲାଇଛି । ଗତ ଅକ୍ଟୋବର ମାସରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବା ନିମନ୍ତେ ସଂଘ ତରଫରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚ଼ିବ, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ଚ଼ିଠି ନଂ-୧୩୦୦ ତା-୦୮-୦୨-୨୦୨୨ରେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ଅନ୍ୟାନ୍ୟ ବିଦ୍ୟାଳୟ ନିର୍ଦ୍ଦେଶକମାନଙ୍କୁ ଏକ ଚ଼ିଠି କରିଛନ୍ତି, ଯେଉଁଥିରେ ସେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭାବରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ ଦିଗରେ ବିବରଣୀ ମାଗିଛନ୍ତି। ଭିନ୍ନକ୍ଷମଙ୍କ ଶିକ୍ଷା ଏବଂ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ରାଜ୍ୟ ସରକାର ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ର ଏହି ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ, ଏବଂ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଯଥା ଶୀଘ୍ର ପାଳନ କରିବା ପାଇଁ ରାଜ୍ୟ ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚ଼ିବଙ୍କୁ ବିନମ୍ରତାର ସହ ଅନୁରୋଧ। ଓଡ଼ିଶାରେ ପ୍ରାୟ ୪ ହଜାରରୁ ଅଧିକ ସଂଖ୍ୟକ ବି.ଇଡ଼ି (ସ୍ୱତନ୍ତ୍ର ଶିକ୍ଷା), ଡ଼ି.ଇଡ଼ି (ସ୍ୱତନ୍ତ୍ରଶିକ୍ଷା) ତାଲିମ ନେଇ ଭାରତୀୟ ପୁନର୍ବାସ ପରିଷଦ ରେ ନାମ ପଞ୍ଜିକୃତ କରିଛନ୍ତି ।ତେଣୁ ଓଡ଼ିଶାର ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ଅତିକମ୍ ରେ ଗୋଟିଏ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ କରାଗଲେ ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ପିଲାମାନେ ଭଲ ଭାବରେ ଶିକ୍ଷାଗ୍ରହଣ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରନ୍ତେ ବୋଲି ସଂଘ ମତ ରଖିଛି। ଭିନ୍ନକ୍ଷମଙ୍କୁ କେବଳ ସହାନୁଭୂତି ନଦେଇ, ଆତ୍ମନିର୍ଭର ହେବା ପାଇଁ ସହାୟତା କଲେ ଭିନ୍ନକ୍ଷମଟି ସାମ୍ମାନର ସହ ବଞ୍ଚି ପାରିବ ଏବଂ ଏକ ଆଦର୍ଶ ସମାଜ ଗଠନ ହୋଇପରିବା ।


♥ ଚେତନା ସ୍ୱତନ୍ତ୍ର ଶିକ୍ଷା
ମହାବିଦ୍ୟାଳୟ,
ଭୁବନେଶ୍ୱର- ୭୫୧୦୧୩
ମୋ: ୯୩୪୮୨୯୫୫୫୬





### ଭାଷା ମାଗୁଛି ଭରସା

ମମତା ବାରିକ



ବହ୍ନିକୁ ଶୀତଳ କରେ ତା' ଝଙ୍କାର
ମାଟିର ଗୀତସେ ଗାଇ,
ଅମୃତ ତୁଲ୍ୟ ସେ ମୋର ମାତୃଭାଷା
ବିଦେଶୀ ରହଇ ଚାହିଁ ।

ବିଦ୍ୱାନଟେ କାହିଁ ପାଶୋରିବ ମନୁ
ମାତୃଭାଷାର ମର୍ଯ୍ୟାଦା,
ମୁର୍ଖ, ଜନମାନେ ମନରେ ମଣିବେ
ନାହିଁ ତା' ଆବଶ୍ୟକତା।

ଗର୍ବେ ହୀନଜନ କହିବେ ମଞ୍ଚରେ
ଦୁର୍ବଳ ଏ ମାତୃଭାଷା,
ଭାଷାର ସୁରକ୍ଷା ପାଇଁ ଥରୁଟିଏ
କରିବେ ନାହିଁ ସେ ଚିନ୍ତା ।

ଜିହ୍ୱାକୁ ଲାଗିବ ମିଥାମୃତ ତାଙ୍କ,
ବର୍ବରତା ଭରା ବିଷ !

ଯୁକ୍ତିରେ ଯୁକ୍ତିରେ ବଖାଣିବେ ସିଏ,
ଆମେ ପରା ଯୋଗ୍ୟ ସୁତ !

ଥରଟେ ଡାକରା ଦିଅହେ ଜନତା
ମାତୃଭାଷା-ରକ୍ଷା ନେଇ,
କର ତା'କୁ ପୂର୍ଣ୍ଣ-ବସ୍ତ୍ର ପରିହିତା
ମାନସମ୍ମାନକୁ ଚାହିଁ ।


♥ ସ୍ଥାନ-ଯାଜପୁର, ବାରବାଟୀ,
ଗ୍ରାମ-ବାମଦେବପୁର,
ପିନ୍-୭୫୫୦୦୮


### ମଧୁଶାଳା ମୁଁ

ପ୍ରଣତି ଆଚାର୍ଯ୍ୟ ମିଶ୍ର



ଥମିଯାଅ ନିଶି କିଛି କ୍ଷଣପାଇଁ ସାଥିଅଛି ପାଶେ ଆଜି
ଅଜାଡିବି ସବୁ ପ୍ରେମ ପ୍ରୀତି ରଙ୍ଗ ମଧୁଶାଳା ମୁଁ ସାଜି ।

ପିରତୀ ଫଗୁଣ ଆରକ୍ତ ରଙ୍ଗ ରେ ରଙ୍ଗିନ୍ ହୋଇବ ଏବେ
ଅନ୍ତରଙ୍ଗ ପ୍ରେମ ନିବିଡ ଆଶ୍ଲେଷେ ଗୋପନେ ଚୁମିବ ଯେବେ ।

ମତୁଆଲା ପ୍ରେମ ଧରି ଆସି ଅଛି ଖୋଲି ଯାଉଛି କବରୀ
ଶାନ୍ତ ହୋଇଯିବ କ୍ଲାନ୍ତ ଦେହ ମୋର ସ୍ପନ୍ଦନ ଭରା ଶର୍ବରୀ ।

ପ୍ରଣୟ ଜୋସ୍ନା ଜଳଇ ଶରୀର ନରମ ଶେଯରେ ମୋର
ପ୍ରେମ ଶିବିରରେ ଅଳସ ଦେହେ ମୋ ପ୍ରୀତି ମଦିରାର ଧାର ।

ପ୍ରୀତି ଛୁଆ ଦେହେ ତରଙ୍ଗ ଖେଳାଏ ରୋମା ରେ ଯାଏ ଭରି
ଲଜ୍ଜା ରେ ଆନତ ମୁଖ ଜହ୍ନାଲୋକେ ରାତ୍ରି ଯାଉଅଛି ସରି ।

ଅତନ୍ଦ୍ରା ଶେଜରେ ତିବ୍ର ଆକର୍ଷଣ ବସ୍ତ୍ର ଲୋଚାକୋଚା ମୋର
ଓଦା ଅନୁଭବ ଝାପ୍ସା ଆଲୋକରେ ଉଛୁଳା ଯୌବନ ତାର ।

ପୀରତିର ବାସ୍ନା ଭାସିଆସେ ଯେହ୍ନେ ରଜନୀଗନ୍ଧାର ବାସ
ମଗ୍ନ ମନରେ ମାଦକତା ଭରେ ସାଥୀର କୋମଳ ସ୍ପର୍ଶ ।

ଥମିଯାଅ ତେଣୁ ପାଅନାହି ନିଶି ସାଥୀ ଅଛି ପାଶେ ଆଜି
ଅଜାଡିବି ସବୁ ପ୍ରେମ ପ୍ରୀତି ରଙ୍ଗ ମଧୁଶାଳା ମୁଁ ସାଜି ।


♥ ନୟାଗଡ଼,
(ମୋ)୯୪୩୭୬୪୨୯୪୭


### ସେ ରାତିର ଚିତ୍କାର

ଉମେଶ ଚନ୍ଦ୍ର ଯେନା



ସେ ରାତିର ଚିତ୍କାର
ଆଜିବି ମୋ କାନରେ ବାଜେ
ନିଆଁର ଦରଜ ଉଣ୍ଡାଳି ବୁଲେ
ଉଲଗ୍ନ ଦେହରେ
ଦଶଦିଗପାଳକୁ ଚିତ୍କାର କରି
କହୁଥିଲା ମତେ କ୍ଷମା କରିଦିଅ
ମୁଁ ଆଉ ସହି ପାରିବିନି
ଜାଳିବାର ଯନ୍ତ୍ରଣା ସାହିପାରିବିନି ।

ଜୀବନ ସାରା ଜଳିଛି
କେବେ ପ୍ରତିବାଦ କରିନି
କେବଳ ଜଳି ଆସିଛି
ସ୍ୱାମୀର ପ୍ରେମ ଟିକେ ପାଇଁ ଜଳିଛି
ମୋ ଛୁଆର ଏନ୍ତୁଡ଼ି ନିଆଁରେ ଜଳିଛି
ଗରମ ଖଡ଼ିକା ଚିଆଁ ରେ ଜଳିଛି
ବିଡି ନିଆଁରେ ବି ଜଳିଛି
ଖାଲି ଏତିକି ନୁହେଁ
ମଦର ଗନ୍ଧରେ ଜଳିଛି
ଅଧରାତିରେ ଜହ୍ନ ଆଲୁଅରେ
ଘର ଓଳିପଟେ ଜଳିଛି
ଉତୁରା ଗରମ ପେଜରେ ଜଳିଛି
ହେଲେ ଆଜି ସହିପାରୁନି
ଆଉ ସହିପାରୁନି
ସହିପାରୁନି

ମତେ ଛାଡିଦିଅ
ମତେ ଆଉ ଜଳାଅନା ।

କୁଆଡେ ନେଉଛ ମତେ
କଞ୍ଚା ଘା'ରେ ମଲମ ଲଗେଇବାକୁ
ନା ଚୂନ ଲଗେଇବାକୁ
ମତେ ଏମିତି ଛାଡିଦିଅ ମୁଁ ମରିଯାଏ ।
ଯେତେବେଳେ ଜଳୁଥିଲି
କେହିବି ଆସନ୍ତି ନାହିଁ
ହେଲେ ଆଜି ସମସ୍ତେ ଆସି
ମତେ ଦେଖୁଛନ୍ତି
ମୋ ଚିତ୍କାର ଶୁଣୁଛନ୍ତି
ସମସ୍ତେ ନିରବ
ସମସ୍ତଙ୍କ ଆଖିରେ
କୁମ୍ଭୀରର ଲୁହ
ଏ ରାତ୍ରି ଆଜି ଶୋଇପଡ଼ିଛି
ମତେ ଛାଡିଦିଅ
ମୁଁ ଏ ରାତି ସହ ସୋଇପଡ଼ିବି ।


♥ କଲ୍ୟାଣ ପୁର,
ବିଂଝାରପୁର, ଯାଜପୁର
(ମୋ)୯୯୩୮୩୧୬୭୩୨


### ବାଲିଘର

ରୋହିତ ସେଠୀ



ସମୁଦ୍ର ବକ୍ଷରେ ବାଲୁକା ଶଯ୍ୟାରେ
ତୋଳିଥିଲି ବାଲିଘର
ସେ ଘରକୁ ନେଇ ହଜାରେ ସପନ
ଦେଖିଥିଲା ମନ ମୋର ।

କେଉଁଠାରେ ଥିଲା ଈର୍ଷାତୁର ଢେଉ
ବାଲିଘର ଭାଙ୍ଗିଦେଲା
ଆଖି ପିଛୁଳାକେ ଯେତେକ ସପନ
ଚୂରମାର ସତେ ହେଲା ।

ବାଲୁକା ଶଯ୍ୟାର ବାଲିଘର ସିନା
ଭଗ୍ନହେଲା ନିମିଷକେ
ଦୃଢ଼ ବିଶ୍ୱାସରେ ଏବେ ମୁଁ ଗଢ଼ିଛି
ବାଲିଘରଟିଏ ବୁକେ ।

ଛୁଇଁ ପାରିବନି ଝଡ଼ କି ବତାସ
ଅବା ସମୁଦ୍ରର ଢେଉ
ନା ଭାଙ୍ଗି ପାରିବ ଅଦିନ ବରଷା,
ସେ ଭରସା ଥାଉ ଥାଉ ।


♥ ଖଜୁରୀପଡ଼ା,କନ୍ଧମାଳ
ମୋ-୭୭୩୫୨୧୪୩୭୯





## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୩୧)

# ରାମ ବନବାସ (କ)



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମର୍ତ୍ତ୍ୟ ମଣ୍ଡଳରେ ଭଗବାନ ଜନ୍ମ ହେଲେ ତାଙ୍କୁ ବି ମଣିଷର ଜୀବନ ବଂଚିବାକୁ ହୁଏ- ଏହି କଥାର ଏକ ଶ୍ରେଷ୍ଠ ଉଦାହରଣ ହେଉଛି ପ୍ରଭୁ ଶ୍ରୀରାମଙ୍କ ଜୀବନ। ମିନା ଅପା ରାମାୟଣର ପୁରାଣର ଅନ୍ୟ ଏକ ଅଧ୍ୟାୟ ଆରମ୍ଭ କଲେ।

ବିଧିର ବିଧାନ ଅନୁସାରେ ସବୁ ଘଟଣା ଘଟୁଥିଲା। ସେ ଘଟଣାକୁ ବଦଳାଇବାକୁ କାହାର ସାମର୍ଥ୍ୟ ନାହିଁ।

ରାତି ପାହିଲେ ରାମଚନ୍ଦ୍ର ଅଯୋଧ୍ୟାର ରାଜା ହୋଇଥାନ୍ତେ। ମାତ୍ର ତାହା ହେବାର ନଥିଲା। ତାଙ୍କୁ ଚଉଦ ବର୍ଷ ବନବାସରେ ଯିବାର ଥିଲା।



କୈକେୟୀ ଦଶରଥଙ୍କୁ ତାଙ୍କର ଦୁଇଟି ବର ମାଗି ସାରିଥିଲେ। ଭରତ ଅଯୋଧ୍ୟାରେ ରାଜା ହେବେ ଓ ରାମଚନ୍ଦ୍ର ବନବାସରେ ଯିବେ। କୈକେୟୀ ଜାଣିଥିଲେ- ରାମ ଅଯୋଧ୍ୟାରେ ରହିଲେ ଭରତଙ୍କୁ ଅଯୋଧ୍ୟାର ଲୋକମାନେ ରାଜା ବୋଲି ଗ୍ରହଣ କରି ନପାରନ୍ତି। ଭରତଙ୍କ ରାଜା ହେବା ବାଟକୁ ସଳଖ କରିବା ରାମଚନ୍ଦ୍ରଙ୍କ ବନବାସ ଗମନ।

ବୃଦ୍ଧ ରାଜା ଦଶରଥ ନିଜକୁ ଓ ରାଣୀ କୈକେୟୀଙ୍କୁ ଧିକାର କରୁଥିଲା। ମାତ୍ର ବର୍ତ୍ତମାନ କଣ କରାଯାଇପାରିବ। ତୁଣ୍ଡରୁ ବାହାରି ଯାଇଥିବା କଥା ଓ ନଈରେ ବୋହି ଯାଇଥିବା ପାଣିକୁ ଫେରାଇ ଆଣି ହେବନି।

ରାମଚନ୍ଦ୍ର କୈକେୟୀଙ୍କ ଅନ୍ତଃପୁରରେ ପହଂଚି ସବୁକଥା ଜାଣିଲେ ଓ ସେ ସଂଗେ ପ୍ରତିଜ୍ଞାବଧ ହେଲେ ଯେ ସେ ପିତୃ ସତ୍ୟ କରିବେ। ତାଙ୍କ ଦୃଢ଼ କଥା ଶୁଣି ପୃଥିବୀ ଉପରେ ଖୁସି ହେଲେ କୈକେୟୀ, ସ୍ୱର୍ଗରେ ଖୁସି ହେଲେ ଦେବତାମାନେ। ରାମଙ୍କ ଅବତାର ରାବଣଙ୍କୁ ବଧ କରିବାକୁ। ସେ କାର୍ଯ୍ୟ ରାମ ବନବାସ ଗଲେ ହିଁ ସାଧିତ ହେବ।

ବୃଦ୍ଧ ପିତା ଦଶରଥ ଓ ମାତା କୈକେୟୀଙ୍କ ଠାରୁ ବିଦାୟ ନେଇ ଶ୍ରୀରାମ ମାତା କୌଶଲ୍ୟାଙ୍କ ପାଖକୁ ଗଲେ। ରାମଙ୍କ ପହଂଚିବା ଆଗରୁ ଏ ଖବର କୌଶଲ୍ୟାଙ୍କ ପାଖରେ ପହଂଚିଯାଇଥିଲା। ମାତା କୌଶଲ୍ୟାଙ୍କ ଚେତା ବୁଡ଼ି ଯାଉଥିଲା। ସେ ଜାଣି ପାରୁନଥିଲେ, ରାମଙ୍କୁ ନ ଦେଖି ସେ ବଂଚିବେ କିପରି।

ରାମ କୌଶଲ୍ୟାଙ୍କ ପାଖରେ ପହଂଚିବା ମାତ୍ରେ କୌଶଲ୍ୟା ତାଙ୍କୁ ଧଣି ଭୋ ଭୋ କାନ୍ଦିବା ଆରମ୍ଭ କରିଦେଲେ। କୌଶଲ୍ୟା ରାମଙ୍କୁ ଏକଥା ମଧ୍ୟ କହିଲେ ମୁଁ ତୋର ଜନ୍ମଦାତ୍ରୀ ମା’। ମୁଁ ତୋତେ ବନବାସରେ ଯିବାକୁ ଅନୁମତି ଦେବିନି। ଭରତ ରାଜା ହେଉ, ମାତ୍ର ତୁ ମୋ ପାଖରେ ରହ।

ଶ୍ରୀରାମଙ୍କ ମାତାଙ୍କ ଦୁଃଖକୁ ବୁଝି ପାରୁଥିଲେ। ମର୍ଯ୍ୟାଦା ପୁରୁଷୋତ୍ତମ ରାମ ତାଙ୍କ କର୍ତ୍ତବ୍ୟ ପାଳନ କରୁଥିଲେ। ସେଥିରେ ତାଙ୍କର ତିଳେ ମାତ୍ର ଦୁଃଖ କିମ୍ବା ଅବସୋସ ନଥିଲା। ଶ୍ରୀରାମ ପିତୃସତ୍ୟ ପାଳନ କରିବାକୁ ବନବାସ ଯିବାକୁ ଦୃଢ଼ ପରିକର ଥିଲ। ବୃଦ୍ଧ ପିତା ଦଶରଥ ନିଜ ବଚନ ରକ୍ଷା ଲାଗିବ ବିବଶ ଥିଲେ। ଦୁଃଖରେ ତାଙ୍କ ହୃଦୟ ଭାଂଗି ପଡୁଥିଲା। ସେ ସଂପୂର୍ଣ୍ଣ ରୂପେ ବାକ୍‌ଶୂନ୍ୟ ହୋଇ ଯାଇଥିଲେ।

ରାମଚନ୍ଦ୍ର ନିଜ ବନବାସ କଥା ପତ୍ନୀ ସୀତାଙ୍କୁ କହିଲେ। ସୀତା ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଲାଗି ପ୍ରସ୍ତୁତିରେ ଥିଲେ। ମାତ୍ର ରାମଙ୍କ ବନବାସ କଥା ଶୁଣି ଦୁଃଖୀ ହୋଇଗଲେ। ସେ ସଂଗେ ସଂଗେ କହିଲେ ପତ୍ନୀ ଧର୍ମ ହେଉଛି ପତିଙ୍କ ସାଙ୍ଗରେ ରହି ତାଙ୍କ ଦୁଃଖସୁଖକୁ ବାଂଟିବା। ତେଣୁ ମୁଁ ବି ଆପଣଙ୍କ ସହିତ ବନକୁ ଯିବି।

ଶ୍ରୀରାମ ସୀତାଙ୍କ ବନବାସ ଜୀବନର ଦୁଃଖ କଷ୍ଟ କଥା କହିଲେ। ସୀତା ସେ ସବୁ କଷ୍ଟ ସହିପାରିବେନି। ଦ୍ୱିତୀୟ କଥା- ଅଯୋଧ୍ୟାରେ ରହି ସେ ଶାଶୁ ଶଶୁରଙ୍କ ସେବା କରନ୍ତୁ। ଚଉଦ ବର୍ଷ ବହୁତ ଜଲଦି ସରିବନି। ମୁଁ ଆସି ଅଯୋଧ୍ୟାରେ ପହଂଚିଯିବି। ରାମ ସୀତାଙ୍କୁ କହିଲେ। ନିଜ ପତିଙ୍କୁ ବହୁତ ଭଲ ପାଉଥିବା ଓ ଭକ୍ତି କରୁଥିବା ସୀତା ମା ରାମଙ୍କ ଯୁକ୍ତିକୁ ଗ୍ରହଣ କଲେନି। ଏ କଥା ମଧ୍ୟ ଧମକ ଦେଲେ ଯଦି ରାମ ତାଙ୍କୁ ବାଧ୍ୟ କରନ୍ତି ଅଯୋଧ୍ୟାରେ ରାମଙ୍କ ବିନା ରହିବାକୁ ସେ ପ୍ରାଣ ତ୍ୟାଗ କରିବେ।

ନିଜ ପତ୍ନୀଙ୍କ ଦୃଢ଼ତା ଦେଖି ରାମ ଖୁସି ହେଲେ ଓ ସେ ସୀତାଙ୍କ ସାଂଗରେ ନେଇ ଯିବାକୁ ରାଜି ହେଲେ।

ପିଲାମାନେ, ତୁମେ ରାମ ଲକ୍ଷ୍ମଣଙ୍କ ଜନ୍ମ କଥା ମନେ ପକାଅ। ରାଣୀ କୌଶଲ୍ୟାଙ୍କୁ ଦିଆ ଯାଇଥିବା ଚରୁଅନ୍ନକୁ ସେ ବି ଭାଗ କରି ଗୋଟେ ଭାଗ ସୁମିତ୍ରାଙ୍କୁ ଦେଇଥିଲେ। ସେଥିଲାଗି ରାମ ଲକ୍ଷ୍ମଣ ଜନ୍ମରୁ ପରସ୍ପରକୁ ବହୁତ ଭଲ ପାଉଥିଲେ। ଲକ୍ଷ୍ମଣ ରାମଙ୍କ ଛାଇ ପରି ରହୁଥିଲେ।

ରାମଙ୍କ ବନବାସ କଥା ଶୁଣି ଲକ୍ଷ୍ମଣ କ୍ରୋଧିତ ହୋଇ ଉଠିଲେ। ରାମ ଅନୁଜ ଲକ୍ଷ୍ମଣଙ୍କୁ ଶାନ୍ତ ରହିବାକୁ କହିଲେ।

ଲକ୍ଷ୍ମଣ ମଧ୍ୟ ଜିଦ୍ ଧରିଲେ ସେ ରାମଙ୍କ ସହିତ ବଣକୁ ଯିବେ। ଆପଣ କିପରି ଭାବୁଛନ୍ତି ମୁଁ ଆପଣଙ୍କୁ ଛାଡ଼ି ଅଯୋଧ୍ୟାରେ ରହିପାରିବି ? ଏହା ମୋର ପରମ ସୌଭାଗ୍ୟ ହେବ ଯେ ମୁଁ ବଣରେ ଆପଣଙ୍କ ସହିତ ରହିବି ଓ ଆପଣଙ୍କ ସେବା କରିବି। ରାତ୍ରିରେ ଅନିଦ୍ରା ରହି ଆପଣଙ୍କୁ ଜଗି ବସିବି। ମୋତେ ଆପଣଙ୍କ ସାଂଗରେ ଯିବାକୁ ଦିଅନ୍ତୁ।

ଲକ୍ଷ୍ମଣଙ୍କୁ ରାମ ବହୁତ ଭଲ ପାଉଥିଲେ। ଲକ୍ଷ୍ମଣଙ୍କ ଭକ୍ତି ଭାବ ତାଙ୍କୁ ବହୁତ ଖୁସି ଦେଉଥିଲା। ଜନ୍ମଠାରୁ ଏ ପର୍ଯ୍ୟନ୍ତ ଲକ୍ଷ୍ମଣ ସଦା ସର୍ବଦା ତାଙ୍କ ପାଖରେ ରହିଲେ। ତେଣୁ ବର୍ତ୍ତମାନ ଲକ୍ଷ୍ମଣଙ୍କୁ ଛାଡ଼ି ସେ ବଣକୁ କିପରି ଯିବେ।

ରାମ ଲକ୍ଷ୍ମଣଙ୍କୁ ସାଂଗରେ ନେବାକୁ ରାଜି ହେଲେ। ଅଯୋଧ୍ୟାବାସୀ ଏ କଥା ଜାଣିଗଲେ ଯେ ରାମ ସୀତା ମାତା ଓ ଅନୁଜ ଲକ୍ଷ୍ମଣଙ୍କ ସାଙ୍ଗରେ ନେଇ ବନବାସରେ ଯିବେ।

ଆରଥରକୁ ବି ଆମେ ରାମ ବନବାସ କଥା ଶୁଣିବା। ଆଜି ଏଇଠି ରାମାୟଣ କଥା ରଖୁଛି। ଏତିକି କହି ମିନା ଅପା କଥା ସାରିଲେ।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

## କବିତା
ତୁମ ପାଇଁ

### ଆସିଛିରେ ଋତୁରାଜ
ନୀଳମଣି ଚାନ୍ଦ



କୁହୁ କୁହୁ କୁହୁ ଗାଇଲାଣି ପିକ
ତୋଟାରେ ସେ ରହିରହିକି
ମଳୟ ଆସିଲା ଦକ୍ଷିଣ ଦିଗରୁ
ଥିରି ଥିରି ଥିରି ବହିକି।

ମହ ମହ ମହ ଆମ୍ବ ବଉଳରେ
ଚଉଦିଗ ପରା ଭରିଲା
ଥୁରୁ ଥୁରୁ ଥୁରୁ ଶୀତ ଋତୁଟିର
ରାଜୁତି ଧରାରେ ସରିଲା।

ପେନ୍ଥା ପେନ୍ଥା ପେନ୍ଥା ଆମ୍ବଚଣା ଏବେ
ଆମ୍ବଗଛରେ ତ ଧରିଲା
ଛନ ଛନ ଛନ କଅଁଳପତ୍ରରେ
ଲଣ୍ଡାଗଛ ସବୁ ଭରିଲା।

ଟହ ଟହ ଟହ ପଲାସଫୁଲରେ
ସଜେଇ ହେଲାଣି ଗାଆଁଟା
ନାଲି ନାଲି ନାଲି ଫୁଟିଲାଣି ଫୁଲ
ଶିମିଳି ପରା ତା’ ନାଆଁଟା।

ଢଳି ଢଳି ଢଳି ମଣିବିମାନରେ
ମେଳଣକୁ ଦିଅଁ ଯିବେରେ
ଭଳି ଭଳି ଭଳି ହୋଲି ରଙ୍ଗ ଧରି
ଖେଳିବାକୁ ସବୁ ଥିବେରେ।

ରାଜା ରାଜା ରାଜା ସିଏ ଋତୁରାଜ
ସଭିଙ୍କ ମନକୁ ଛୁଏଁରେ
ଆସ ଆସ ଆସ କୁହ ପିଲେ ଥରେ
ବସନ୍ତ ପରି କେ ନୁହେଁରେ।

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯.
ମୋ:୯୫୮୩୨୦୨୩୫୭

### ଦେଖିଲ କିଏ
ଶିଶିର କୁମାର ପଣ୍ଡା



ଦେଖିଲ କିଏ
ଥଣ୍ଡା କାକରରେ ଥୁରୁଥୁରୁ ହୋଇ
ଛିଣ୍ଡା ଚାଦରଟା ଦେହରେ ଦିଏ
ବାଟରେ ପଡ଼ି
ପେଟେ ଭୋକ ଆଉ ଶୀତପାଇଁ ତା’ର
ଜୀବନ ଯିବକି ଅକାଳେ ଝଡ଼ି ?

ଆମେତ ଖାଇ
ରେଜେଇ ଭିତରେ ପଲଙ୍କ ଉପରେ
ନିଦ ଆସିବାକୁ ମାରୁଛୁ ହାଇ ।

ବିଧାତା ବାମ
ଏଇଟା କି ତୁମ ବିଚିତ୍ର ପୃଥିବୀ
ଏଇଟା କି ତୁମ ବିଚିତ୍ର କାମ !

ଜନମ ଦେଲ
କାହାକୁ ଦେଇଛ ସୁଖର ସାଗର
କାହାପାଇଁ ତୁମେ ନିଠୁର ହେଲ !

ଦିଅରେ ଦିଅ
ଏମାନଙ୍କ ଦୁଃଖ ଦୂର କରିବାକୁ
ସହଯୋଗ ହାତ ବଢ଼େଇ ଦିଅ ।

+କୁଆଁସ , ମେରଦା କାଟିଆ , ଯାଜପୁର
ମୋ: ୮୯୮୧୭୩୭୨୨୮

### ବିଲୁଆ ନନା
ଜୟନ୍ତ କୁମାର ମଲ୍ଲିକ୍



ବିଲୁଆ ନନାରେ ବିଲୁଆ ନନା
ଆସିବାକୁ ତୁହି କରନି ମନା ।

ତୋପାଇଁ ପଡ଼ିଛି ଦେଏଖେ ମଡ଼ି
ଖାଇଦେବୁ ତାକୁ ମୁହଁ ନ ମୋଡ଼ି ।

ଦାନ୍ତଟି ତୋହର କେଡ଼େ ସୁନ୍ଦର
ସତେକି ଲାଗଇ ବଗୁଲି ପର ।

କନକନ ହୋଇ ତୁ ଖାଇ ଥାଉ
ହୁକେ ହୋ ଗୀତ କେତେ ତୁ ଗାଉ ।

ତୋ ଗୀତ ଶୁଣିଲେ ଲାଗଇ ଭଲ
ମନହୁଏ ତତେ କରିବି ଗେଲ ।

ଗୀତ ଶୁଣୁ ଶୁଣୁ ନିଦ ଆସଇ
ମାଆ ଆସି ମତେ କୋଳେ ନିଅଇ ।

ମାଆ କୋଳ ଲାଗେ ସରଗ ପୁର
ଲୋଡ଼ା ହୁଏନାହିଁ ପଲଙ୍କ ମୋର ।

ଶୂରଡିହ , ନନ୍ଦିପୁର , ଯାଜପୁର
ମୋ: ୯୪୩୭୮୬୫୭୨୭

### ମୋ’ ବାପା
ସତ୍ୟଜିତ ସାହୁ



ବାପା ନାମ ଅଟେ କେତେ ଯେ ମଧୁର
ତା ସମ କେହି ଯେ ନାହିଁ
ତାଙ୍କ ନାମେ ଆମେ ପରିଚିତ ହେଉ
ଦୁନିଆ ଭିତରେ ଯହିଁ ।

ପିଲାଟି ଦିନରୁ ତାଙ୍କରି କାନ୍ଧରେ
ବୁଲିଛି କେତେ ଯାତରା
ତାଙ୍କ ହାତ ଧରି ବାଟ ମୁଁ ଚାଲିଛି
ସଂସାର ପଥରେ ପରା ।

ସନ୍ତାନ ମୁହଁରେ ଖୁସି ଦେବା ପାଇଁ
ନିଜ ଜୀବନକୁ ଜାଳି
ଖରା ବର୍ଷା ଶୀତ ଖାତିରି ନକରି
କର୍ମ କରିଥାନ୍ତି ଚାଲି ।

ଜୀବନ ଯୁଦ୍ଧରେ ସାରଥୀ ହୁଇ ସେ
ନିଅନ୍ତି ମୋତେ ଆଗେଇ
ପ୍ରତିଟି ମୁହୂର୍ତ୍ତ ଜିତିବା ପାଇଁ ସେ
ସାହସ ଦେବେ ଯୋଗାଇ ।

ସେ ପରା ଅଟଇ ଚଳନ୍ତି ଠାକୁର
ଜୀବନର ପ୍ରାଣ ମଞ୍ଜି
ତାଙ୍କ ସେବା ହେଉ ଜୀବନର ବ୍ରତ
ପୂଜୁ ଥାଏ ନିତି ସଞ୍ଜ ।

+ଡିହଡୋଳ, ପର୍ଜଙ୍ଗ
ମୋ: ୯୭୭୮୭୧୨୭୮୮

# ଚଂଟୁ ଓ କୁକୁର ଛୁଆ



ନଗେନ୍ଦ୍ର ନାଥ ପଟ୍ଟନାୟକ



ଆଜି ପରା ପବିତ୍ର ଦିନ ଗଣତନ୍ତ୍ର ଦିବସ। ଏ ଶୁଭଦିନରେ ମୋର ପପି ଦରକାର- ଚଂଟୁ ଏକା ଜିଦ୍‌ରେ କହିଲା । ଏ ଘରକୁ କୁକୁର ଫୁକୁର ଆସିବା ପୂରା ମନା-ମାମା ଚିଡ଼ିଯାଇ କହିଲେ । କୁକୁର ନ ଆସିଲେ ନାଇଁ କୁକୁର ଛୁଆ ତ ଆଣିବା-ମୁରିକି ହସି ପାପା କହିଲେ । ମାମା ପ୍ରତିପ୍ରଶ୍ନ କଲେ - ଛୁଆଟା ବଡ ହେଲେ କଅଣ ହାତୀ ହୋଇଯିବ। ମାମା ! ତାହେଲେ ତୁ କଣ ମୋପାଇଁ ପପି ଆଣିବୁନି ? ଚଂଟୁ ଥଙ୍ଗଥଙ୍ଗ ହୋଇ କହିଲା।

ସେଦିନ ଛାଇଲେଉଟା ବେଳକୁ ସେ ଯେତେବେଳେ ଘରପାଖ ପାର୍କକୁ ଗଲା ସେଠାରେ ଗୋଟିଏ କଳାରଙ୍ଗର କୁକୁର ଛୁଆ ବସିଥିଲା । ଚଂଟୁ ଚଟକିନା ପ୍ୟାକେଟ୍‌ରୁ ଦୁଇଟା ବିସ୍‌କୁଟ ବାହାରକରି ତା’ ଆଡକୁ ଫିଙ୍ଗିଦେଲା । କୁକୁର ଛୁଆଟି ବଡ ଖୁସିରକ ଲାଂଜ ହଲେଇ ଦୁଇଟାଯାକ ବିସକୁଟ ଟାଉକିନା ଖାଇଦେଲା । ପାଖ ଚାରାଗଛରେ ପାଣି ସିଂଚୁଥିବା ମାଳୀ କକା କହିଲା-ଚାରିଦିନ ଆଗରୁ ୟାର ମା ଉପରେ ମଟରଗାଡି ଚଢିଯିବାରୁ ବିଚରୀ ସେ ମରିଗଲା ।ସେବେଠୁ ବିଚରା ସେ ଏକା ଭୋକଶୋଷରେ ଏଣେତେଣେ ବୁଲାବୁଲି କରୁଛି । ଏତିକିବେଳେ ମାମାଙ୍କ ପାଟି ଶୁଭିଲା-ତୁ ସେ କୁକୁର ଛୁଆଠୁ ଦୂରେଇ ରହ । କାମୁଡି ଦେବ ଯଦି ଚଉଦଟି ଇଂଜେକସନ ଫୋଟାହେବ । ମାଳୀ କାକା କହିଲା-ଯେପର୍ଯ୍ୟ’ ୟା ପ୍ରତି କ୍ଷତି ନ ପହଁଚିଛି ଇଏ ଜମା କାମୁଡିବ ନାହିଁ । ଚଂଟୁର ହାତକୁ ଜାବୁଡିଧରି ମାମା କହିଲେ-ଯୋଉଠୁ କୁକୁର ଛୁଆ ଦେଖୁଚୁ ଦୌଡିଯାଇ ପହଁଚିଯାଉଛୁ ତା ପାଖରେ । ଚିଂଟୁ କହିଲା -ଏବେ ୟାକୁ କଅଣ ଖାଇବାକୁ ଦେବା ? ମାମା ସେ କୁକୁର ଛୁଆକୁ ନିରିଖେଇ ଅନେଇ ରହିଲେ । କଳାରଙ୍ଗର ହୃଷ୍ଟପୃଷ୍ଟ କୁକୁର ଛୁଆଟି ତାଙ୍କୁ ଦେଖିଦେଇ ବରାବର ନିଜ ଛୋଟିଆ ଲାଂଜଟିକୁ ହଲାଉଥାଏ । ଏଥର କକୁରୁ ଛୁଆଟି ମାମାଙ୍କୁ ଭାରି ଭଲ ଲାଗିଲା । ଏକଥା ତାଙ୍କୁ ଜଣାଥିଲା ଯଦି ପୁଣିଥରେ ସିଏ କୁକୁର ଛୁଆକୁ ସ୍ନେହ କରିବେ ଚିଂଟୁ ତାକୁ ଘରକୁ ନେଇଯିବାକୁ ଅଡିବସିବ । ତେଣୁ ମାମା କହିଲେ- ଏଲେ ସଂଜ ବୁଡିଗଲାଣି । ଜଲଦି ଘରକୁ ଚାଲ । ଚଂଟୁ କହିଲ -ୟାକୁ ନେଇ ଚାଲ ନା ମାମା । ହେଲେ ମାମା ତୁଣ୍ଡ ଖୋଲିଲେ ନାଇଁ । ଚଂଟୁ ବାରମ୍ବାର ପଛକୁ ବୁଲିପଡି ଦେଖୁଥାଏ । ମାମା ଯେମିତି ପଛକୁ ବୁଲିପଡି ଦେଖିଦେଲେ ତାଙ୍କର ହୋଶ ଉଡିଗଲା। କୁକୁର ଛୁଆଟା ଲାଂଜକୁ ହଲେଇ ହଲେଇ ତାଙ୍କ ପିଛା କରୁଥାଏ । ଖୋଜେ ବାଟ ଗଲାପରେ ଚଂଟୁ କହିଲା - ତୁମେ ୟାର ବି ମାମା ହୋଇଯାଅ । ମାମା ଦେଖିଲେ , ଡଉଲଡାଉଲ କୁକୁରଛୁଆଟା ଲାଂଜକୁ ହଲେଇ ହଲେଇ ଆସି ତାଙ୍କ ପଛପଟେ ଛିଡା ହୋଇଗଲାଣି । ପାଖ କଂଟାବୁଦା ଆଡେ ବାଡିଟିଏ ଖୋଜିବାକୁ ହାତ ବଢାଇବାକୁ ଯାଇ ଟିକେ ନଇଁପଡିଲା ବେଳକୁ କୁକୁର ଛୁଆଟା ତାଙ୍କ ଆଡକୁ ଝପଟିଆସିଲା । ମାମା ଘାବୁରେଇଯାଇ ତଳେ ଦାଲୁକିନା ପଡିଗଲେ । ବଡପାଟିରେ କହିଲେ -ତୁ ଏ ବଦମାସ ଜନ୍ତୁଟାକୁ ଘରକୁ ନେବାକୁ କହୁଥିଲୁ ନା ! ଏଇଆ କହି ସେ ଶାଢିରୁ ଧୂଳି ଝାଡିଝୁଡି ଅଂଟା ସଳଖି ଛିଡାହେଲେ । ରାଗ ଶାନ୍ତ ହେବାରୁ ସେ କହିଲେ-ଏବେ କୁକୁର ଛୁଆଟିକୁ ନେବାକୁ ଜମା ମନ କରନା । ଚଂଟୁ ଡରିମରି ବରଡାପତ୍ର ଭଳି ଗୋଟାପଣେ ଥରୁଥାଏ । ଭୟରେ ଜଡସଡ ହୋଇ ଚଂଟୁ ମାମା ଆଡେ ଇସାରା କଲା । ଏତିକିବେଳେ ବିରାଟ କଳା ମଚମଚ ବିଷଧର ସାପଟିଏ ଗହଳ ବୁଦାଭିତରୁ ବାହାରି ଆସି ସରସର ଗଛ ପଛପଟକୁ ଚାଲିଯାଉଥିଲା । ସାପଟି ଉପରେ ଆଖି ପଡିବା କ୍ଷଣି ମାମା ଟିକେ ଅଟକିଗଲେ । ଚଂଟୁ କହିଲା -କୁକୁର ଛୁଆଟି ବୋଧେ ସାପଟିକୁ ଦେଖିଦେଇଛି । ଏଣୁ ତୁମ ପ୍ରାଣ ବଂଚାଇବା ପାଇଁ ସିଏ ତୁମ ଆଡକୁ କୁଦିଆସିଲା । ମାମା ଦେଖିଲେ,କୁକୁର ଛୁଆଟି ଝାଟିଆ ଭିତରେ ଜାକିଜୁକି ହୋଇ ବସିପଡି ତାଙ୍କୁ ଜୁଳୁଜୁଳୁ ଆଖିରେ ଅନେଇ ରହିଛି । ମାମା କଇଁକଇଁ ହୋଇ କାନ୍ଦି ପକାଇଲେ । ଆଗକୁ ମାଡିଯାଇ କୁକୁର ଛୁଆଟିକୁ କୋଳେଇ ନେଲେ । ଚଂଟୁ ଖୁସିର ଗଦଗଦ ହୋଇ କହିଲା -ମାମା ! ମୁଁ ତାକୁ କାଖେଇବି । କୁକୁର ଛୁଆଟିକୁ କୋଳକୁ ତୋଳିନେଇ ଚଂଟୁ କହିଲା-ତୁ ଆମ ଘରେ ରହିବୁ । ଏଇଆ କହି ଡରିମରି ଛାନିଆଁ ହୋଇଯାଇଥିବା ମାମା ଆଡେ ବଡବଡ ଆଖିରେ ଅନେଇଲା । ଆଖିରୁ ଲୁହପୋଛି ମାମା କହିଲେ -ହଁ-ହଁ । କୁକୁର ଛୁଆର କାନ ପାଖରେ ଚଂଟୁ କହିଲା -ହ୍ୟାପି ଗଣତନ୍ତ୍ର ଦିବସ। କୁକୁର ଛୁଆଟି ଖୁସିରେ ତା’ ଲାଂଜକୁ ପୁଣିଥରେ ହଲେଇଦେଲା ।

+୯୯୯-୩,ଜଗମୋହନ ନଗର,ଜାଗମରା,ଖଣ୍ଡଗିରି
ଭୁବନେଶ୍ୱର,
ମୋ: ୯୪୩୮୩୩୨୧୩୮

# ଦୁଇ ସଙ୍ଗାତ
ଝରଣା ମଲ୍ଲିକ




ଜଣେ ପଶୁ ଓ ଅନ୍ୟ ଜଣେ ପକ୍ଷୀ। ଦୁହେଁ ବହୁତ ସାଙ୍ଗ, ସମୟ ମିଳିଲେ ଦୁଇଜଣ ବସି ଦୁଃଖ, ସୁଖ ହୁଅନ୍ତି। ଦେଖା ସାକ୍ଷାତ ପ୍ରାୟ ଅଳ୍ପ ସମୟ। ଦି’ଜଣ ନିଜ ନିଜ ଭାଷାରେ କଣ କଥା ହୁଅନ୍ତି କେଜାଣି ନିଜେ ନିଜେ ବୁଝନ୍ତି। ରଣଜିତ୍ ବାବୁ କିଛି ବୁଝି ପାରନ୍ତି ନାହିଁ। ଦୁଇ ଜଣଙ୍କର ମାଲିକ ହେଉଛନ୍ତି ରଣଜିତ୍ ବାବୁ। ପିଲାମାନେ ଜିଦ୍ କରିବାରୁ କୁକୁରଟିଏ ଆଣି ପାଳିଲେ। ହେଲେ, ତା’ର ସେବା, ଯତ୍ନ ବହୁତ। ସକାଳ ଓ ସଂଜରେ ବାହାରକୁ ବୁଲିବା ପାଇଁ ଯାଏ। ମଣିଷ ପରି ସମୟ ଅନୁସାରେ ଝାଡ଼ା, ପରିସ୍ରା କରେ। ଦ୍ୱିପ୍ରହରେ ଗାଧାଏ ସାବୁନ ଲଗାଇ। ତା’ର ସାବୁନ୍, ଟାୱେଲ, ଟପ୍, ମଗ, ଖାଦ୍ୟପାତ୍ର ସବୁ ଅଲଗା। ପ୍ରତିଦିନ ସମୟ ଅନୁସାରେ ଖାଦ୍ୟ ଖାଏ। ତା’ପାଇଁ ମାଛ, ମାଂସ, କ୍ଷୀର ନିତିଦିନିଆ ରୁଟିନ୍। ସେ ଆଦର ଯତ୍ନରେ ବଢ଼େ। ମାର୍ବଲ, ଟାଇଲ୍ ଘର ଭିତରେ ରହେ। ବୈଠକ ଘରେ ଖଟରେ ଶୁଏ। ମାଲିକ ବାହାରକୁ ଗଲେ ତାଙ୍କ ସାଙ୍ଗରେ ଯାଏ। କାରର ଆଗ ସିଟ୍‌ଟି ତାର। ବିବାହ, ଭୋଜିରେ ସିଏ ଆଗ।

ହେଲେ, କୁକୁଡ଼ା ପକ୍ଷୀଟିଏ। ବନ୍ଧୁ ବର୍ଗ ଆସିବେ ବୋଲି ରଣଜିତ୍ ବାବୁ ଖୋଜି ଖୋଜି ତାକୁ ଆଣିଥିଲେ। ଦୈବ ଯୁଗରୁ ସେଦିନ ଭୋଜିଟି ମଟନରେ ହୋଇଗଲା। ତା’ଭାଗ୍ୟବଶତଃ ସେଦିନ ନୂଆ ଜୀବନ ପାଇଗଲା।

କିଛିଦିନ ହେଇଯିବା ପରେ ମାୟା, ମମତା ଲାଗି ଗଲାଣି। ତାକୁ ବାନ୍ଧି ଘର ପଛପଟ ଭାଡ଼ିରେ ଚାଉଳ, ଭାତ, ଦାନା ଆଦି ଖାଇବାକୁ ଦେଉଛନ୍ତି। ଆଉ ତାକୁ ମାରି ଖାଇବାକୁ ମନେ ହେଉନି। ସେ ମଧ୍ୟ ଘରେ ଅନ୍ୟ ଜଣେ ସଦସ୍ୟ ପାଲଟି ଯାଇଛି। କାଳେ ସିଏ ଅଣ୍ଡା ଦେବ ସେହି ଆଶାରେ ମଝିରେ ମଝିରେ ବାହାରକୁ ବୁଲିବା ପାଇଁ ଛଡ଼ାଯାଏ। ବିଚରା ବାହାରେ ପୋକ, ଜୋକ ଖୁଂଟି ଖୁଂଟି ଖାଇବା କୁକୁଡ଼ାର ପୁରୁଣା ଅଭ୍ୟାସ। ଖୁଂଟି ଖୁଂଟି ଖାଇ ପେଟ ପୁରାଏ। ଆଉ ମାଲିକ ଘରେ ଆସି ଅଣ୍ଡା ଦିଏ।

ନିଇତି ସକାଳେ ଓ ସଂଜରେ କୁକୁର ବୁଲିଯିବା ସମୟରେ ଦୁଇଙ୍କର ଦେଖା ସାକ୍ଷାତ ହୁଏ। ନିଜ ମନକଥା ନିଜ ଭାଷାରେ କହି ଦୁଃଖ, ସୁଖ ହୁଅନ୍ତି। ଦୁହେଁ ମଣିଷର ବହୁ ଉପକାରୀ ଆଉ ପ୍ରିୟ। ମଣିଷ ଆଦର କରେ ନିଜ ଗୃହରେ ରହେ। ହେଲେ ମଣିଷ ଟିକେ ପାତର ଅନ୍ତର କରେ। ପଶୁ, ପକ୍ଷୀ ହୋଇଥିଲେ ମଧ୍ୟ ଉଭୟଙ୍କ ଭିତରେ ବୁଝାମଣା ଖୁବ୍ ଭଲ। ଦୁଃଖ, ସୁଖ ହୁଅନ୍ତି। ବେଳେବେଳେ କୁକୁଡ଼ା, ପକ୍ଷୀ ହେଲେ ବି ମନଦୁଃଖ କରେ। କୁକୁର କହେ ମୋର ଚାରୋଟି ଗୋଡ଼ ଥିଲେ କଣ ହେଲା ମୁଁ ଚାଲିପାରେ, ବେଶି ହେଲେ ଦୌଡ଼ିପାରେ। ହେଲେ ତୋର ଦୁଇଟି ଗୋଡ଼ରେ ଡଗଡଗ ହୋଇ ଚାଲିପାରୁ। ଦରକାର ପଡ଼ିଲେ ଉଡ଼ିକି ଚାଲିଯାଉ। ସେତକ ମୋତେ ଦେଇନାହାନ୍ତି ଭଗବାନ। କୁକୁର କହେ ମୁଁ ପିଲାମାନଙ୍କର କଣ ଲୋକଙ୍କର ଢ଼େଲାପଥର ମାଡ଼ଖାଏ। ଆଉ ତୁତ ଏକା ଥରକେ ଉଡ଼ି ଚାଳ ମଥାନ ଉପରକୁ ଉଠିଯାଉ। କୁକୁଡ଼ା, ମନ ଦୁଃଖରେ କୁକୁରକୁ କହେ ତୋତେ ମାଲିକ ବେଶି ଭଲ ପାଆନ୍ତି, ଆଦର ଯତ୍ନ କରନ୍ତି, ତୋ ପାଇଁ ପ୍ରତିଦିନ ଭଲ ଖାଦ୍ୟ ଆଣନ୍ତି। ମାଲିକ ଯେଉଁଠିକୁ ଯାଆନ୍ତି। ଗାଡ଼ିରେ ବସାଇ ନେଇ ଯାଆନ୍ତି। ଆଉ, ତାଙ୍କର ଶୋଇବା ଏ.ସି ଘର ଭିତରେ ତୋତେ ରଖନ୍ତି। ତୋ ଦେହ ଖରାପ ହେଲେ ଡାକ୍ତର ଡକାନ୍ତି ନଚେତ୍ ତୋତେ ନେଇ ଡାକ୍ତରଙ୍କ ପାଖକୁ ଯାଆନ୍ତି। ସମୟ ଅନୁଯାୟୀ ତୋତେ ଖାଇବାକୁ ଦିଅନ୍ତି। ତୁ ତାକୁ ଚାଟି ଚାଟି ଖାଇଦେଉ। ମୋ କଥା ଛାଡ଼, ମୋର ବାଡ଼ି ପଟ ଛଡ଼ା ଦାଣ୍ଡ ପଟେ ମୁଁ ଯିବାର ସୁଯୋଗ ପାଏନି।

+ମାଣିଖମ୍ବ, ମୋଜିଗଂଜ, ବାଲେଶ୍ୱର
ମୋ: ୯୨୩୮୫୭୪୫୦୩

# ନ୍ୟାୟିକ ସେବା ଶିକ୍ଷାନବିଶମାନଙ୍କର ପ୍ରଶାସନିକ ବ୍ୟବସ୍ଥା ସହ ପରିଚୟ ପରିଦର୍ଶନ

ଭୁବନେଶ୍ୱର,୨୪/୨ (ନି.ପ୍ର): ନ୍ୟାୟିକ ସେବା ଶିକ୍ଷାନବିଶମାନଙ୍କର ପ୍ରଶାସନିକ ବ୍ୟବସ୍ଥା ସହ ସିଧାସଳଖ ପରିଚୟ ନିମନ୍ତେ ରାଜ୍ୟ ଲୋକସେବା ଭବନକୁ ଦିନିକିଆ ପରିଦର୍ଶନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ପରୀପ୍ରେକ୍ଷୀରେ ଲୋକସେବା ଭବନ କନଭ୍ନେନ୍ ସେଣ୍ଟରଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

ଏହି ଆଲୋଚନା ଚକ୍ରକୁ ଉଦ୍ଘାଟନ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାଗରିକ ହିଁ ପ୍ରଶାସନର କେନ୍ଦ୍ରବିନ୍ଦୁ ଏବଂ ସର୍ବଶ୍ରେଷ୍ଠ । ଗଣତନ୍ତ୍ରର ୪ଟି ସ୍ତମ୍ଭ ଲୋକମାନଙ୍କ ଆଶା ଆକାଂକ୍ଷା ପୂରଣ କରିବାକୁ କାର୍ଯ୍ୟକରନ୍ତି । ଲୋକମାନଙ୍କ ଦ୍ୱାରା ନିର୍ବାଚିତ ଜନପ୍ରତିନିଧି ଏବଂ ବିଧାୟକମାନେ ଲୋକମାନଙ୍କ ଆଶା ଆକାଂକ୍ଷା ବିଷୟ ନିର୍ଦ୍ଧାରଣ କରିବାରେ ସଠିକ୍ ଭୂମିକା ନିଭାଇଥାଆନ୍ତି । କାରଣ ଲୋକମାନଙ୍କ ସହ ସେମାନଙ୍କର ସିଧାସଳଖ ଯୋଗାଯୋଗ ଥାଏ, ଏବଂ ସମସ୍ତ ପ୍ରକାର ସୁବିଧା ଅସୁବିଧା ସହ ସେମାନେ ଲୋକମାନଙ୍କ ଗହଣରେ ବସବାସ କରନ୍ତି । ତେଣୁ ବ୍ୟବସ୍ଥାପକ ସଭାଦ୍ୱାରା ପ୍ରଣୀତ ଆଇନ୍ ଲୋକମାନଙ୍କର ଆଶା ଆକାଂକ୍ଷାକୁ ପ୍ରତିଫଳନ କରେ । ସେସବୁର ପୂରଣ ନିମନ୍ତେ କାର୍ଯ୍ୟନିର୍ବାହୀ ବ୍ୟବସ୍ଥା ଜନସାଧାରଣଙ୍କ ସେବକଭାବେ କାର୍ଯ୍ୟକରେ ।

ଶ୍ରୀ ମହାପାତ୍ର ଆହୁରି ମଧ କହିଥିଲେ ରାଜ୍ୟର ସର୍ବୋଚ୍ଚ ଅଧିକାରୀଙ୍କଠାରୁ ଆରମ୍ଭକରି ଗ୍ରାମସ୍ତରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଜନସାଧାରଣଙ୍କ ସେବକ । ନିର୍ଦ୍ଧାରିତ ନିୟମ ଅନୁଯାୟୀ ସମଭାବରେ ସମସ୍ତଙ୍କୁ ସଠିକ୍ ସେବା ଯୋଗାଇବା ସମସ୍ତଙ୍କର ମୁଖ୍ୟ କାମ । ଏହି ମୂଲ୍ୟବୋଧ ଭିତିରେ ରାଜ୍ୟରେ 'ମୋ ସରକାର' ଏବଂ ୫ଟି ବ୍ୟବସ୍ଥା ଆରମ୍ଭ କରାଯାଇଛି । 'ମୋ ସରକାର'ର ମୂଳତତ୍ୱ ହେଉଛି ପ୍ରତିଟି ନାଗରିକଙ୍କୁ ଅନୁଭବ କରାଇବା ଯେ ଚାଲୁଥିବା ବ୍ୟବସ୍ଥା ହେଉଛି ମୋର ସରକାର । ଏହି ବ୍ୟବସ୍ଥା ମୋ ପାଇଁ କାମ କରୁଛି । ନାଗରିକଙ୍କ ମନରେ ଏହି ବିଶ୍ୱାସ ଓ ଭରଷା ସୃଷ୍ଟି ହେଲେ କାର୍ଯ୍ୟନିର୍ବାହୀମାନଙ୍କ ପାଇଁ କର୍ତ୍ତବ୍ୟ ସଂପାଦନ ସହଜ ହେବ । ତେଣୁ ସଠିକ୍ ଏବଂ ସମୟୋପଯୋଗୀ ସେବା ଯୋଗାଣ ମାଧମରେ ନାଗରିକମାନଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ କାର୍ଯ୍ୟନିର୍ବାହୀ ସର୍ବଦା ଚେଷ୍ଟାରତ ରହିଛି ।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର କହିଥିଲେ ଯେ ପ୍ରଶାସନିକ ବ୍ୟବସ୍ଥାର ସଂରଚନା ଏବଂ କାର୍ଯ୍ୟପଦ୍ଧତି ବିଷୟରେ ବାସ୍ତବ ଜ୍ଞାନ ଆଇନ୍ ସେବା ପ୍ରଦାନରେ ସହାୟକ ହେବ । ତେଣୁ ଏହି ଆଲୋଚନାରେ ବିଭିନ୍ନ ବିଭାଗର କାର୍ଯ୍ୟ ପ୍ରଣାଳୀ ଯୋଜନା ଏବଂ ନୀତିନିୟମକୁ ସାମିଲ କରାଯାଇଛି । ଆଇନ୍ ବିଭାଗ ଭାରପ୍ରାପ୍ତ ଶାସନ ସଚିବ ପ୍ରତାପ କୁମାର ପାତ୍ର କହିଥିଲେ ଯେ ଆଇନଶ୍ୱବା ଶିକ୍ଷାନବିଶମାନେ ନିଜ ମନରେ କୌଣସି ବ୍ୟକ୍ତି ବା ବ୍ୟବସ୍ଥା ପ୍ରତି ଥିବା ପୂର୍ବ ଅବଧାରଣକୁ ମନରୁ ପୋଛିଦେଇ ବ୍ୟବସ୍ଥାର ବାସ୍ତବ କାର୍ଯ୍ୟକରିବା ଶୈଳୀକୁ ବୁଝନ୍ତୁ । ପ୍ରଶାସନିକ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ହେଉଛି ସଠିକ୍ଭାବେ ନିର୍ଦ୍ଧାରିତ ସେବାଯୋଗାଣ ଏବଂ ବ୍ୟବସ୍ଥାରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଏହି ଲକ୍ଷ୍ୟ ପାଇଁ ସମର୍ପିତ । ଯେ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ବା ଅଧିକାରୀଙ୍କ ବିରୁଦ୍ଧରେ ନିର୍ଭରଯୋଗ୍ୟ ପ୍ରାମାଣିକ ତଥ୍ୟ ନମିଳିଛି ସେ ପର୍ଯ୍ୟନ୍ତ ସମସ୍ତଙ୍କୁ ସଚ୍ଚୋଟ ଏବଂ ସମର୍ପିତ ବୋଲି ଆମକୁ ଗ୍ରହଣ କରିବାକୁ ହେବ ।

ଏହି ଆଲୋଚନା ଚକ୍ରରେ ସମୁଦାୟ ୭ଟି ବୈଠକ ଅନୁଷ୍ଠିତ ହୋଇଥିଲା । ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ମନୋଜ କୁମାର ମିଶ୍ର, ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ ଦିଲୀପ କୁମାର ରାଉତରାଏ, କ୍ରାଇମ୍ବ୍ରାଞ୍ଚ୍ ଆଇ.ଜି. ଅମିତେନ୍ଦ୍ର ନାଥ ସିହ୍ନା ପ୍ରମୁଖ ଶିକ୍ଷାନବିଶମାନଙ୍କୁ କାର୍ଯ୍ୟନିର୍ବାହୀ ବ୍ୟବସ୍ଥାର ବିଭିନ୍ନ ଅଙ୍ଗ ବିଷୟରେ ସବିଶେଷ ଅବଧାରଣା ଦେଇଥିଲେ । ଏଥିରେ ମୁଖ୍ୟତଃ ସରକାରୀ କର୍ମଚାରୀଙ୍କ ପାଇଁ ବ୍ୟବହାର ବିଧି, ସରକାରୀ କାର୍ଯ୍ୟ ସଂପାଦନ ନିୟମ, ସେବା ସର୍ତ୍ତାବଳୀ, ପ୍ରମୁଖ ସମାଜମଙ୍ଗଳକାରୀ ଓ ଉନ୍ନୟନମୂଳକ ଯୋଜନା, ପଂଚାୟତିରାଜ ବ୍ୟବସ୍ଥାର କାର୍ଯ୍ୟବିଧି, ଲୋକସେବା ଭବନର କାର୍ଯ୍ୟପଦ୍ଧତି, ବିଭିନ୍ନ ମକଦ୍ଦମାରେ ପୋଲିସ୍ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ, ଅପରାଧ ଅନୁସନ୍ଧାନ ପଦ୍ଧତି, ସମନ୍ୱିତ ମକଦ୍ଦମା ପରିଚାଳନା ବ୍ୟବସ୍ଥା, ସୂଚନା ଓ ପ୍ରଯୁକ୍ତି ବ୍ୟବସ୍ଥାର ପ୍ରୟୋଗରେ ସଠିକ୍ ସେବାଯୋଗାଣ ପଦ୍ଧତି, ୫-ଟି ଓ ମୋ ସରକାର ବ୍ୟବସ୍ଥା, ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା, ବିଭିନ୍ନ ଯୋଜନା ଓ ପ୍ରକଳ୍ପ ନିମନ୍ତେ ଅର୍ଥ ଆବଣ୍ଟନ ପଦ୍ଧତି ଏବଂ ଆବଂଟିତ ଅର୍ଥର ଉପଯୁକ୍ତ ବିନିଯୋଗ ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା ହୋଇଥିଲା ।

# ଓଡ଼ିଆ ଭକ୍ତି ସଙ୍ଗୀତ ଓ ସୁଫିୟାନା ସଙ୍ଗୀତର କାର୍ଯ୍ୟକ୍ରମ 'ସମର୍ପଣ' ଉଦ୍ଘାଟିତ

ଭୁବନେଶ୍ୱର,୨୪/୨ (ନି.ପ୍ର): ଓଡ଼ିଶା ପର୍ଯ୍ୟଟନ ବିଭାଗ ସହାୟତାରେ ଭୁବନେଶ୍ୱର ମ୍ୟୁଜିକ ସର୍କଲ ଦ୍ୱାରା ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସୁଫିୟାନା ଓ ଆଧାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ' ଏକ ବର୍ଣ୍ଣାଢ୍ୟ ପରିବେଶରେ ଆଜି ରବିନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଉଦ୍ଘାଟିତ ହୋଇଯାଇଛି । ଭାରତୀୟ ଶୁଫିୟାନା ସଙ୍ଗୀତ ସହିତ ଅନ୍ୟାନ୍ୟ ଭକ୍ତି ରସାତ୍ମକ ଓ ଆଧାତ୍ମିକ ସଙ୍ଗୀତର ପ୍ରଚାର ଓ ପ୍ରସାର ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ । ଏହି ଉତ୍ସବ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ରବିନ୍ଦ୍ର ମଣ୍ଡପରେ ସଂଧ୍ୟା ୬ ଘଟିକାରୁ ଅନୁଷ୍ଠିତ ହେବ । ସଂଧ୍ୟାର ପ୍ରଥମ ପରିବେଷଣ ଥିଲା ଓଡ଼ିଆ ଭକ୍ତି ସଙ୍ଗୀତ ପରିବେଷଣ ଯାହାକୁ ପରିବେଷଣ କରିଥିଲେ ସଙ୍ଗୀତ ଜଗତର ପ୍ରସିଦ୍ଧ ଶିଳ୍ପୀ ଲତା ଘୋଷ, ଶାନ୍ତିଲତା ବାରିକ ଛୋଟ ରାୟ ଏବଂ ରବୀନ୍ଦ୍ର ମହାପାତ୍ର । ପ୍ରଥମେ ରବିନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ନାଉରିଆରେ କରିଦେ ପାରି ପରିବେଶିତ ହୋଇଥିଲା । ତାଙ୍କ ପରେ ଶାନ୍ତିଲତା ବାରିକଂଙ୍କ ଦ୍ୱାରା ପରିବେଶିତ ହୋଇଥିଲା ଜଗନ୍ନାଥ ଭଜନ ଓ ମୋ ଦିନ ଦୁନିଆଁ ଖେଳ ଘର । ପରବର୍ତୀ ପ୍ରସ୍ତୁତିଟି ଥିଲା ଲତା ଘୋଷଙ୍କ କାଳିୟ ଦଳନରେ ମୋ କଳା ବଦନ ଓ ଜଗନ୍ନାଥ ଭଜନ କାହାକୁ ମୁଁ କରିବଇଁ ସାଥୀ ପରେ ପରେ ସେମାନଙ୍କ ଦ୍ୱାରା ପରିବେସିତ ହୋଇଥିଲା ଅନେକଗୁଡ଼ିଏ ଭକ୍ତି ରସାତ୍ମକ ଓଡ଼ିଆ ସଙ୍ଗିତ । ସେମାନଙ୍କୁ ତବଲାରେ ଦୁଷ୍ମନ୍ତ କୁମାର ପରିଡ଼ା, ସିନ୍ଥେସାଇଜରରେ ବରଦା ପଟ୍ଟନାୟକ, ବଂଶୀରେ ଜବାହାର ମିଶ୍ର ଓ ଅକଟା ପ୍ୟାଡ଼ରେ ପ୍ରିୟରଞ୍ଜନ ମହାନ୍ତି ସହଯୋଗ କରିଥିଲେ । ସଂଧ୍ୟାର ଦ୍ୱିତୀୟ ତଥା ଅନ୍ତିମ ପରିବେଷଣ ଥିଲା ହବେଲୀ ସଙ୍ଗୀତ ଯାହାକୁ ପରିବେଷଣ କରିଥିଲେ ଆଜମୀର ରୁ ଆସିଥିବା ବିଶିଷ୍ଟ ସଙ୍ଗୀତଜ୍ଞ ପଣ୍ଡିତ ଚନ୍ଦ୍ରପ୍ରକାଶ । ରାଜସ୍ଥାନରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ହବେଲୀ ବୋଲି କୁହାଯାଏ ଏବଂ ସେଠାରେ ଗାୟନ କରାଯାଉଥିବା ସଙ୍ଗୀତକୁ ହାବେଲୀ ସଙ୍ଗୀତ ବୋଲି କୁହାଯାଏ । ତାଙ୍କର ବିଭିନ୍ନ ରାଗ ଓ ତାଳ ସମଷ୍ଟିରେ ଉଚ୍ଚକୁଟିର ସଙ୍ଗୀତ ପରିବେଷଣ ରବୀନ୍ଦ୍ର ମଣ୍ଡପରେ ଉପସ୍ଥିତ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ତାଙ୍କୁ ହାରମୋନିୟମ ଓ କଣ୍ଠରେ ସୁଶ୍ରୀ କ୍ରିତିକା ପ୍ରକାଶ, ସହ ଗାୟନରେ ଭୂପେନ୍ଦ୍ର ତନୱାର, ଝଂଝରେ ବତ୍ସଳା ଉମା ପ୍ରକାଶ ଓ ମର୍ଦ୍ଦଳରେ ବିଜୟ କୁମାର ବାରିକ ସହଯୋଗ କରିଥିଲେ । ଉଦଘାଟନୀ ସଂଧ୍ୟାର ଅତିଥିମାନେ ଥିଲେ ବିଶିଷ୍ଟ ଓଡ଼ିଶୀ ସଙ୍ଗୀତଜ୍ଞ ପ୍ରଫେସର ରାମହରୀ ଦାସ; ବରିଷ୍ଠ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ; ଆଇ.ସି.ସି.ଆରର ନିର୍ଦ୍ଦେଶିକା ମିନାକ୍ଷୀ ମିଶ୍ର; ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଭାପତି ଅରବିନ୍ଦ ବେହେରା ଓ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଚିବ କ୍ଷୀରୋଦ କୁମାର ପଟ୍ଟନାୟକ । କାର୍ଯ୍ୟକ୍ରମଟିକୁ ପରିଚାଳନାରେ ସାହାଯ୍ୟ କରିଥିଲେ ସଙ୍ଗୀତା ଗୋସାଇଁ ଓ କାର୍ଯ୍ୟକ୍ରମଟିକୁ ସଂଚାଳନା କରିଥିଲେ ଡ଼. ଆଦ୍ୟାସା ଦାସ । ଏହି 'ସମର୍ପଣ' କାର୍ଯ୍ୟକ୍ରମଟିର ସିଧାପ୍ରସାରଣ ଭୁବନେଶ୍ୱର ମ୍ୟୁଜିକ ସର୍କଲର ୟୁଟ୍ୟୁବ ଚ୍ୟାନେଲରେ ପ୍ରସାରିତ ହେଉଛି ।

# ଦେଢ଼ ମାସର ବ୍ୟବଧାନ ପରେ ରାଜ୍ୟରେ ଶୂନ କୋଭିଡ ମୃତ୍ୟୁ

ଭୁବନେଶ୍ୱର ,୨୪/୨ (ନି.ପ୍ର): ରାଜ୍ୟରେ ଆଜି ଶୂନ କୋଭିଡ ମୃତ୍ୟୁ ଘୋଷଣା ହୋଇଛି । ଦୀର୍ଘ ୪୩ ଦିନର ବ୍ୟବଧାନ ପରେ ଏହି ଚିତ୍ର ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଛି । କରୋନାର ତୃତୀୟ ଲହରରେ ଗୋଟିଏ ଦିନରେ ରାଜ୍ୟ ସରକାର ସର୍ବାଧିକ ୨୪ଜଣଙ୍କ ମୃତ୍ୟୁ ସଂପର୍କରେ ଘୋଷଣା କରିଥିଲେ । ବର୍ତମାନ ସୁଦ୍ଧା ୫୮୩ଜଣଙ୍କ ଚଳିତ କରୋନା ଲହରରେ ମୃତ୍ୟୁ ହୋଇଥିବା ଘୋଷଣା ?କରାଯାଇଛି । ମାତ୍ର ୩ଟି ଲହରକୁ ମିଶାଇ ରାଜ୍ୟରେ ସମୁଦାୟ ୯୦୪୫ଜଣଙ୍କର ମୃତ୍ୟୁ ହୋଇଛି । ଗତବର୍ଷ ଡିସେମ୍ବର ଶେଷ ସପ୍ତାହରେ ରାଜ୍ୟରେ ତୃତୀୟ ଲହର ଆରମ୍ଭ ହୋଇଥିଲା । ଜାନୁଆରି ତୃତୀୟ ସପ୍ତାହ ଆଡ଼କୁ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ବଢ଼ିଥିଲା । ରାଜ୍ୟରେ ତୃତୀୟ ଲହରରେ ମୃତ୍ୟୁ ଡେଲ୍ଟା ଯୋଗୁଁ ହେଉଥିବା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ କହିଥିଲେ । ଫେବ୍ରୁଆରି ମାସରେ କରୋନାର ଓମିକ୍ରନ୍ ପ୍ରଜାତି ଡେଲ୍ଟାକୁ ସଂପୂର୍ଣ୍ଣ ଅପସାରଣ କରିଥିବା ଜୀବ ବିଜ୍ଞାନ ପ୍ରତିଷ୍ଠାନରେ ହୋଇଥିବା ଜିନୋମ ସିକ୍ୱେନ୍ସିଂରୁ ସ୍ପଷ୍ଟ ହୋଇଥିଲା । ଏ ସମୟରେ ସଂକ୍ରମଣ କମି ଆସିଥିଲେ ?ହେଁ ସରକାରଙ୍କ ପଛୁଆ କୋଭିଡ ମୃତ୍ୟୁ ଘୋଷଣା ପାଇଁ ମୃତ୍ୟୁ ସଂଖ୍ୟା ବଢ଼ିଥିଲା । ଗତ ୨୪ଘଣ୍ଟାରେ ରାଜ୍ୟରେ ୩୩୯ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିରେ ୧୮ବର୍ଷରୁ କମ୍ ୬୯ଜଣ ପିଲା ରହିଛନ୍ତି । ସୁନ୍ଦରଗଡ଼ରୁ ସର୍ବାଧିକ ୮୦, ଖୋର୍ଧା ୩୬, ଗଜପତି ୨୫, କଟକ ୧୭, ଅନୁଗୁଳ, ଯାଜପୁର, ବାଲେଶ୍ୱର ୧୪ ଲେଖାଏ, କୋରାପୁଟ ୧୬ ଓ ଷ୍ଟେଟ୍ ? ପୁଲରୁ ୯ଜଣ ପ୍ରାଣ ହରାଇଛନ୍ତି । ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨ଲକ୍ଷ ୮୩ହଜାର ୯୭୮କୁ ବୃଦ୍ଧି ପାଇଛି । ଏହାସହ ଆଜି ରାଜ୍ୟରେ ୮୨୫ଜଣ ସୁସ୍ଥ ହୋଇଛନ୍ତି । ରାଜ୍ୟରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୩୦୩୭କୁ ଖସି ଆସିଛି । ଅନ୍ୟପକ୍ଷରେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୨ଲକ୍ଷ ୭୧ହଜାର ୮୪୩କୁ ବୃଦ୍ଧି ପାଇଛି ।

# ଭୋଟ ଗଣନା ପକ୍ରିୟାକୁ ସ୍ୱଚ୍ଛ କରାଯାଉ : ବିଜେପି

ଭୁବନେଶ୍ୱର ,୨୪/୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଭୋଟଗ୍ରହଣ ଶେଷ ହୋଇଛି । ଭୋଟବାକ୍ସ ଥିବା ଷ୍ଟ୍ରଙ୍ଗ ରୁମ୍ର ସୁରକ୍ଷା ସହିତ ଆସନ୍ତା ୨୬,୨୭,୨୮ ତାରିଖରେ ହେବାକୁ ଥିବା ଭୋଟ ଗଣତି ପକ୍ରିୟାକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ହେବା ନିହାତି ଆବଶ୍ୟକ ଏବଂ ନିର୍ବାଚନ କମିଶନଙ୍କ ସଂପୂର୍ଣ୍ଣ ଦାୟିତ୍ୱ । ଷ୍ଟ୍ରଙ୍ଗ ରୁମ୍ର ସୁରକ୍ଷାର ସଠିକ ନିରୀକ୍ଷଣ ଅତ୍ୟନ୍ତ ଜରୁରୀ । ତେଣୁ ସ୍ୱଚ୍ଛ ଓ ନିରପେକ୍ଷ ଭୋଟ ଗଣତି ପାଇଁ ଗଣତି କେନ୍ଦ୍ର ଭିତରୁ ସିସିଟିଭି ଜରିଆରେ ସର୍ବସାଧାରଣଙ୍କ ପାଇଁ ପ୍ରସାରଣ କରିବାକୁ ବିଜେପି ଦାବି କରିଛି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ଗଣମାଧମ ମୁଖ୍ୟ ଦିଲୀପ ମଲ୍ଲିକ କହିଛନ୍ତି ଯେ ପ୍ରଥମ ଥର ପାଇଁ ବ୍ଲକ ମୁଖ୍ୟାଳୟ ତଥା ବ୍ଲକ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟ, ଘରୋଇ ମହାବିଦ୍ୟାଳୟରେ ମଧ ଭୋଟ ବାକ୍ସ ରଖାଯାଇଛି । ଭୋଟ ଗଣତି ପାଇଁ ୩ଦିନ ନିର୍ଦ୍ଧାରଣ କରାଯାଇ ଜୋନର କ୍ରମ ଅନୁସାରେ ଗଣତିର ଦିନ ଧାର୍ଯ୍ୟ କରାଯାଇଛି । କିନ୍ତୁ ଜୋନ ୱାରି ଭୋଟ ବାକ୍ସ ଗୁଡ଼ିକ ପୃଥକଭାବେ ଷ୍ଟ୍ରଙ୍ଗ ରୁମ୍ରେ ରଖାଯିବା ଆବଶ୍ୟକ ଥିବାବେଳେ ଅନେକ ବ୍ଲକରେ ଗୋଟିଏ ଷ୍ଟ୍ରଙ୍ଗ ରୁମ୍ରେ ୨ଟି ଜୋନ୍ର ଭୋଟ ବାକ୍ସ ରଖାଯାଇଛି । ଯାହାଫଳରେ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ସମ୍ପୃକ୍ତି ବିଡିଓମାନଙ୍କ ବିରୋଧରେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ଅଧିକାଂଶ ସରକାରୀ କର୍ମଚାରୀମାନେ ଲୋକଙ୍କ ବିଶ୍ୱାସ ହରାଇଛନ୍ତି ଏବଂ ଏହି କାରଣରୁ ଷ୍ଟ୍ରଙ୍ଗ ରୁମ ଦାୟୀତ୍ୱରେ ଥିବା ପ୍ରଶାସନକୁ ଲୋକେ ଜଗିବାକୁ ବାଧ ହୋଇଛନ୍ତି ।

ପ୍ରଥମ ଦିନ ଭୋଟ ବାକ୍ସ ବାହାର କରିବା ପରେ ପୁନଃର୍ବାର ସେହି ଷ୍ଟ୍ରଙ୍ଗ୍ ରୁମକୁ ସିଲ୍ କରାଯାଉ । ବାକ୍ସରେ ପଡ଼ିଥିବା ଭୋଟ ଓ ପ୍ରିଜାଇଡିଂ ଅଫିସରଙ୍କ ଭୋଟ ଗଣତି ସାର୍ଟିଫିକେଟ୍ (ଫର୍ମ-୧୧) ମଧ୍ୟରେ ଫରକ ହେଲେ କ'ଣ କରାଯିବ ? ମନୁଷ୍ୟକୃତ ତୃଟି ସୀମାର ପରିମାଣ (%) କେତେ ତାହା ନିର୍ବାଚନ କମିଶନ ସ୍ପଷ୍ଟ କରିବା ଆବଶ୍ୟକ । ଭୋଟ ଗଣତି କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାର ସୁରକ୍ଷା ପାଇଁ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ? କେଉଁ ପୋଲିସ ଅଧିକାରିଙ୍କ ନେତୃତ୍ୱରେ କେତେ ସଂଖ୍ୟାରେ ପୋଲିସ ମୃତୟନ କରାଯିବ ? ଭୋଟ ଗଣତି ସମୟରେ କୌଣସି ଉତେଜନା ପ୍ରକାଶ ପାଇଲେ ପ୍ରାର୍ଥୀ କିମ୍ବା ପ୍ରାର୍ଥୀଙ୍କ ଏଜେଂଟମାନେ କାହା ସହିତ ଆଲୋଚନା କରିବେ ଏବଂ ତାଙ୍କ ସହ ଯୋଗାଯୋଗ କେମିତି କରିବେ ? ଭୋଟ ଗଣତି ସଂପର୍କରେ ସୁଚନା ପ୍ରଦାନର ପଦ୍ଧତି/ପ୍ରଣାଳିର ସ୍ପଷ୍ଟ କରିବା ସହିତ ପଂଚାୟତୱାରି ଭୋଟ ଫଳାଫଳକୁ ସର୍ବସାଧାରଣଙ୍କରେ ଘୋଷଣା କରାଯିବାକୁ ଶ୍ରୀ ମଲ୍ଲିକ ଦାବୀ କରିଛନ୍ତି ।

ସେହିପରି ଭୋଟ ଗ୍ରହଣରେ ଅନିୟମିତତା ହୋଇଥିବାର ଠୋସ ଅଭିଯୋଗ ଥିବା ବୁଥ୍ ଗୁଡ଼ିକରେ ପୂନଃଭୋଟ ଗ୍ରହଣ କରାଯାଉ । ନିର୍ବାଚନ କମିଶନଙ୍କ ନିୟମକୁ ଉଲ୍ଲଘଂନ କରି ପକ୍ଷପାତିତା କରୁଥିବା ବା ମନଇଛା କାର୍ଯ୍ୟ କଲେ ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତ୍ରୁଟିରେ ସଂଶୋଧନ କରାଯାଉ । ବହୁ ସ୍ଥାନରେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ସଂପର୍କରେ ଅବଗତ ନାହାନ୍ତି । ଗଣତି ପାଇଁ ହାତରେ ଆଉ ଦୁଇ ଦିନ ବାକି ଥିବାବେଳେ ନିର୍ବାଚନ କମିଶନ ସମସ୍ତ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶାବଳୀ ସଂପର୍କରେ ବିସ୍ତୃତ ଅବଗତ କରାନ୍ତୁ । ଭୋଟ ଗଣନା ପକ୍ରିୟାକୁ ସ୍ୱଚ୍ଛ କରି ରାଜ୍ୟବାସୀଙ୍କ ରାଜ୍ୟବାସୀଙ୍କ ବିଶ୍ୱାସ ଭାଜନ ହୁଅନ୍ତୁ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଏବଂ ରାଜ୍ୟ ଗଣମାଧମ ସହମୁଖ୍ୟ ସୁଜିତ କୁମାର୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଗତ ୨୪ ଘଣ୍ଟା ମଧରେ ୩୩୯ କରୋନା ପଜିଟିଭ ଚିହ୍ନଟ: ୧୧୧ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୨୪/୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୦୨ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୪୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୧୧୧ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ଯାଜପୁର ଜିଲ୍ଲାରୁ ସର୍ବାଧିକ ୫୨ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୩୨ ଜଣ, ବାଲେଶ୍ୱରରୁ ୬ ଜଣ, ବରଗଡ଼ରୁ ୮ ଜଣ, ଭଦ୍ରକରୁ ୬ ଜଣ, ବଲାଙ୍ଗୀରରୁ ୧ ଜଣ, ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୫ ଜଣ, ଢେଙ୍କାନାଳରୁ ୩ ଜଣ, ଗଜପତିରୁ ୨୭, ଗଞ୍ଜାମରୁ ୧୭ ଜଣ, ଜଗତସିଂହପୁରରୁ ୨ ଜଣ, ଯାଜପୁରରୁ ୫୨ ଜଣ, ଝାରସୁଗୁଡ଼ାରୁ ୧୭ ଜଣ, କଳାହାଣ୍ଡିରୁ ୪ ଜଣ, କନ୍ଧମାଳରୁ ୨ ଜଣ, କେନ୍ଦ୍ରାପଡ଼ାରୁ ୧୨ ଜଣ, ଖୋର୍ଦ୍ଧାରୁ ୨୫ ଜଣ, କୋରାପୁଟରୁ ୧ ଜଣ, ମାଲକାନଗିରିରୁ ୧ ଜଣ, ମୟୁରଭଞ୍ଜରୁ ୧୬ ଜଣ, ନବରଙ୍ଗପୁରରୁ ୫ ଜଣ, ନୟାଗଡ଼ରୁ ୨ ଜଣ, ନୂଆପଡ଼ାରୁ ୭ ଜଣ, ପୁରୀରୁ ୪ ଜଣ, ରାୟଗଡ଼ାରୁ ୮ ଜଣ, ସମ୍ବଲପୁରରୁ ୨୯ ଜଣ, ସୋନପୁରରୁ ୧ ଜଣ, ସୁନ୍ଦରଗଡ଼ରୁ ୩୯ ଜଣ ଓ ଷ୍ଟେଟ ପୁଲରୁ ୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୪, ୩୨୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୧, ୮୪୩ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୩,୩୭୫ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ସରକାରୀ କର୍ମଚାରୀମାନେ ବିଜେଡି ସପକ୍ଷରେ ଦାୟିତ୍ୱ ନେବା ଦଣ୍ଡନୀୟ ଅପରାଧ : ବିଜେପି

ଭୁବନେଶ୍ୱର ,୨୪/୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ଆଜି ସମାପ୍ତ ହୋଇଛି । ଶାସକ ଦଳର ରାଜନୈତିକ ହିଂସାକାଣ୍ଡ ଓ ବ୍ୟାପକ ବୁଥ୍ ରିଗିଂ କାରଣରୁ ଅଶାନ୍ତ ବାତାବରଣ ସୃଷ୍ଟି ହେବା ସହିତ ଗଣତନ୍ତ୍ର ଆଜି ବିପଦ ମୁହାଁ ହୋଇଛି । ସରକାରୀ କଳକୁ ଅପବ୍ୟବହାର କରି ନିର୍ବାଚନ ବୈତରଣୀ ପାର ହେବାର ପ୍ରୟାସ ଜାରି ରଖିଛି ଶାସକ ବିଜୁ ଜନତା ଦଳ । ବିଜୁ ଜନତା ଦଳ ଗୁଣ୍ଡାଗର୍ଦ୍ଦି, ସାମ୍ବାଦିକଙ୍କୁ ମାଡ଼, ଭୋଟ ବାକ୍ସ ପାଣିକୁ ଫିଙ୍ଗିବା ଭଳି ଜଘନ୍ୟକାଣ୍ଡ ଘଟାଇଥିଲେ ବି ଏହାକୁ ସରକାରୀ କର୍ମଚାରୀମାନେ ସାହାଯ୍ୟ କରୁଛନ୍ତି । ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ସରକାରୀ କର୍ମଚାରୀମାନେ ଶାସକ ବିଜେଡି ସପକ୍ଷରେ ଭୋଟ କରାଇବାର ଦାୟୀତ୍ୱ ନେବା ଅତ୍ୟନ୍ତ ଅଗଣତାନ୍ତ୍ରୀକ ଓ ଦଣ୍ଡନୀୟ ଅପରାଧ ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଜିଲ୍ଲା ଗଞ୍ଜାମର କବିସୂର୍ଯ୍ୟନଗର ବ୍ଲକ ସୁନାରିଝୋଲ ଗ୍ରାମ ପଂଚାୟତର ସରପଂଚ ପ୍ରାର୍ଥୀ ରାମ ଚନ୍ଦ୍ର ସ୍ୱାଇଁଙ୍କ ନିର୍ବାଚନ ଚିହ୍ନ ବାଲାଟ ପେପରରେ ନଥିବାରୁ ଭୋଟରମାନେ ଅଭିଯୋଗ କରିଥିଲେ । କବିସୂର୍ଯ୍ୟନଗର ବିଡିଓ ଭୋଟିଂ ବନ୍ଦ ନକରିବାରୁ ଜନସାଧାରଣ ଏକତ୍ରିତ ହୋଇ ବିଡିଓଙ୍କୁ ପ୍ରତିବାଦ କରିବା ପରେ ବାଧ ହୋଇ ନିର୍ବାଚନ ଅଧାରୁ ବନ୍ଦ ରହିଛି । ତେଣୁ ବାଲାଟ ପେପରକୁ ସଠିକ କରାଯାଇ ସେ ସ୍ଥାନରେ ପୁନଃ ମତଦାନ କରିବା ପାଇଁ ପ୍ରାର୍ଥୀଙ୍କ ତରଫରୁ କମିଶନଙ୍କୁ ଦାବି ପତ୍ର ଦିଆଯାଇଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ଭୋଟ ବାକ୍ସ ରହୁଥିବା ଷ୍ଟ୍ରଙ୍ଗ ରୁମ୍ ସିଲ କରିବା ବେଳେ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ବିଡିଓମାନେ ବିଜେପି ପ୍ରାର୍ଥୀ ଏଜେଂଟଙ୍କ ଉପସ୍ଥିତି ପାଇଁ ବାରଣ କରୁଛନ୍ତି । ଅନ୍ୟ ପଟେ ଭିନ୍ନ ଭିନ୍ନ ତାରିଖରେ ଭୋଟ ଗଣତି ହେଉଥିବାବେଳେ ସେହି କ୍ରମରେ ଭୋଟ ବାକ୍ସ ଗୁଡିକ ରଖାନଯିବା ଏବଂ ଭୋଟ ଗଣତି ପରେ ଭୋଟ ବାକ୍ସଗୁଡିକୁ ଅସ୍ଥାୟୀ ସିଲ୍ କରି ପୁନଶ୍ଚଃ ସେହି ରୁମ୍ରେ ରଖିବାର ବିଡିଓଙ୍କ ନିଷ୍ପତି କାରଣରୁ ଗଣତି ଓ ଫଳାଫଳ ଘୋଷଣାର ସ୍ୱଚ୍ଛତାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ ଏବଂ ପକ୍ଷପାତିତା ଆଚରଣ କରୁଥିବାରୁ ମାହାଙ୍ଗା ବିଡିଓଙ୍କୁ ତୁରନ୍ତ ନିର୍ବାଚନ ପରିଚାଳନା ଦାୟୀତ୍ୱରୁ ମୁକ୍ତ କରିବା ପାଇଁ କମିଶନଙ୍କ ନିକଟରେ ଦାବୀ କରାଯାଇଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ଏହି ପ୍ରତିନିଧି ଦଳରେ ନୟାଗଡ ଜିଲ୍ଲା ସଭାପତି ଲାଲା ମନୋଜ ରାୟ, କଟକ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ମାହାଙ୍ଗା ଜିଲ୍ଲା ପରିଷଦ ପ୍ରାର୍ଥିନୀ ଯାଜ୍ଞସେନୀ ଜେନା, ଲିଗାଲ ସେଲର ରବିଶଙ୍କର ପଟ୍ଟନାୟକ ଓ ମହେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଜିଲ୍ଲା ପରିଷଦ ପ୍ରାର୍ଥୀମାନେ ସାମିଲ ଥିଲେ ।

# ରେଳ ଯାତ୍ରୀଙ୍କ ସୁବିଧା ପାଇଁ ପଦକ୍ଷେପ : ଏଟିଭିଏମ୍ରେ ଡିଜିଟାଲ୍ ପେମେଂଟ




ଭୁବନେଶ୍ୱର ,୨୪/୨ (ନି.ପ୍ର): ଟ୍ରେନ ଯାତ୍ରା ଟିକେଟ୍, ପ୍ଲାଟ୍ଫର୍ମ ଟିକେଟ୍, ସିଜିନ ଟିକେଟ୍ର ନବୀକରଣ କିମ୍ବା କିଣିବା ପାଇଁ ଏବେ ପେଟିଏମ୍ ଏବଂ ମାଗଣା ଚାର୍ଜ ୟୁପିଆଇ କ୍ୟୁଆର କୋଡ୍ ମାଧମରେ ଏଟିଭିଏମ ଦ୍ୱାରା କରାଯାଉଛି । ଏକ୍ଷେତ୍ରରେ ପାଉଣା ପୈଠକୁ ତ୍ୱରାନ୍ୱିତ କରିବା ପାଇଁ ରେଳବାଇ ଏବେ ଏଟିଭିଏମ ଆପ୍ଲିକେସନ୍କୁ ଭାରତୀୟ ରେଳବାଇର ସୂଚନା ପ୍ରଦ୍ୟୋଗିକୀ ଅନୁପ୍ରୟୋଗର ବିକାଶ ଓ ସମ୍ପାଦନ କରୁଥିବା ସଂସ୍ଥା କ୍ରିସ ସିଆରଆଇଏସ୍ ଦ୍ୱାରା ସକ୍ଷମ କରାଇଛି । ନୂଆଦିଲ୍ଲୀ ଷ୍ଟେସନରେ ଉତ୍ତର ରେଳପଥର ସହଯୋଗରେ ଏଟିଭିଏମ ମାଧମରେ ପାଉଣା ପୈଠ ପାଇଁ ଲାଇଭ୍ ଟ୍ରାଏଲ୍ ସଫଳତାର ସହିତ ଶେଷ ହୋଇଛି । ୨୦୨୧ ସେପ୍ଟେମ୍ବରରୁ ଯାତ୍ରୀମାନେ ରିଚାର୍ଜ ପାଇଁ ଷ୍ଟେସନ୍ ବୁକିଂ କାଉଣ୍ଟର ପ୍ରତି ନିର୍ଭର କରିବା ପରିବର୍ତ୍ତେ ମୋବାଇଲ୍ ୱେବସାଇଟ୍/ଆପ୍ରେ ୟୁଟିଏସ୍ ମାଧମରେ ଅନ୍ଲାଇନରେ ଏଟିଭିଏମ ସ୍ମାର୍ଟ କାର୍ଡକୁ ରିଚାର୍ଜ କରିବା ସୁବିଧା ପାଇଥିଲେ । ଯାତ୍ରୀମାନେ ଏଟିଭିଏମ୍ ସ୍ମାର୍ଟ କାର୍ଡର ରିଚାର୍ଜ ପାଇଁ ସମସ୍ତ ଡିଜିଟାଲ୍ ପେମେଣ୍ଟ ବ୍ୟବହାର କରିପାରିବେ । ଏଥିପାଇଁ ସେମାନେ ୟୁଟିଏସଅନମୋବାଇଲ ୱେବସାଇଟ୍ରେ ପଞ୍ଜୀକୃତ ହେବା ପରେ ଏଟିଭିଏମ ସ୍ମାର୍ଟ କାର୍ଡର ଅନଲାଇନ୍ ରିଚାର୍ଜ ଲାଗି www. utsonmobile.indianrail.gov.in ୱେବସାଇଟ୍ ପରିଦର୍ଶନ କରୁଥିଲେ । ଯଦି ଯାତ୍ରୀ ମୋବାଇଲ୍ ଟିକେଟ୍ ପାଇଁ ପଞ୍ଜୀକୃତ ହୋଇସାରିଛନ୍ତି ତେବେ ସେମାନେ ସମାନ ଆକାଉଣ୍ଟ୍ ବ୍ୟବହାର କରିପାରିବେ । ଲଗ୍ ଇନ୍ ପରେ ଯାତ୍ରୀଙ୍କୁ ମେନୁ ଅପ୍ସନ୍ 'ସ୍ମାର୍ଟକାର୍ଡ ରିଚାର୍ଜ' ଚୟନ କରିବାକୁ ପଡ଼ିବ । କାର୍ଡରେ ମୁଦ୍ରିତ ଏଟିଭିଏମ ସ୍ମାର୍ଟକାର୍ଡ ଷ୍ଟକ୍ ନମ୍ବରକୁ ଫିଡ୍ କରିବାକୁ ପଡ଼ିବ । ତା'ପରେ ଯାତ୍ରୀଙ୍କୁ ବୈଧ ରିଚାର୍ଜ ପରିମାଣ ପ୍ରବେଶ କରାଇବାକୁ ହେବ । ନିର୍ଦ୍ଦିଷ୍ଟ ସମୟ ସୀମା ମଧରେ ଏଟିଭିଏମରେ ଟପ୍ ଅପ୍ ସମ୍ପୂର୍ଣ୍ଣ କରିବାକୁ ରାଜି ହେବାକୁ ପଡ଼ିବ ।

# ସିଓଆର ଆବେଦନ ସମୟ ସୀମା ବୃଦ୍ଧି

ଭୁବନେଶ୍ୱର ,୨୪/୨ (ନି.ପ୍ର): ସାର୍ଟିଫିକେଟ୍ ଅଫ୍ ରେକୋଗନେସନ (ସିଓଆର) ପାଇଁ ଘରୋଇ ବିଦ୍ୟାଳୟଗୁଡ଼ିକ ଆସନ୍ତା ମାର୍ଚ୍ଚ ୫ ପର୍ଯ୍ୟନ୍ତ ଆବେଦନ କରିପାରିବେ । ପୂର୍ବରୁ ଫେବ୍ରୁଆରି ୧୫ ଆବେଦନର ଶେଷ ତାରିଖ ରଖାଯାଇଥିଲା । ମାତ୍ର କରୋନା ସଂକ୍ରମଣ ଯୋଗୁଁ ବହୁ ସ୍କୁଲ କର୍ତୃପକ୍ଷ ଆବେଦନ କରିପାରି ନାହାନ୍ତି । ତାହାକୁ ଦୃଷ୍ଟିରେ ରଖି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଆବେଦନ ସମୟ ସୀମାକୁ ବୃଦ୍ଧି କରିଛନ୍ତି । ନିୟମ ଅନୁଯାୟୀ ୨୦୨୨-୨୩ରୁ ୨୦୨୬-୨୬ ପର୍ଯ୍ୟନ୍ତ ଘରୋଇ ବିଦ୍ୟାଳୟଗୁଡ଼ିକୁ ସିଓଆର ଦିଆଯିବ । ଏଥର କେବଳ ଅନ୍ଲାଇନ୍ରେ ଆବେଦନ ପ୍ରକ୍ରିୟା ଜାରି ରହିଛି । ପୂର୍ବ ବିଜ୍ଞପ୍ତି ଅନୁଯାୟୀ ଆବେଦନ ପ୍ରକ୍ରିୟା ଶେଷ ହେବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ମାନେ ମାର୍ଚ୍ଚ ୧୫ ସୁଦ୍ଧା ଆବେଦନପତ୍ରଗୁଡ଼ିକର ଯାଞ୍ଚ କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ନିକଟରେ ରିପୋର୍ଟ ଦାଖଲ କରିବେ । ସେଗୁଡ଼ିକ ଅନୁଧ୍ୟାନ ପରେ ନିର୍ଦ୍ଦେଶାଳୟ ପକ୍ଷରୁ ମାର୍ଚ୍ଚ ୩୧ରେ ଡିଇଓମାନଙ୍କୁ ଅନୁମୋଦନ ପଠାଯିବ । ଏପ୍ରିଲ ୧୫ ସୁଦ୍ଧା ସିଓଆର ପ୍ରଦାନ ପ୍ରକ୍ରିୟା ଶେଷ ହେବ ।

# ୟୁକ୍ରେନ୍ରେ ଫସିଛନ୍ତି ଓଡ଼ିଆ ପିଲା

ଭୁବନେଶ୍ୱର ,୨୪/୨ (ନି.ପ୍ର): ୟୁକ୍ରେନ୍ର ଖାର୍କିଭ୍ ମେଡିକାଲ ୟୁନିଭରସିଟିର ଶେଷବର୍ଷ ଛାତ୍ର ଦିନେଶ । ଭୋର ପ୍ରାୟ ସାଢ଼େ ୪ଟା ସମୟରେ ଏକ ପ୍ରଚଣ୍ଡ ଶବ୍ଦ ଶୁଣି ନିଦ ଭାଙ୍ଗି ଯାଇଥିଲା । ହଷ୍ଟେଲରେ ଥିବା ଅନ୍ୟ ଛାତ୍ରଛାତ୍ରୀ ମଧ ଉଠି ଯାଇଥିଲେ । ବାହାରକୁ ଆସି ଦେଖିଲାବେଳକୁ ସହରରେ ଲୋକଙ୍କ ଭିଡ଼ ଜମିଯାଇଛି । ୟୁକ୍ରେନ୍ ଉପରେ ରୁଷ ଆକ୍ରମଣ କରିଥିବା ଏକପ୍ରକାର ସ୍ପଷ୍ଟ ହୋଇ ଯାଇଥିଲା । ୟୁକ୍ରେନ୍ରେ ରହୁଥିବା ଓଡ଼ିଆ ଡାକ୍ତର ସ୍ୱାଧୀନ ମହାପାତ୍ରଙ୍କୁ ଯୋଗାଯୋଗ କରିଥିଲେ ଦିନେଶ । ଡା.ମହାପାତ୍ର ସେମାନଙ୍କୁ ସୁପର ମାର୍କେଟ୍ରୁ ଆବଶ୍ୟକ ଜିନିଷପତ୍ର କିଣିବା ପାଇଁ ପରାମର୍ଶ ଦେଇଥିଲେ । ସେଠାରୁ ୪/୫ଦିନ ଲାଗି ଜିନିଷପତ୍ର ଆଣିବା ପରେ ହଷ୍ଟେଲ୍ ଫେରିଥିଲେ । ହେଲେ ପାଣି ମେସିନ୍ରେ ପାଣି ନ ଥିଲା । କିଛି ଘଣ୍ଟା ଅପେକ୍ଷା କରିବା ପାଣି ଗାଡ଼ି ପହଞ୍ଚିଥିଲା । ସେଥିରୁ ୨୫ ଲିଟର ପିଇବା ପାଣି ସଂରକ୍ଷିତ କରିପାରିଛନ୍ତି ଦିନେଶ ଓ ଅନ୍ୟମାନେ । ରାସ୍ତାଘାଟ ଶୂନଶୂନ ହୋଇଯିବା ସହିତ ୱାଇଫାଇ କଟି ଯାଇଛି । ହେଲେ ମୋବାଇଲ ନେଟୱାର୍କ କାମ କରୁଛି । ମାତ୍ର କେତେବେଳେ ବି ତାହା କଟି ଯାଇପାରେ । ୟୁକ୍ରେନ୍ରେ ଏବେ ଶତାଧିକ ଓଡ଼ିଆ ଛାତ୍ରଛାତ୍ରୀ ଫସି ରହିଛନ୍ତି । ଚଳିତ ସପ୍ତାହରେ ସମସ୍ତେ ଘରକୁ ଫେରିଯିବା ଲାଗି ନିଷ୍ପତ୍ତି ନେଇଥିଲେ । ମାତ୍ର ତାହା ସମ୍ଭବ ହୋଇନାହିଁ । ଅଧିକାଂଶ ଲୋକ ମେଟ୍ରୋରେ ଆଶ୍ରୟ ନେଇଛନ୍ତି । ଏ ସମୟରେ ବାହାରେ ବୋମା ମାଡ଼ ଶବ୍ଦ ଶୁଭିଥିଲା ଓ ଦିନେଶ ମେଟ୍ରୋକୁ ଯିବାକୁ ଚାହୁଁଥିବା କହିଥିଲେ । ସେହିପରି ଗତକାଲି ୟୁକ୍ରେନ୍ରୁ ଭାରତକୁ ଫେରି ଆସିଥିବା ଡାକ୍ତରୀ ଛାତ୍ର ପ୍ରତୀକ ଧଳ କହିଛନ୍ତି, ଛାତ୍ରଛାତ୍ରୀମାନେ ଭୟ ଭିତରେ ରହିଛନ୍ତି । କିଛି ହଷ୍ଟେଲରେ ପାଣି ଆସୁ ନ ଥିବା ସାଙ୍ଗମାନେ କହୁଥିଲେ । ଅଫଲାଇନ୍ କ୍ଲାସ ଚାଲୁଥିବାରୁ ଅନେକ ଛାତ୍ରଛାତ୍ରୀ ୟୁକ୍ରେନ୍ରେ ରହି ଯାଇଥିଲେ । ହେଲେ ଏବେ ସ୍ଥିତି ସଂପୂର୍ଣ୍ଣ ଓଲଟି ଯାଇଛି । ଲାଇନ୍ କଟିଯିବା ଭୟରେ ଅନେକ ନିଜର ମୋବାଇଲକୁ ବନ୍ଦ ରଖିବା ଲାଗି ବାଧ ହେଉଛନ୍ତି ।

# ବର୍ଜ୍ୟବସ୍ତୁରୁ ସମ୍ପଦ ସୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପ ଉପରେ ଆଲୋକପାତ କଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ




ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ରାଜ୍ୟର ଖଣି ଏବଂ ଶିଳ୍ପ ମନ୍ତ୍ରୀମାନଙ୍କର ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଓଡ଼ିଶାରେ ଆୟୋଜିତ ହେଉଥିବା ଏହି ଦୁଇଦିନିଆ ସମ୍ମିଳନୀରେ ଖଣି ସମୃଦ୍ଧ ରାଜ୍ୟମାନଙ୍କରେ ରହିଥିବା ସମ୍ଭାବନା ଉପରେ ବିଚାରବିମର୍ଶ କରାଯାଇଛି । ବିଶେଷ କରି ଖଣି ଲିଜ୍, ପରିବେଶ ମଞ୍ଜୁରି ଏବଂ ବର୍ତ୍ତମାନର ଏବଂ ନୂଆ ଖଣି ପ୍ରକଳ୍ପ ସମ୍ପର୍କରେ ସମ୍ମିଳନୀରେ ଆଲୋଚନା ହୋଇଛି । ଏହି ସମ୍ମିଳନୀକୁ ଇସ୍ପାତ ମନ୍ତ୍ରୀ ଶ୍ରୀ ରାମ ଚନ୍ଦ୍ର ପ୍ରସାଦ ସିଂ ଉଦଘାଟନ କରିଥିବା ବେଳେ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଫଗନ ସିଂ କୁଲସ୍ତେ, ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମଧ୍ୟପ୍ରଦେଶ ଶିଳ୍ପ ଓ ନିବେଶ ପ୍ରୋତ୍ସାହନ ମନ୍ତ୍ରୀ ଶ୍ରୀ ରାଜବର୍ଦ୍ଧନ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଏହାବ୍ୟତୀତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଇସ୍ପାତ ମନ୍ତ୍ରଣାଳୟ ଅଧୀନ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଧ୍ୟକ୍ଷମାନେ ମଧ୍ୟ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ଏହି ସମ୍ମିଳନୀରେ ଖଣି, ବିଶେଷ କରି ଇସ୍ପାତ କ୍ଷେତ୍ର ସହ ଜଡ଼ିତ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରାଯାଇଥିଲା ଏବଂ ଏହା ଉପରେ ଫଳପ୍ରଦ ଆଲୋଚନା ହୋଇଥିଲା ଯାହାକୁ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ପ୍ରତିନିଧିମାନେ ସ୍ୱାଗତ କରିଥିଲେ । ଖଣିଜ ଦ୍ରବ୍ୟ ଉତ୍ତୋଳନ ଏବଂ ଇସ୍ପାତ ଉତ୍ପାଦନ ପ୍ରସଙ୍ଗ ଉପସ୍ଥାପନ କରି ଇସ୍ପାତ ମନ୍ତ୍ରଣାଳୟ ଅଧିକାରୀମାନେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ନୀତିଗତ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ । କାରବାରକୁ ଆଗକୁ ବଢ଼ାଇବା ଲାଗି ରାଜ୍ୟ ସରକାରମାନଙ୍କ ଠାରୁ ଆବଶ୍ୟକ ସହାୟତା ସମ୍ପର୍କରେ ମଧ୍ୟ ସେମାନେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ କେନ୍ଦ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମୁଖ୍ୟମାନେ ସେମାନଙ୍କ ମତ ଉପସ୍ଥାପନ କରି ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ ଏବଂ ସହଯୋଗକୁ ଆହୁରି ଆଗକୁ ବଢ଼ାଇବା ଲାଗି ସେମାନେ ଆଗ୍ରହୀ ଥିବା ପ୍ରକାଶ କରିଥିଲେ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ ଏହି ଅବସରରେ 'ବର୍ଜ୍ୟରୁ ସମ୍ପଦ ସୃଷ୍ଟି' ପାଇଁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପ ସମ୍ପର୍କରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ସେ କହିଥିଲେ ଯେ, ଇସ୍ପାତ ଉତ୍ପାଦନରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ବ୍ୟବହାର ପାଇଁ ରହିଥିବା ସୁଯୋଗକୁ ସନ୍ଧାନ କରିବା ଲାଗି ବିଭିନ୍ନ କମ୍ପାନୀ ଗବେଷଣା କରୁଛନ୍ତି । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ପ୍ରଭାବୀ ଥଇଥାନ ଏବଂ ପୁନର୍ବାସ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ଯେଉଁ କମ୍ପାନୀମାନେ ସକାରାତ୍ମକ ଭାବେ ସାମାଜିକ ପୁଞ୍ଜିର ଲାଭ ଉଠାଇବାକୁ ସକ୍ଷମ ଏବଂ ସ୍ଥାନୀୟ ଲୋକଙ୍କ କଲ୍ୟାଣ ପାଇଁ ସର୍ବଦା ପ୍ରସ୍ତୁତ ରହିଥାନ୍ତି ସେମାନେ ଦୀର୍ଘକାଳୀନ ଭିତ୍ତିରେ ଅଧିକ ଲାଭ ପାଇଥାନ୍ତି । ଅନୁରୂପ ଭାବେ, ଏହି କ୍ଷେତ୍ରରେ ସମସ୍ତ ଅଂଶୀଦାରମାନଙ୍କୁ ସମାନ ସୁବିଧାସୁଯୋଗ ମିଳିପାରିଲେ ଭାରତ ଏହି କ୍ଷେତ୍ରରେ ଆଗକୁ ବଢ଼ିପାରିବ ବୋଲି ସେ କହିଥିଲେ । ଏହି ଲକ୍ଷ୍ୟ ଦିଗରେ ଅଗ୍ରସର ହେବାକୁ ହେଲେ ଦ୍ୱିତୀୟକ ଇସ୍ପାତ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ଏକ ନୀତିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ସମ୍ମିଳନୀରେ ପ୍ରାୟ ୫ ଘଣ୍ଟା ଧରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସମସ୍ତ ପକ୍ଷ ସେମାନଙ୍କର ମତାମତ ଦେଇଥିଲେ ଏବଂ ଆଲୋଚନାରେ ଉପସ୍ଥାପନ ହୋଇଥିବା ବିଷୟବସ୍ତୁ ପ୍ରତି ଧ୍ୟାନ ଦିଆଯିବା ତଥା ସମସ୍ୟାର ଆବଶ୍ୟକ ସମାଧାନ ଉପରେ ସେମାନେ ଜୋର ଦେଇଥିଲେ । ଏହି ଆଲୋଚନାକୁ କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଫଗନ ସିଂ କୁଲସ୍ତେ ସ୍ୱାଗତ କରିଥିଲେ । ଆଲୋଚନା ଅବସରରେ ମଧ୍ୟପ୍ରଦେଶ ସରକାରଙ୍କ ଶିଳ୍ପ ଏବଂ ନିବେଶ ପ୍ରୋତ୍ସାହନ ମନ୍ତ୍ରୀ ରାଜବର୍ଦ୍ଧନ ସିଂ ତାଙ୍କ ସରକାର ନିବେଶ ପାଇଁ ଯୋଗାଇ ଦେଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମାର୍ଚ୍ଚ ୨୪ରେ ପୌର ନିର୍ବାଚନ....

ପ୍ରଚାରରେ ଖର୍ଚ୍ଚ କରିପାରିବେ । ସେହିପରି ୩ଟି ମହାନଗର ନିଗମରେ କର୍ପୋରେଟରମାନେ ୨ଲକ୍ଷ ଟଙ୍କା ଓ ମେୟର ସର୍ବାଧିକ ୧୨ଲକ୍ଷ ଟଙ୍କା ଖର୍ଚ୍ଚ କରିବେ । ଏହାସହିତ କାଉନସିଲ/କର୍ପୋରେଟରମାନେ ସର୍ବାଧିକ ୨ଟି ଗାଡ଼ି ଓ ଅଧ୍ୟକ୍ଷ ପ୍ରାର୍ଥୀ ୪ଟି ଗାଡ଼ି, ମେୟର ପ୍ରାର୍ଥୀ ୬ଟି ଗାଡ଼ି ଓ ରାଜନୀତିକ ଦଳଗୁଡ଼ିକ ୨ଟି ଗାଡ଼ି ପ୍ରଚାରରେ ଉପଯୋଗ କରିପାରିବେ । ସେହିପରି ପ୍ରତ୍ୟେକ ପ୍ରାର୍ଥୀଙ୍କୁ ୨ଟି ଲେଖାଏଁ ସତ୍ୟପାଠ ଦେବାକୁ ପଡ଼ିବ । ଗୋଟିଏ ସତ୍ୟପାଠରେ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା, ଅପରାଧିକ କାର୍ଯ୍ୟକଳାପ ଓ ସମ୍ପତ୍ତି ବିବରଣୀ ଏବଂ ଅନ୍ୟ ସତ୍ୟପାଠରେ ପ୍ରାର୍ଥୀଙ୍କର ଜଣେ ଜୀବିତ ପତ୍ନୀ ଥିବା ଓ ସନ୍ତାନ ସଂଖ୍ୟା ୨ରୁ ଅଧିକ ହୋଇନଥିବ ବୋଲି ଜଣାଇବେ । ସେହିପରି ରାଜନୀତିକ ଦଳଗୁଡ଼ିକ ପୌରାଂଚଳ ଓ ଏନଏସିରେ ନିଜର ପ୍ରତିନିଧି ନିମନ୍ତେ ଫର୍ମ ୯ରେ ଓ ମହାନଗର ପାଇଁ ଫର୍ମ ୧୨ରେ ନିଜର ପ୍ରତିନିଧିଙ୍କ ନାଁ ୭ତାରିଖ ଅପରାହ୍ନ ସାଢ଼େ ୫ଟା ସୁଦ୍ଧା ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରିବେ । ସେହିପରି ଅନ୍ୟ ୨ଟି ଫର୍ମରେ ରାଜନୀତିକ ଦଳଗୁଡ଼ିକ ପୌରାଂଚଳ ଓ ଏନଏସି ନିମନ୍ତେ ଦଳୀୟ ପ୍ରାର୍ଥୀ ତାଲିକା ଏବଂ ମହାନଗରର ପ୍ରାର୍ଥୀ ତାଲିକା ମଧ୍ୟ ୬ ତାରିଖ ସନ୍ଧ୍ୟା ସୁଦ୍ଧା ଦାଖଲ କରିବେ । ହାଇକୋର୍ଟରେ ମାମଲା ଥିବାରୁ ପୁରୀ ପୌର ପରିଷଦରେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି । ଚଳିତଥର ପ୍ରଥମଥର ପାଇଁ ନବଗଠିତ ଚାନ୍ଦବାଲି, ଧାମନଗର, ବିଜେପୁର ଓ ରେମୁଣା ଏନଏସିରେ ନିର୍ବାଚନ କରାଯିବ । ୩ଟି ମହାନଗର ନିଗମରେ ମୋଟ ୧୪.୨୬ଲକ୍ଷ ଭୋଟର ଏବଂ ବାକି ୧୦୬ଟି ପୌରାଂଚଳରେ ପ୍ରାୟ ୨୭ଲକ୍ଷ ଭୋଟର ରହିଛନ୍ତି । ୧୦୬ଟି ପୌରାଂଚଳରେ ମୋଟ୍ ୩୦୩୦ଟି ବୁଥ୍ ଓ ୩ଟି ମହାନଗର ନିଗମରେ ୧୪୦୭ଟି ବୁଥ୍ ରହିଛି । ୩ଟି ମହାନଗର ନିଗମରେ ମୋଟ ୧୬୮ଟି ୱାର୍ଡ ଓ ୧୦୬ଟି ପୌରାଂଚଳରେ ୧୭୩୧ଟି ୱାର୍ଡରେ ଭୋଟ ଗ୍ରହଣ ହେବ ।

# ୟୁକ୍ରେନ୍‌ରୁ ଓଡିଆଙ୍କୁ ଫେରାଇ ଆଣିବାକୁ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ଋଷ-ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରି ରହିଛି । ୟୁକ୍ରେନରେ ଫସିଥିବା ଓଡ଼ିଆ ଛାତ୍ରଛାତ୍ରୀ ଓ ଶ୍ରମିକମାନଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଘୋଷଣା କରିଛନ୍ତି । ଓଡିଶାର ନାଗରିକମାନଙ୍କୁ ୟୁକ୍ରେନ୍ ରୁ ସୁରକ୍ଷିତ ଫେରାଇ ଆଣିବାକୁସମନ୍ୱୟ ରକ୍ଷା ଲାଗି ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପି.କେ ଜେନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଦିଲ୍ଲୀରେ ଅବସ୍ଥାପିତ ଆବସିକ କମିଶନର ଏହି ମାମଲାରେ କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗରେ ରହିବେ । ସେହିପରି ୟୁକ୍ରେନର ଛାତ୍ର ଓ ଶ୍ରମିକମାନଙ୍କ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବା ଏବଂ ଏହି ସଙ୍କଟ ସମୟରେ ସେମାନଙ୍କ ପରିବାର ସଦସ୍ୟଙ୍କ ସହିତ ପ୍ରଭାବଶାଳୀ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘୋଷଣା ପୂର୍ବରୁ ମୁଖ୍ୟମନ୍ତ୍ରୀ ଆଜି ଏହି ପ୍ରସଙ୍ଗରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ କଥା ହୋଇଥିଲେ । ଛାତ୍ର ଓ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଗୃହମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁରୋଧ ପରେ ଗୃହମନ୍ତ୍ରୀ ଅମିତ ଶାହା ମୁଖ୍ୟମନ୍ତ୍ରୀଙ୍କୁ ଆଶ୍ୱାସନା ଦେଇଛନ୍ତି । ସେ କହିଛନ୍ତି କି ଭାରତ ସରକାର ୟୁକ୍ରେନ ସରକାରଙ୍କ ସହ ଯୋଗଯୋଗରେ ରହିଛନ୍ତି ଏବଂ ଶୀଘ୍ର ୟୁକ୍ରେନରୁ ଛାତ୍ର ଓ ଶ୍ରମିକଙ୍କୁ ଫେରାଇ ଆଣିବା ପାଇଁ କାର୍ଯ୍ୟ କରୁଛନ୍ତି । ଗତକାଲି ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଯୁଦ୍ଧ ନେଇ ଘୋଷଣା କରିବା ପରେ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରିଛି ଋଷ । ତିନିପଟୁ ୟୁକ୍ରେନକୁ ଘେରି ଆକ୍ରମଣ କରୁଛି ଋଷ । ୟୁକ୍ରେନ ରାଜଧାନୀ କିଭ୍ ସହ ବିଭିନ୍ନ ସହରରେ ବାଲାଷ୍ଟିକ୍ ଓ କ୍ରୁଜ୍ ମିଜାଇଲାରେ ଆକ୍ରମଣ କରୁଛି ଋଷ । ୟୁକ୍ରେନରେ ଯୁଦ୍ଧ ଫଳରେ ସେଠାରେ ୧୬ ହଜାର ଭାରତୀୟ ନାଗରିକ ଫସି ରହିଛନ୍ତି । ୟୁକ୍ରେନରେ ବହୁ ଓଡ଼ିଆ ଛାତ୍ରଛାତ୍ରୀ ଓ ଶ୍ରମିକ ମଧ୍ୟ ଏବେ ଫସି କରି ରହିଛନ୍ତି ।

# ଗୋଟିଏ ଦିନରେ ୩୪୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୪୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୪୩୨୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୧୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୧୮୪୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୩୭୫ ରହିଛି । ଆଜି ଚିହ୍ନଟ ହୋଇଥିବା ୩୪୫ ଜଣଙ୍କ ମଧ୍ୟରୁ ୨୦୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଯାଜପୁର ସବୁଠାରୁ ଅଧିକ ୫୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୩୨ , ବାଲେଶ୍ୱର ଜିଲ୍ଲାରୁ ୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩ , କଟକରୁ ୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨୭, ଗଂଜାମ ଜିଲ୍ଲାରେ ୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨, ଯାଜପୁରରୁ ୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୨, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୪. ଖୋର୍ଦ୍ଧାରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ଆଜି ଆସିବ ୧୧ଟି ଜୋନ୍‌ର ଫଳାଫଳ

ପୁରୀ,୨୫/୦୨ (ନି.ପ୍ର): ଆସନ୍ତାକାଲି ଠାରୁ ୨୮ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ଭୋଟ୍ ଗଣତି ହେବ । ସକାଳ ୮ଟା ଠାରୁ ଭୋଟ୍ ଗଣତି ପ୍ରକ୍ରିୟା ଆରମ୍ଭ ହେବ । ଏଥିପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ସାଙ୍ଗକୁ କଡ଼ାସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ୨୬ ତାରିଖଦିନ ୧,୩, ୬, ୯, ୧୧, ୧୫,୧୮,୨୨,୨୫,୨୮ଓ ୩୧ନମ୍ବର ପ୍ରଭୃତି ୧୧ଟି ଜୋନ୍‌ର ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ସମେତ ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ ଓ ୱାର୍ଡ଼ ସଭ୍ୟସଭ୍ୟାଙ୍କ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ।୨୭ରେ ୨,୪,୭,୧୦, ୧୨,୧୬, ୧୯,୨୩, ୨୬, ୨୯ ଓ ୩୨ନମ୍ବର ପ୍ରଭୃତି ୧୧ଟି ଜୋନ୍‌ର ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ସମେତ ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ ଓ ୱାର୍ଡ଼ ସଭ୍ୟସଭ୍ୟାଙ୍କ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ । ସେହିପରି୨୮ତାରିଖ ଦିନ ୫, ୮, ୧୩, ୧୪, ୧୭, ୨୦, ୨୧, ୨୪, ୨୭, ୩୦ ଓ ୩୩ ନମ୍ବର ପ୍ରଭୃତି ୧୧ଟି ଜୋନ୍‌ର ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ସମେତ ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ ଓ ୱାର୍ଡ଼ ସଭ୍ୟସଭ୍ୟାଙ୍କ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ ।

# ଉପରଦୁମୁକାରେ ମାତୃପିତୃ ପୂଜନ



ଧାମନଗର,୨୪/୦୨ (ନି.ପ୍ର): ଧାମନଗର ନିର୍ବାଚନ ମଣ୍ଡଳୀ ତିହିଡି ବ୍ଲକ ଉପରଦୁମୁକା ଠାରେ ଶ୍ରୀ ଯୋଗବେଦାନ୍ତ ସେବା ସମିତି ପକ୍ଷରୁ ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସନ୍ଥ ଶ୍ରୀ ଅଶାରାମ ଜୀ ବାପୁ ଅନୁପ୍ରାଣିତ ଭୁବନେଶ୍ୱର ସମିତିର ସାଧକ ଭାଇ ମାନେ ଯୋଗଦେଇ ମାତୃପିତୃ ପୂଜନ ଉତ୍ସବ ସମ୍ପର୍କରେ ମତ ଦେଇଥିଲେ । ବିଶେଷ କରି ଫେବ୍ରୁଆରୀ ୧୪କୁ ସମସ୍ତେ ମା, ବାପାଙ୍କ ପୂଜା ଉତ୍ସବ ଭାବେ ପାଳନ କରିବାକୁ ଉପସ୍ଥିତ ଗ୍ରାମବାସୀଙ୍କୁ ସମିତି ପକ୍ଷରୁ ସୂଚନା ଦିଆଯାଇଥିଲା । ଗ୍ରାମର ପ୍ରଶାସନିକ ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଉତ୍ସବରେ ଶିକ୍ଷାବିତ ଦୈତାରୀ ପଣ୍ଡା, ଅଧ୍ୟାପକ ତପନ କୁମାର ଓଝା, ସାମାଜିକ କର୍ମୀ ସୁଶାନ୍ତ ପଣ୍ଡା, ବେଣୁଧର ମହାପାତ୍ର, ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା, ମନୋରଞ୍ଜନ ମହାନ୍ତି, ପ୍ରଦୀପ ବାରିକ, ଭଦ୍ରକ ସମିତି ପକ୍ଷରୁ ଜିତେନ୍ଦ୍ର ନାୟକ, ସୁକାନ୍ତ କୁମାର ନାୟକ, ଅଶୋକ କୁମାର ମିଶ୍ର, ଚନ୍ଦନ ଦାସ, ଅମରିଷ ମହାନ୍ତି, ବାଲେଶ୍ୱର ସମିତି ପକ୍ଷରୁ ସୁଧାକର ନାୟକ, ହୃଦାନନ୍ଦ ସାହୁ, ନିରଞ୍ଜନ ବେହେରା, ଜୟନ୍ତ ମଣ୍ଡଳ, ମୁକ୍ତିକାନ୍ତ ମାଝୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଗାଁର ଶତାଧିକ ମାଆ ବାପା ଏଥିରେ ଉପସ୍ଥିତ ଥିବା ବେଳେ ସନ୍ତାନ ମାନେ ବୈଦିକ ବିଧି ଅନୁଯାୟୀ ସେମାନଙ୍କୁ ପୂଜାର୍ଚ୍ଚନା କରିଥିଲେ । କାର୍ଯ୍ୟକ୍ରମକୁ ଆଶାଲତା ବାରିକ, ବୈଲୋଚନ ବାରିକ, ଲଳିତ ଦାସ, କୈଳାସ ଚନ୍ଦ୍ର ରାଉତ, କୁଳମଣି ବାରିକ, ରାଜେନ୍ଦ୍ର ବାରିକ, ମହେନ୍ଦ୍ର ବାରିକ, କପିଳ ବାରିକ, ଜଗନ୍ନାଥ ପରିଡା ପ୍ରମୁଖ ପରିଚାଳନା କରିଥିଲେ ।

## ବଡ ପରାଜୟ ଜାଣିବା ପରେ ବିଜେପି କର୍ମୀ ଅବସାଦଗ୍ରସ୍ତ : ବିଜେଡି

ଭୁବନେଶ୍ୱର, ୨୫/୦୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବଡ ବ୍ୟବଧାନରେ ପରାଜୟ ଜାଣିବାପରେ ଓଡ଼ିଶା ବିଜେପିର କର୍ମୀମାନେ ଗଭୀର ଅବସାଦଗ୍ରସ୍ତ ଓ ହତାଶ ହୋଇଛନ୍ତି । ମନୋବଳ ଭାଙ୍ଗି ଯାଇଥିବା ଏହି କର୍ମକର୍ତାଙ୍କୁ ଉତ୍ସାହିତ କରିବାପାଇଁ ଓଡିଶା ବିଜେପି ସଭାପତି ଉଦ୍ୟମ ଚଳାଇଥିବା କହିଛନ୍ତି ବିଜେଡି ପ୍ରବକ୍ତା ସୁଲତା ଦେଓ । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ପ୍ରବକ୍ତା ଶ୍ରୀମତୀ ଦେଓ କହିଛନ୍ତି ଯେ ଓଡିଶା ବିଜେପି ସଭାପତିଙ୍କର ଆଜିର ସାମ୍ବାଦିକ ସମ୍ମିଳନୀ ହତାଶ ହୋଇ ପଡିଥିବା ବିଜେପି କର୍ମୀଙ୍କୁ କୌଣସି ପ୍ରକାରେ ଉତ୍ସାହିତ କରିବା ପାଇଁ ଏକ ପ୍ରୟାସ ଥିଲା । ତେବେ ସେ ତାହା କରିବାରେ ବିଫଳ ହୋଇଛନ୍ତି । ଓଡ଼ିଶାର ଲୋକ ଏକ ସ୍ୱରରେ ଓଡ଼ିଶା ବିଜେପିକୁ ପଞ୍ଚାୟତ ନିର୍ବାଚନରେ ପ୍ରତ୍ୟାଖାନ କରିଛନ୍ତି ଏବଂ ଆଗାମୀ ପୌର ନିର୍ବାଚନରେ ମଧ୍ୟ ଓଡିଶା ବିଜେପିକୁ ପରାସ୍ତ ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀମତୀ ଦେଓ କହିଛନ୍ତି ।

# ରୋଟାରୀ ଇଣ୍ଟରନେସନାଲର ୧୧୭ତମ ଜୟନ୍ତୀ ପାଳିତ

ଜଳେଶ୍ୱର, ୨୫/୨(ନି.ପ୍ର): ରୋଟାରୀ ଇଣ୍ଟରନେସନାଲର ୧୧୭ତମ ଜୟନ୍ତୀ ଅବସରରେ ଆଜି ଇନର ହୁଇଲ୍ ପକ୍ଷରୁ ପାଳିତ ହୋଇ ଯାଇଛି । ଛାତ୍ରୀମାନଙ୍କ ମଧ୍ୟରେ ଋତୁସ୍ରାବ ଜନୀତ ଅନ୍ଧବିଶ୍ୱାସ ଓ ନିରାକରଣ ସମ୍ପର୍କୀୟ ସଚେତନତା ଶିବିର ଜଗନ୍ନାଥ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ରୋଟାରୀ କ୍ଲବ ସଭାପତି ରାଜେଶ ଖଟୁଆ ପରିଚାଳନା କରିଥିଲେ । ୧୫୦ରୁ ଉର୍ଦ୍ଧ୍ୱ ବାଳିକାଙ୍କୁ ରୋଟାରିଆନ୍ ଡା. ଦିପ୍ତୀମୟୀ ମହାପାତ୍ର ଓ ଡା. ପରିମାଳା ମହାନ୍ତି ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ସମ୍ପାଦକ ମଣିଭଦ୍ର ଜେନା, ପୂର୍ବତନ ସଭାପତି ସୁବ୍ରତ କୁମାର ରଣା, ନନ୍ଦନ ଦତ୍ତ, ଇନରହୁଇଲ୍ ପୂର୍ବତନ ସଭାପତି ରାଜେଶ୍ୱରୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ କନ୍ୟାମାନେ ସମାଜ ଗଠନର ଗୁରୁ ଦାୟିତ୍ୱ ବହନ କରୁଥିବାରୁ ସେମାନେ ଶିକ୍ଷିତା ଓ ସ୍ୱାସ୍ଥ୍ୟବତୀ ହେବା ଉଚିତ ବୋଲି କହିଥିଲେ । ରୋଟ୍ରାକ୍ଟ, ଇନରହୁଇଲ୍ ଓ ରୋଟାରୀ କ୍ଲବର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ । ସଂଧ୍ୟାରେ ରୋଟାରୀ ୩୨୬୨ର ସହକାରୀ ଗଭର୍ଣ୍ଣର ଦେବେନ୍ଦ୍ର କୁମାର ଧଳ ଓ ବିଷ୍ଣୁଦାସ କୁଣ୍ଡୁ ଉପସ୍ଥିତ ହୋଇ ଆଗାମୀ ଦିନରେ ଜନହିତକର କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ ।

# ଭୀମପୁରା ସରପଞ୍ଚ ପ୍ରାର୍ଥୀନୀ ରୀତାଞ୍ଜଳି ପଲାଇ ଓ ସମିତି ସଭ୍ୟ ଭଗବାନ ସାହୁଙ୍କର ଅଭିନବ ପ୍ରଚାର



ବାଲେଶ୍ୱର, ୨୫/୦୨ (ନି.ପ୍ର): ଓଡ଼ିଶାରେ ତ୍ରିସ୍ତରୀୟ ନିର୍ବାଚନ ପାଇଁ ଜୋରସୋରରେ ଚାଲିଥିବା ବେଳେ ବହୁ ପ୍ରାର୍ଥୀ ଅଭିନବ ଶୈଳୀରେ ପ୍ରଚାର କରି ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି । ବାଲେଶ୍ୱର ରେମୁଣା ନିର୍ବାଚନ ମଣ୍ଡଳୀର ଭୀମପୁରା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀନୀ ରୀତାଞ୍ଜଳି ପଲାଇ ଓ ସମିତି ସଭ୍ୟ ପ୍ରାର୍ଥୀ ଭଗବାନ ସାହୁ ଅଭିନବ ଶୈଳୀରେ ଭୋଟରଙ୍କୁ ଆକୃଷ୍ଟ କରି ନିଜ ସପକ୍ଷରେ ଭୋଟ ଦେବା ପାଇଁ ନିବେଦନ କରୁଛନ୍ତି । ପ୍ରାର୍ଥୀନୀ ଶ୍ରୀମତୀ ପଲାଇ ସୁସଜ୍ଜିତ ଏକ ରିକ୍ସାରେ ବସି ବାଲେଶ୍ୱରର ଲୋକକଳା ଜଉକଣ୍ଢେଇର ତିଆରି କରିବାର କୌଶଳ ଓ ପ୍ରଣାଳୀକୁ ସହଜ ସୁନ୍ଦର ଭାବରେ କରି ଦେଖାଉଛନ୍ତି ପଞ୍ଚାୟତର ଛକ ଛକରେ । କଳା ସଂସ୍କୃତିକୁ ବଞ୍ଚି ରଖିବା ସହ ବିକାଶ ପାଇଁ ଅଣ୍ଟା ଭିଡ଼ିବା ସହ ଗାଁର ମହିଳା ମାନଙ୍କ ସଶକ୍ତିକରଣ ପାଇଁ ପ୍ରୟାସ କରିବେ ବୋଲି ଗାଁର ମହିଳା ମାନଙ୍କୁ ବୁଝାଉଥିଲେ । ପ୍ରାର୍ଥୀ ଓ ପ୍ରାର୍ଥୀନୀ ସହ ଭୀମପୁରାର ଜଉକଣ୍ଢେଇ ଶିଳ୍ପୀ କେଶୁଦାସ, ଶିଳ୍ପୀ କନକ ଲତା ଦାସ ଏବଂ ଲତିଫା ବେଗମ୍, ସୁକାନ୍ତି ସାହୁ, କବିତା ଦେ, ସୁମତି ସିଂ, ଅନୀତା ସିଂ ପ୍ରମୁଖ ବହୁ ଜଉକଣ୍ଢେଇ ଶିଳ୍ପୀ ପ୍ରାର୍ଥୀ ମାନଙ୍କ ପାଇଁ ପ୍ରଚାର କରିଥିଲେ । ଏହି ଅଭିନବ ପ୍ରଚାର ପାଇଁ ପ୍ରତି ଛକରେ ବହୁ ମହିଳା ଆକୃଷ୍ଟ ହୋଇ ଆଗ୍ରହ ସହ ପ୍ରାର୍ଥୀନୀ କଥା ଶୁଣୁଥିଲେ । ଅପରାହ୍ନ ୩ ଟାରେ ଭୀମପୁରାର ମହାଦେବ ମନ୍ଦିର ଛକରୁ ଆରମ୍ଭ ହୋଇ ହନୁମାନ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, କ୍ଲବ ଘର, ମଡାଗଡିଆ, ପୋଖରୀସାହି ଇତ୍ୟାଦି ପ୍ରମୁଖ ଛକରେ ଜଉକଣ୍ଢେଇ କର୍ମଶାଳା ମାଧ୍ୟମରେ ପ୍ରଚାର ଜୋର ଧରିଛି । ଏମାନଙ୍କ ସହ ପ୍ରାର୍ଥୀନୀଙ୍କ ବହୁ ପ୍ରଶଂସକ ଓ କର୍ମକର୍ତ୍ତା ଜୟକୃଷ୍ଣ ସାହୁ, ଚନ୍ଦନ ଆଚାର୍ଯ୍ୟ, ସମସ୍ତ ଉଆର୍ଡ ମେମ୍ବର ସହ ଗଣେଶ ଚନ୍ଦ୍ର ବେହେରା, ବିଜୟ ପଲେଇ, ଚନ୍ଦ୍ରଶେଖର ଦାସ, ଲୋକନାଥ ସେନାପତି, ଅମ୍ଳାନ ଆର୍ଯ୍ୟ ରାଜସିଂ, ସୁଶାନ୍ତ ସେନାପତି, ପ୍ରଶାନ୍ତ ସିଂ ଓ ୩୯ ଜୋନର ଜିଲ୍ଲା ପରିଷଦ ପ୍ରାର୍ଥୀନୀ ଶୋଭନା ମହାନ୍ତି ଯୋଗ ଦେଇଥିଲେ ।

# ସୂଚନା ଅଧିକାର ସମ୍ବନ୍ଧୀୟ ପ୍ରଶିକ୍ଷଣ କର୍ମଶାଳା



ବାରିପଦା, ୨୫/୦୨ (ନି.ପ୍ର): ସୂଚନା ଅଧିକାର କର୍ମୀଙ୍କୁ ନେଇ ବାରିପଦା ଠାରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ଭବନ ଠାରେ ଓଡିଶା ସୂଚନା ଅଧିକାର ଅଭିଯାନ, ମୟୁରଭଞ୍ଜ ଶାଖାର ପୂର୍ବତନ ଆବାହକ ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ମୋରୋଡା ବ୍ଲକର ଦାନ୍ତିଆମୁହାଁ, ଭାଲିଆଡିହା, କୋହି, ଘୋଳମୁହାଁ, ଦୁର୍ଗାପୁର ଆଦି ପଂଚାୟତରୁ ଏବଂ ବାରିପଦା ବ୍ଲକର ଚନ୍ଦନପୁର , ବାଙ୍ଗିରିପୋଷି ବ୍ଲକର ନାଫ୍ରୀ ପଂଚାୟତରୁ ୧୧ଜଣମହିଳା ସମେତ ୩୫ଜଣ ସୂଚନା ଅଧୀକାର ପ୍ରେମୀ ଯୋଗ ଦେଇଥିଲେ । ପ୍ରଥମ ଅଧିବେଶନରେ ସୂଚନା ଅଧୀକାର ଆଇନ-୨୦୦୫ର ଆବଶ୍ୟକତା ଓ ଏହାର ସମସ୍ତ ଧାରା ଉପରେ ସମସ୍ତଙ୍କୁ ଅବଗତ କାରିବା ସହ ସୂଚନା ଅଧିକାର ଆଇନକୁ ଉଲଂଘନ କରୁଥିବା ବିଭିନ୍ନ କର୍ମଚାରୀ ଓ ସଂସ୍ଥା କିପରି ସୁଚନା ଆୟୋଗଙ୍କ ଦ୍ୱାରା କେନ୍ଦ୍ର ଓ ରାଜ୍ୟ ସ୍ତରରେ ଦଣ୍ଡିତ ହୋଇଛନ୍ତି ସେ ସବୁର ଉଦାହରଣ ଦେଇ ଜନସାଧାରଣ ସୁଚନା ଅଧିକାର ଆଇନକୁ ବହୁଳ ଭାବରେ ବ୍ୟବହାର କଲେ ନିଜେ ନିଜର ସରକାରୀ ସୁବିଧା ହାସଲ କରିବା ସହିତ ବିଭିନ୍ନ କାର୍ଯ୍ୟାଳୟରେ ହେଉଥିବା ଦୁର୍ନିତିକୁ ପ୍ରତିହତ କରିହେବା ସହିତ ସରକାରଙ୍କ ଲୋକାଭିମୁଖୀ, ଜନହିତକାରୀ ଯୋଜନାର ସୁଫଳ ସମାଜର ତଳ ସ୍ତରରେ ଥିବା ସାଧାରଣ ଜନତା ପାଖକୁ ପହଂଚି ପାରିବ ବୋଲି କୁହାଯାଇଥିଲା । ୨୦୦୫ ମସିହାଠାରୁ ଅଦ୍ୟାବଧୀ ଓଡିଶା ସୂଚନା ଅଧୀକାର ଅଭିଯାନର କର୍ମୀମାନେ ଲୋକଲୋଚନକୁ ଆଣିଥିବା ଦୁର୍ନୀତି ସମୁହର ତଥ୍ୟକୁ ଓଡିଶାର ପୁରପଲ୍ଲୀକୁ ପହଂଚାଇବା ପାଇଁ ତଥା ସୁଚନା ଅଧିକାର ଆଇନ ସହିତ ଲୋକଙ୍କୁ ଅବଗତ କରାଇବା ଏବଂ ଏହାରସଫଳ ପ୍ରୟୋଗ ସମ୍ବନ୍ଧରେ ଜଣାଇବା ପାଇଁ ଓଡିଶା ସୂଚନା ଅଧିକାର ଅଭିଯାନ,(ଓସା) ପ୍ରକାଶ କରୁଥିବା ପତ୍ରିକା ସୂଚନା ଅଧୀକାରକୁ ଲୋକଙ୍କ ନିକଟରେ ପହଂଚାଇବା ପାଇଁ ଶ୍ରୀ ମହାନ୍ତି ନିବେଦନ କରିଥିଲେ । ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ଚକ୍ରଧର ସାହୁ ଉପସ୍ଥିତ ସୂଚନା ଅଧୀକାର ପ୍ରେମୀଙ୍କୁ ସୁଚନା ମାଗିବା ପାଇଁ ଓଡିଶା ସୂଚନାଅଧୀକାର ଆଇନ-୨୦୦୫ ରଧାରା ୪(୧) ଉପଧାରା ୬(୧)ଅନୁଯାୟୀ ଆବେଦନ ଫର୍ମ (କ) କିପରି ପୂରଣ କରାଯିବ ସେ ବିଷୟରେ ସମସ୍ତଙ୍କୁ ଅବଗତକରିଥିଲେ । ଦ୍ୱିତୀୟ ଅଧିବେଶନରେ ସରକାରୀ ସ୍ତରରେ ଅବହେଳିତ ହୋଇଥିବା ବିଭିନ୍ନ ବ୍ୟକ୍ତିଙ୍କର ସମସ୍ୟା ଶୁଣି ସେମାନଙ୍କର ସମସ୍ୟାର ସମାଧାନ ପାଇଁ କିପରି ସୂଚନା ଅଧୀକାର ଆଇନ ରେ ସୂଚନା ମଗାଯିବ ସେ ବିଷୟରେ ପଦକ୍ଷେପ ନିଆ ଯାଇଥିଲା । ଏହି ଅବସରରେ ୫ଜଣ ମହିଳା ସମେତ ମୋଟ ୧୪ଜଣ ଓଡିଶା ସୂଚନା ଅଧିକାର ଅଭିଯାନ, ମୟୂରଭଞ୍ଜ ଶାଖାର ସଦସ୍ୟତା ଗ୍ରହଣ କରିଥିଲେ । ଏହି କର୍ମଶାଳାରେ ଅନ୍ୟ ମାନଙ୍କ ମଧ୍ୟରେ ମହେଶ୍ୱର ମହାନ୍ତି, ଦୟାନିଧି ମହାନ୍ତ, ଆଶିଶ ବସା, ଗୋପାଳ ସାହୁ, ମଦନମୋହାନ ବିନ୍ଧାଣୀ, ତପନ ମହାନ୍ତ, ଗୋବିନ୍ଦ ଟିପିରିଆ, ମୁନସି ହେମ୍ବ୍ରମ, ବିବେକାନନ୍ଦ ଧଳ ପ୍ରମୁଖ ବହୁ ସୂଚନା କର୍ମୀ ଯୋଗ ଦେଇଥିଲେ । ଏହି କର୍ମଶାଳାକୁ ମହେଶ୍ୱର ମହାନ୍ତି ପରିଚାଳନା କରିଥିବା ବେଳେ, ଆଶିଶ ବସା ସହୋଯୋଗ କରିଥିଲେ । କୋଭିଡ କଟକଣା ହଟିଲେ ସବୁ ବ୍ଲକରେ ଏହିପରି କର୍ମଶାଳାର ଆୟୋଜନ କରାଯିବ ବୋଲି ଓଡିଶା ସୂଚନା ଅଧିକାର ଅଭିଯାନ,ମୟୂରଭଞ୍ଜ ଶାଖାର ପୂର୍ବତନ ଆବାହକ ସନ୍ତୋଷ ମହାନ୍ତି ଜଣାଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି



# କାୟାକଳ୍ପ ସ୍ୱଚ୍ଛତା ମୂଲ୍ୟାଙ୍କନ ପାଇଁ ମୁଖ୍ୟ ଚିକିତ୍ସାଳୟରେ ସଚେତନତା

ବାଲେଶ୍ୱର,୨୫/୦୨ (ନି.ପ୍ର): ରାଜ୍ୟ ସରକାରଙ୍କ କାୟାକଳ୍ପ ସ୍ୱଚ୍ଛତା ଓ ପରିମଳ ମୂଲ୍ୟାଙ୍କନରେ ଭଲ ପ୍ରଦର୍ଶନ ପାଇଁ ଫକୀରମୋହନ ଭେଷଜ ମହାବିଦ୍ୟାଳ ଏବଂ ହସପିଟାଲ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ସଚେନତନା କାର୍ଯ୍ୟକମରେ ଭେଷଜ ମହାବିଦ୍ୟାଳୟ କଲେଜ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ ଓ ଜିଲାମୁଖ୍ୟ ଚିକିତ୍ସାଳୟର ଅଧିକାରୀ ତଥା କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଉଦଘାଟନ କରିବା ସହ କାୟାକଳ୍ପ ସ୍ୱଚ୍ଛତା ଓ ପରିମଳ ମୂଲ୍ୟାଙ୍କନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷ କରି ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ସ୍ୱଚ୍ଛତା ସାଙ୍ଗକୁ ପରିମଳ ବ୍ୟବସ୍ଥାର ସୁଧାର ଆଣିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଏନେଇ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ସାମୂହିକ ପଦକ୍ଷେପ ନେବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦ୍ଦେବ ଏଥିରେ ଯୋଗଦେଇ କାୟାକଳ୍ପ ସ୍ୱଚ୍ଛତା ପ୍ରକଳ୍ପ କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ପ୍ରତି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ସେବା ଓ ସ୍ୱଚ୍ଛତାର ସୁଧାର ଆସିଥିଲେ ବି ଏହାକୁ ଆହୁରି ଅଧିକ ସ୍ୱଚ୍ଛ ରଖିବା ପାଇଁ ଏହି ସ୍କିମ ବେଶ ସହାୟକ ହେବ ବୋଲି ସେ କହିଥିଲେ। ଫକୀର ମୋହନ ଭେଷଜ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରିଣୀ ମନୋରମା ଭୂୟାଁ ଏଥିରେ ଯୋଗଦେଇ କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ଅଭିଯାନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାୟାକଳ୍ପ ସ୍ୱଚ୍ଛତା ସ୍କିମ କାର୍ଯ୍ୟକାରୀ ହେଉଛି ବୋଲି କହିଥିଲେ। ଏହାଦ୍ୱାରା ପ୍ରତିମାସ ଅତିକମରେ ୧୦ଥର ଡାକ୍ତରଖାନା ପରିସରକୁ ବିଶୋଧନ ପାଇଁ ଉଦ୍ୟମ କରାଯିବ ବୋଲି ଶ୍ରୀମତୀ ଭୂୟାଁ ସୂଚନା ଦେଇଥିଲେ। ଡାକ୍ତରଖାନା ପରିସରକୁ ସ୍ୱଚ୍ଛ ରଖିବା ଓ ପରିମାଳ ବ୍ୟବସ୍ଥାର ସୁଧାର ପାଇଁ ଏହି ଅବସରରେ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଉପସ୍ଥିତ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ଶପଥ ପାଠ କରାଇଥିଲେ।

# ଦାଦାଗିରିରେ ଅନୁଭବଙ୍କ ସହ 'ଦିବ୍ୟଦୃଷ୍ଟି'ର କଳାକାର




ଭୁବନେଶ୍ୱର,୨୫/୦୨ (ନି.ପ୍ର): ଏବେ ଓଡ଼ିଶାରେ ଜି-ସାର୍ଥକ ଚ୍ୟାନେଲ୍‌ରେ ଚାଲିଥିବା 'ଦାଦାଗିରି' ସୋ'କୁ ଦେଖିବାପାଇଁ ଦର୍ଶକ ମହଲରେ ଅଜସ୍ର ଉତ୍କଣ୍ଠା ଦେଖାଦେଇଛି। ଏଥର ଦାଦାଗିରି'ରେ 'ଦିବ୍ୟଦୃଷ୍ଟି' ମେଗା ଧାରାବାହିକ ର ମୁଖ୍ୟ କଳାକାର ଦିବ୍ୟ, ଦୃଷ୍ଟି, ଜସ୍ମୀନ୍ ଓ ସୁନନ୍ଦା ପ୍ରମୁଖ ଭାଗନେଇ ନାଚ ଗୀତ ସହ ଅନେକ ମଉଜ ମସ୍ତି ଦେଖି ବାକୁ ଦର୍ଶକମାନେ ଦେଖିପାରିବେ। ପ୍ରଥମେ ମେଗାଷ୍ଟାର ଅନୁଭବଙ୍କୁ ନେଇ ମେଗା ରିଆଲିଟି ସୋ' 'ଦାଦାଗିରି'ର ପରିକଳ୍ପନା କରିଥିଲା ଚ୍ୟାନେଲ୍ ଜି-ସାର୍ଥକ। କିଛିଦିନ ତଳେ ଦର୍ଶକ ଜିସାର୍ଥକ ଚ୍ୟାନେଲରେ ପ୍ରଦର୍ଶିତ ହେଉଥିବା ଲୋକପ୍ରିୟ ଧାରାବାହିକ, 'ଝିଲି' 'ବିଜୟିନି', 'ତୋ ପାଇଁ ମୁଁ ମୋ ପାଇଁ ତୁ'ର ଅଭିନେତା ଓ ଅଭିନେତ୍ରୀଙ୍କୁ ନେଇ ଏହି ସୋ'ର ଏକ ବିଶେଷ ଅଧ୍ୟାୟ ଦେଖିଥିଲେ। କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ଦିପ୍ତୀରେଖା, ଅସୀମା ପଣ୍ଡା, ପ୍ରଜ୍ଞାଙ୍କୁ ନେଇ ବିଶେଷ ଅଧ୍ୟାୟ ହୋଇ ବେଶ୍ ଜନାଦୃତ ହୋଇସାରିଛି। ଏଥି ପୂର୍ବରୁ ବିଗତ ଅଧ୍ୟାୟ ରେ ବିଜୟିନୀ ର ଅଭିନେତ୍ରୀ ଦୀପିକା ତ୍ରିପାଠୀ, ଅଭିନେତା ବିଶ୍ୱଭୂଷଣ, ସାଗର ଓ ବାଦଲ ମଧ୍ୟ ଯୋଗଦେଇ ଅନୁଭବଙ୍କ ସହ ମଜାମସ୍ତି କରିଥିଲେ। ଅନୁଭବଙ୍କ ଏହି ରିଆଲିଟି ସୋ' ସଂଚାଳନା ନେଇ ସାରା ଓଡ଼ିଶାରେ ଚର୍ଚ୍ଚା ଜୋର ଧରିଛି। ଅନେକ ସୁପରହିଟ୍ ଚଳଚ୍ଚିତ୍ର ଦେଇ ଓଡ଼ିଆ ଦର୍ଶକଙ୍କ ହୃଦୟ ଜିଣିଥିବା ଅନୁଭବ 'ଦାଦାଗିରି' ସୋ' ମାଧ୍ୟମରେ ଘରେ ଘରେ ସବୁବର୍ଗର ଲୋକଙ୍କୁ ଭରପୂର ମନୋରଞ୍ଜନ ଦେଇ ଚାଲିଛନ୍ତି। ୩୦ଟି ଜିଲ୍ଲାରୁ ୩୦ ଜଣ ପ୍ରତିଯୋଗୀଙ୍କୁ ନେଇ 'ଦାଦାଗିରି'ର ଏପିସୋଡ୍ ପ୍ରସ୍ତୁତ ହୋଇଥିବା ବେଳେ ଏଥିରେ ଯୋଗ ଦେଉଥିବା ପ୍ରଖ୍ୟାତ ସେଲିବ୍ରିଟିମାନେ ହିଁ 'ଦାଦାଗିରି'ର ଦର୍ଶକାଦୃତି ବୃଦ୍ଧି ପାଇବାର ମୁଖ୍ୟ ଭୂମିକା ନେଉଛନ୍ତି। 'ଦିବ୍ୟଦୃଷ୍ଟି'ର କଳାକାରମାନଙ୍କୁ ନେଇ ପ୍ରସ୍ତୁତ ବିଶେଷ ଅଧ୍ୟାୟ ଆସନ୍ତା ରବିବାର ଫେବୃଆରୀ ୨୭ ରାତି ୯ଟା ରେ ପ୍ରସାରିତ ହେବ ବୋଲି ଜୀସାର୍ଥକ ପକ୍ଷରୁ କୁହାଯାଇଛି।

# ଗୋଲ୍ଡକପ କ୍ରିକେଟ : ୟୁ ଏଣ୍ଡ ମି ଫାଇନାଲକୁ ଉତ୍ତୀର୍ଣ୍ଣ

ବାଲେଶ୍ୱର,୨୫/୦୨ (ନି.ପ୍ର): ବାଲେଶ୍ୱର ସମ୍ରାଟ କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ପରମିଟ ପଡ଼ିଆରେ ଚାଲିଥିବା ବିଜୟ ମହାନ୍ତି ମେମୋରିଆଲ ଗୋଲ୍ଡକପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଜଗତ କ୍ରିକେଟ ଏକାଡେମୀ ଓ ୟୁ ଏଣ୍ଡ ମି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୪୦ ଓଭର ବିଶିଷ୍ଟ ମ୍ୟାଚରେ ଜଗତ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୩୭ ଓଭରରେ ସମସ୍ତ ଉଇକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟକାମ ଭରଦ୍ୱାଜ ସର୍ବାଧିକ ୫୪ରନ୍ ସଂଗ୍ରହ କରିଥିଲା। ଜବାବରେ ୟୁ ଏଣ୍ଡ ମି ୩୯.୧ ଓଭରରେ ୯ ଉଇକେଟ ହରାଇ ୧୯୭ରନ୍ ସଂଗ୍ରହ ସହ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ସରୋଜ ବେହେରା ସର୍ବାଧିକ ୬୨ ରନ ଓ ସୁକାନ୍ତ ମହାନ୍ତି ଅପରାଜିତ ୪୮ ରନ ସଂଗ୍ରହ କରିଥିଲେ। ଜଗତ କ୍ରିକେଟ ଏକାଡେମୀର ପ୍ରଶାନ୍ତ ଗଙ୍ଗୋଇ ଓ କିଶାନ ମନୋହର ମହାନ୍ତି ୩ଟି ଲେଖାଏଁ ଉଇକେଟ ନେଇଥିଲେ। ୟୁ ଏଣ୍ଡ ମିର ଖେଳାଳି ସୁକାନ୍ତ କୁମାର ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଛି। ଦିଲୀପ କୁମାର ଜେନା ଓ ଗିରିଶ ସାହୁ ଆମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥଲେ। ରାହୁଲ ସିଂ ସ୍କୋରର ଓ ନୀଲେଶ କୁମାର ରାଉତ ଅନଲାଇନ ଲାଇଭ ଷ୍ଟ୍ରିମର ଭାବେ ଭାବେ ଦାୟିତ୍ୱ ତୁଲାଇଥିଲେ।

# ଇନରହ୍ୱିଲ କ୍ଲବ ତରଫରୁ ମମତା କାର୍ଯ୍ୟକ୍ରମ




ଉଦଳା, ୨୫/୦୨ (ନି.ପ୍ର): ଇନରହ୍ୱିଲ କ୍ଲବ ତରଫରୁ ଉଦଳା ସହରରେ ଥିବା ଭାରତଜ୍ୟୋତି ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ମମତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିନେ ତାରକା ସୁଇଟି ପଟ୍ଟନାୟକ ଯୋଗ ଦେଇ ତାଙ୍କର ପୁତ୍ର ଶ୍ରେୟାଂଶ ସହିତ କେକ କାଟି ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଯେ ଭିନ୍ନକ୍ଷମ ମାନଙ୍କୁ ସମସ୍ତେ ଆଦର କରିବା ଆବଶ୍ୟକ। ଈଶ୍ୱରଙ୍କ ଅନନ୍ୟ ଅବଦାନ ହେଲେ ଦିବ୍ୟାଙ୍ଗ। ଏଥିରେ ଉପସଭାପତି ମମତା ମହାନ୍ତି, ଏଡ଼ିଟର ପ୍ରମିଳା ପଣ୍ଡା, କୋଷାଧ୍ୟକ୍ଷ ଗିତାଶ୍ରୀ ରାୟ ଜୟନ୍ତି ପଟ୍ଟନାୟକ, ଅରୁପମା ମହାପାତ୍ର, ଉର୍ମିଳା ସେଠୀ ଦିବ୍ୟାଙ୍ଗ ମାନଙ୍କୁ ମାତୃତ୍ୱର ସ୍ନେହ ଦେଇ ତାଙ୍କ ଭିତରେ ଥିବା କଳାକୁ ବିକାଶ କରିପାରିଲେ ତାହାହିଁ ହେବ ଆମ ପାଇଁ ଈଶ୍ୱରଙ୍କ ଆରାଧନା। କାର୍ଯ୍ୟକ୍ରମର ଆରମ୍ଭରେ ସଞ୍ଜୟ ଦାସ ସଂଗୀତ ଗାନ କରିଥିଲେ। ଶେଷରେ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ। ସୁଇଟି ପଟ୍ଟନାୟକଙ୍କ ସହିତ ଇନରହ୍ୱିଲ କ୍ଲବର ସମସ୍ତ ସଦସ୍ୟ ଦିବ୍ୟାଙ୍ଗ ମାନଙ୍କୁ ଖୁଆଇ ଦେବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଦିବ୍ୟାଙ୍ଗ ମାନେ ଅଭିନେତ୍ରୀଙ୍କୁ ନିକଟରେ ପାଇ ଆନନ୍ଦିତ ହୋଇଥିଲେ। ସମସ୍ତଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରାଯାଇଥିଲା। ଆନନ୍ଦମୟ ପରିବେଶ ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଥିଲା। ହିରେନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସ୍ବାଁ, ସର୍ବେଶ୍ୱର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଳେଶ୍ୱର ପୌରାଞ୍ଚଳ : ୧୭ ୱାର୍ଡର ୨୪ ବୁଥ୍‌ରେ ମତଦାନ କରିବେ ୨୦୦୬୬ ଭୋଟର

ଜଳେଶ୍ୱର, ୨୫/୨(ନି.ପ୍ର): ଶେଷରେ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଓଡିଶାର ପୌରପାଳିକାରେ ନିର୍ବାଚନର ବିଗୁଲ ବାଜିଛି। ରାଜ୍ୟର ୪ଟି ନିଗମ, ୧୦୭ଟି ପୌରପାଳିକା ଓ ବିଜ୍ଞାପିତ ଅଂଚଳ ଲାଗି ନିର୍ବାଚନ ତାରିଖ ଘୋଷଣା ହୋଇଛି। ଆସନ୍ତା ମାର୍ଚ୍ଚ୨ରୁ ୭ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ ହେବାକୁ ଥିବାରୁ ଜଳେଶ୍ୱର ମ୍ୟୁନିସିପାଲଟିରେ ତତ୍ପରତା ପ୍ରକାଶ ପାଇଛି। ୯ ତାରିଖରେ ଯାଞ୍ଚ ଓ ୨୪ ତାରିଖରେ ଭୋଟ ଗ୍ରହଣ ଓ ୨୬ ତାରିଖରେ ଗଣତିପରେ ୨୯ତାରିଖରେ ଫଳାଫଳ ପ୍ରକାଶ କରାଯିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘବର୍ଷର ନିରବତାପରେ ପୌରପାଳିକା ଗୁଡିକରେ ନିର୍ବାଚନ ହେବାକୁ ଯାଉଛି। ତେଣୁ ବିଭିନ୍ନ ରାଜନୈତିକ ଦଳ ଗୁଡିକ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ଚଳିତବର୍ଷ ପ୍ରଥମଥର ଲାଗି ଅଧ୍ୟକ୍ଷ ପଦବି ନିମନ୍ତେ ସିଧାସଳଖ ନିର୍ବାଚନ ହେଉଥିବାରୁ ଆଶାୟୀଙ୍କ ସଂଖ୍ୟା ଲମ୍ବି ଲମ୍ବି ଚାଲିଛି। ନୂତନ ଭୋଟର ଯୋଗ ହୋଇ ପାରିନଥିବା ବେଳେ ଜଳେଶ୍ୱର ପୌରପାଳିକାର ୧୭ଟି ୱାର୍ଡର ୨୦୦୬୬ ଭୋଟର ୨୪ଟି ବୁଥ୍‌ରେ ମତଦାନ କରିବେ ବୋଲି ଜଣାଯାଇଛି। ୧୭ଟି ୱାର୍ଡରୁ ୭ଜଣ ଅସଂରକ୍ଷିତ ମହିଳା, ଜଣେ ଲେଖାଏଁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବେଳେ ଅନୁସୂଚିତ ଜନଜାତି ପୁରୁଷଙ୍କ ଲାଗି ଗୋଟିଏ ସ୍ଥାନ ସଂରକ୍ଷିତ ରହିଛି। ଅନ୍ୟ ୭ଟି ୱାର୍ଡ ଅଣସଂରକ୍ଷିତ ଥିବାବେଳେ ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ରହିଛି। ତେଣୁ ରାଜନୈତିକ ଦଳର ଲୋକଙ୍କ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ ଲାଗି ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ପ୍ରତିଯୋଗୀତାରେ ବିଜେଡି ଦଳ ଆଗରେ ଥିବା କୁହାଯାଉଛି। ଆଜି ବିଜ୍ଞାପନ ପ୍ରକାଶ ପାଇବାପରେ ବିଜେଡି, ବିଜେପି ଓ କଂଗ୍ରେସ ଦଳର ମାନସମନ୍ଥନ ଆରମ୍ଭ ହୋଇଛି। ପ୍ରତି ୱାର୍ଡରେ ପ୍ରତ୍ୟେକ ରାଜନୈତିକ ଦଳ ମଧ୍ୟରେ ମନାନ୍ତର ଓ ମତାନ୍ତର ଦେଖା ଦେଉଥିବାରୁ ମୁଖିଆମାନେ ଏହାର ସମାଧାନ ଲାଗି ଘନ ଘନ ବୈଠକ କରୁଛନ୍ତି। ଶାସକ ଦଳରେ ଅଧିକ ଆଶାୟୀ ପ୍ରାର୍ଥୀ ଥିବାରୁ ସେମାନଙ୍କ ମଧ୍ୟରେ ପ୍ରତିଯୋଗୀତା ଆରମ୍ଭ ହୋଇଛି। ଆସନ୍ତା ୭ ତାରିଖରେ କେଉଁ ୱାର୍ଡରୁ କେତେଜଣ ପ୍ରାର୍ଥୀ ନାମାଙ୍କନ କରିଛନ୍ତା ତାହା ଜଣାପଡିବ।

# ଷ୍ଟ୍ରଙ୍ଗରୁମ ପରିସରକୁ ବ୍ଲକ କର୍ମଚାରୀଙ୍କ ପ୍ରବେଶ ପ୍ରସଙ୍ଗ : ତଦନ୍ତ କଲେ ଅତିରିକ୍ତ ଏସପି

ବାଲିଆପାଳ,୨୫/୦୨ (ନି.ପ୍ର): ବାଲିଆପାଳ ବ୍ଲକରେ ଭୋଟବାକ୍ସ ରହିଥିବା ଷ୍ଟ୍ରଙ୍ଗରୁମ ପରିସରକୁ ଗୁରୁବାର ଦୁଇ ବ୍ଲକ କର୍ମଚାରୀ ଏବଂ ଅନ୍ୟକିଛି ଅଜଣା ବ୍ୟକ୍ତି ପ୍ରବେଶକୁ କେନ୍ଦ୍ରକରି ସୃଷ୍ଟିହୋଇଥିବା ଉତ୍ତେଜନା କମିବାର ନାଁ ଧରୁନାହିଁ। ଆଜି ବାଲେଶ୍ୱର ଅତିରିକ୍ତ ଏସପି ଗୋବିନ୍ଦ ସେଠୀ, ଏସଡିପିଓ ଜଳନ୍ଧର ଜାଲି, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ଘଟଣାର ତଦନ୍ତ କରିଛନ୍ତି।ଲୋକଙ୍କ ଦାବି ଅନୁସାରେ ଷ୍ଟ୍ରଙ୍ଗରୁମ ପରିସରରେ ଲାଗିଥିବା ସିସି କ୍ୟାମେରା ଯା କରାଯାଇଥିଲା।ଯାବେଳେ ୨୩ ତାରିଖ ଦିନ ୧୧ଟା ୪୫ରୁ ୩ଟା୩୦ ପର୍ଯ୍ୟନ୍ତ ସିସି କ୍ୟାମେରା ବନ୍ଦଥିବା ଦେଖିବାକୁ ମିଳିଥିଲା ଏହାକୁ ନେଇ ଲୋକଙ୍କ ମଧ୍ୟରେ ସନ୍ଦେହ ଆହୁରି ବଢିଥିଲା। ୨୩ ତାରିଖ ଦିନ ସ୍ଥାନୀୟ ଅ ଳରେ ବିଜୁଳି କାଟ ଥିବାରୁ ସେହି ସମୟରେ ସିସିକ୍ୟାମେରା ବନ୍ଦଥାଇପାରେ ବୋଲି ବିଡିଓ ଲଳିତ ସୋରେଙ୍ଗ ସଫେଇ ଦେଇଥିଲେ। ତେବେ ବିଜୁଳିକାଟ ସମୟରେ ଜେନେରେଟରର କାହିଁକି ବ୍ୟବସ୍ଥା ନଥିଲା ବୋଲି ଲୋକେ ପ୍ରଶ୍ନ କରିଥିଲେ।ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ବିଡିଓଙ୍କ ଖାମଖିଆଲି ଉ ରକୁ ଲୋକେ ଗ୍ରହଣ କରିନଥିଲେ।ବିଡିଓ ଲଳିତ ସୋରେଙ୍ଗ ଓ ଷ୍ଟ୍ରଙ୍ଗରୁମ ପରିସରକୁ ଯାଇଥିବା ଜିପିଓ ରାମଚନ୍ଦ୍ର ମାରାଣ୍ଡି ଓ ପିଇଓ କରୁଣାକର ଜେନାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।ଶନିବାର ଭୋଟ ଗଣତି ଥିବାରୁ ଏହାକୁ ନେଇ ପରାଜିତ ପ୍ରାର୍ଥିଙ୍କ ସମର୍ଥକମାନେ କିଛି ଅଘଟଣ ଘଟାଇବାର ଆଶଙ୍କା ରହିଛି।ସ୍ଥାନୀୟ ପ୍ରଶାସନ ଏଥିପାଇଁ ସତର୍କ ରହିବା ଉଚିତ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ୧୪୩ଟି ବିଦ୍ୟାଳୟକୁ ଜମି ପଟ୍ଟା ବଣ୍ଟନ




ବାଲିଆପାଳ, ୨୫/୦୨ (ନି.ପ୍ର): ବାଲିଆପାଳ ତହସିଲ ପକ୍ଷରୁ ଆଜି ୧୪୩ଟି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟର ଜମି ପଟ୍ଟା ବଣ୍ଟନ କରାଯାଇଛି। ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ବ୍ଲକଶିକ୍ଷାଅଧିକାରୀ ସୁଧାଂଶୁଶେଖର ଜେନା, ବିଆରସିସି ଦୁଃଖିଶ୍ୟାମ ଦାସ,ଏବିଇଓ ନମିତାପ୍ରଭା ସାମଲ, ଅରତୀ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଏହି ପଟ୍ଟା ବିତରଣ କରିଥିଲେ। ସୂଚନା ଯୋଗ୍ୟ ବର୍ଷ ବର୍ଷ ଧରି ଏହିସବୁ ବିଦ୍ୟାଳୟ ଗୁଡିକ ଦଖଲରେ ଥିବା ସରକାରୀ ଜମି, ଦାନଜମି ଗୁଡିକ ସ୍କୁଲ ନାମିତ ନଥିଲା।ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଏହିସବୁ ଜାଗାର ସ୍ଥିତି ଏବଂ ସରଜମିନ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ।

# ପୌର ନିର୍ବାଚନ ବିଜ୍ଞପ୍ତି ପ୍ରକାଶ : ୨୪ ମତଦାନ ଓ ୨୬ ଫଳାଫଳ

ବାଲେଶ୍ୱର,୨୫/୦୨ (ନି.ପ୍ର): ଚଳିତ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ଆରମ୍ଭ ନ ହେଉଣୁ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ପକ୍ଷରୁ ପୌର ନିର୍ବାଚନ ପାଇଁ ଶୁକ୍ରବାର ପ୍ରକାଶିତ ବିଜ୍ଞପ୍ତି ଆଶାୟୀ ଅଧ୍ୟକ୍ଷ ଓ କାଉନସିଲରଙ୍କ ମଧ୍ୟରେ ତତ୍ପରତା ପରିଲକ୍ଷିତ ହୋଇଛି। ୩୬୭୫/୨୫.୨.୨୦୨୨ ନଂ ବିଜ୍ଞପ୍ତି ମୂଳେ ଆୟୁକ୍ତଙ୍କ ନିର୍ବାଚନ ଘୋଷଣା ସମୟରୁ ରାଜ୍ୟର ୧୦୬ ପୌରାଞ୍ଚଳ ଓ ୩ ମହାନଗର ନିଗମ ପାଇଁ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ତେବେ ପ୍ରଶାସନିକ ସ୍ତରରେ ଆସନ୍ତା ୨୮ ତାରିଖରେ ବିଧବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ହେବ ବୋଲି କୁହାଯାଇଛି। ବିଜ୍ଞପ୍ତି ଅନୁସାରେ ଆସନ୍ତା ମାର୍ଚ୍ଚ ୨ ତାରିଖରୁ ନାମାଙ୍କନ ଫର୍ମ ବିକ୍ରି ଓ ପ୍ରାର୍ଥୀପତ୍ର ଗ୍ରହଣ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୯ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ସହ ବୈଧ ପ୍ରାର୍ଥୀ ତାଲିକା ଘୋଷଣା ଓ ୧୪ ତାରିଖ ଅପରାହ୍ନ ସୁଦ୍ଧା ପାର୍ଥୀପତ୍ର ପ୍ରାତ୍ୟାହାର ଶେଷ ହୋଇ ସଂଧ୍ୟା ୫ଟା ବେଳେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମାତ୍ର ୭/୮ଦିନ ପ୍ରଚାର ପରେ ୨୪ ତାରିଖ ସକାଳ ୮ରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ମତଦାନ ହେବ। ୨୬ ତାରିଖ ୮ଟାରୁ ଭୋଟ ଗଣିତ ଆରମ୍ଭ ହୋଇ ଫଳାଫଳ ପ୍ରକାଶ ସହ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରାଯିବ ବୋଲି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ୨୯ ତାରିଖରେ ବିଧିବଦ୍ଧ ଭାବେ ନିର୍ବାଚିତ ଅଧ୍ୟକ୍ଷ ଓ କାଉନସିଲରଙ୍କ ତାଲିକା ପ୍ରକାଶ ପରେ ୩୦ ତାରିଖରେ ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ସେହିଦିନ ପୌର ଉପାଧ୍ୟକ୍ଷ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯିବ ଏବଂ ଏପ୍ରିଲ ୭ ତାରିଖରେ ନିର୍ବାଚନ ହେବ ବୋଲି ବିଜ୍ଞପ୍ତିରେ ସୂଚିତ କରାଯାଇଛି।

# ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ ଡିଆରକେ (ଏ) ଦଳ ବିଜୟୀ



ବାରିପଦା, ୨୫/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗର ଆଜିର ମ୍ୟାଚରେ ଡିଆରକେ(ଏ) ଦଳ ଜେକେସିସି କୁ ୩୪ ରନରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ଡିଆରକେ(ଏ ) ୪୦ ଓଭରରେ ୮ ଉଇକେଟ ହରାଇ ୨୪୦ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଅବିନାଶ ଖଣ୍ଡେଲୱାଲ ୫୨ ରନ, ଲୋକନାଥ ୪୮ ରନ ଓ ଆଦିତ୍ୟ କୁମାର ବସା ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ପ୍ରିତମ କୁମାର ବେହେରା, ସଂଜୀବ କୁମାର ମହାପାତ୍ର ଓ ଲୋକେଶ ମହାକୁଡ଼ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ଜେକେସିସି ଦଳ ୪୦ ଓଭରରେ ୭ ଉଇକେଟ ହରାଇ ୨୦୬ ରନ କରିପାରିଥିଲେ। ଦଳ ପକ୍ଷରୁ ଶ୍ୱେତ ଦାସ ୫୧ରନ, ପ୍ରିତମ ପଣ୍ଡା ୫୦ ଓ ସଂଜୀବ କୁମାର ମହାପାତ୍ର ୪୯ ରନ କରିଥିବାବେଳେ ବିପକ୍ଷ ଦଳର ଆଦିତ୍ୟ ବସା ୪ ଟି ଓ ସାଇବା ସିଂହ ୨ ଟି ଉଇକେଟ ଅକ୍ତିଆର କରିଥିଲେ। ଆଦିତ୍ୟ କୁମାର ବସା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଆଜିର ଖେଳକୁ ଦିଲ୍ଲୀପ ଦାସ ଓ ସୁରେନ୍ଦ୍ର କୁମାର ନାୟକ ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ। ଉଦ୍ୟୋଗପତି ହୃଷିକେଶ ମହାପାତ୍ର ଆଜିର ମ୍ୟାଚକୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆସୋସିଏସନର ଉପ ସଭାପତି ମନୋଜ କୁମାର ସାଓ,ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ତଥା ସହ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ଓ ବୈଦ୍ୟନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ ଓ ଆସନ୍ତାକାଲି ଷ୍ଟେସନ ଏଥଲେଟିକ ଆସୋସିଏସନ ଓ ଏମସିଏ ମଧ୍ୟରେ ଖେଳ ହେବ ବୋଲି କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଜଣାଇଛନ୍ତି।

# ପଶ୍ଚିମବଂଗ ସୀମାନ୍ତ ଉତ୍ସବର ଭୂମି ପୂଜନ

ଜଳେଶ୍ୱର, ୨୫/୨(ନିପ୍ର): ଉତ୍କଳ ଓ ପଶ୍ଚିମବଂଗର ଜଳେଶ୍ୱର ସୀମାନ୍ତବର୍ତ୍ତୀ ଅଂଚଳ ମାଟିବିରୁଆଁ ନିକଟସ୍ଥ ଚକ୍‌ଇସ୍ମାଇଲପୁର ପଂଚାୟତ ମୈଦାନରେ ଆସନ୍ତା ମାର୍ଚ୍ଚ ୬ ତାରିଖରୁ ୧୫ ମାର୍ଚ୍ଚ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ଧରି ପଶ୍ଚିମବଂଗର ସୀମାନ୍ତରେ ଉତ୍ସବ ଅନୁଷ୍ଠିତ ହେବ। ଆଜି ଗୁରୁବାର ପୂର୍ବାହ୍ନରେ ଏଥିନିମନ୍ତେ ଏକ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ଅବସରରେ ଅନୁଷ୍ଠିତ ବୈଠକରେ ପଂଚାୟତ ଅଂଚଳ ସଭାପତି ମାନସ ଘୋଷ ପୌରହିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଅଂଚଳ ପ୍ରଧାନ ସୁଶାନ୍ତ ସେଣ ଯୋଗ ଦେଇ ଅଂଚଳର ବିକାଶ ନିମନ୍ତେ ସାଂସ୍କୃତିକ ଉତ୍ସବ ଜରୁରୀ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବରେ ବାଲେଶ୍ୱର ଜିଲାର ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଉତ୍କଳ-ବଂଗର ମୈତ୍ରୀ ଓ ଭାତୃତ୍ୱ ଏହି ଉତ୍ସବ ସେତୁ ଭାବେ କାର୍ଯ୍ୟ କରିବ ବୋଲି କହିଥିଲେ। ରକ୍ତ ଅଭାବକୁ ପୂରଣ ନିମନ୍ତେ ରକ୍ତଦାନ ଶିବିର ଏଠାରେ କରିବାକୁ ପ୍ରସ୍ତାବ ରଖିଥିଲେ। ଭୂମିପୂଜନ କାର୍ଯ୍ୟରେ ଅଂଚଳର ସଦସ୍ୟ ଚିତ୍ତରଂଜନ ପାତ୍ର ସହଯୋଗ କରିଥିଲେ। ଅଂଚଳ କମିଟିର ସଦସ୍ୟ ଶାନ୍ତନୁ ଖଟୁଆ, ସୁମନ୍ତ ଦେ, ନବୀନ ଦାସ, ପୁଷ୍ପେନ୍ ପରିଡା, ଗଣେଶ କର, କାଶିମ ଅଲ୍ଲି, ଯୁବ ସଭାପତି ସୁମନ ପଟ୍ଟନାୟକ, ଗଦାଧର ଦାସ, ତାରାଶଂକର ଦିକ୍ଷିତ, ଚେୟାରମ୍ୟାନ ନବକୁମାର ମହାପାତ୍ର, ନିର୍ମଳ ଦାସ, ଅଜିତ୍ ଦାସ, ସିଦ୍ଧେଶ୍ୱର ବେହେରା, ଜଳେଶ୍ୱର ବିକାଶ ମହୋତ୍ସବର ସଂପାଦକ ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ସହିତ ପାଳନ ନିମନ୍ତେ ମତବ୍ୟକ୍ତ କରିଥିଲେ। ସର୍ବଶେଷରେ ସର୍ବଭାରତୀୟ ଅଗ୍ରଗାମୀ ଦିବ୍ୟାଙ୍ଗ ସମିତିର ସାଧାରଣ ସଂପାଦକ ତଥା ଆୟୋଜକ ଶ୍ରୀକାନ୍ତ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ହେବାକୁଥିବା ମେଳାରେ ବିଦ୍ୟୁତ୍ ଦୋଳି, ମରଣ କୁଆଁ, ମିନାବଜାର, କଲିକତାର ବସ୍ତ୍ର ପ୍ରଦର୍ଶନୀ, ବିଭିନ୍ନ ରାଜ୍ୟର ଖାଦ୍ୟ ପସରା, ଭାଷା-ସାହିତ୍ୟ-ସଂସ୍କୃତି ଉପରେ ଆଲୋଚନା ଚକ୍ର, କୃଷି ସମ୍ମିଳନୀ, ପୂଜ୍ୟପୂଜା ବ୍ୟବସ୍ଥାରେ ପ୍ରତିଭା ସମ୍ମାନ ସହିତ ପ୍ରତ୍ୟେକ ଦିନ ରଂଗାରଂଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଚନ୍ଦନପୁର ଆଲୋକ ସଜ୍ଜାରେ ମେଳା ଆଲୋକିତ ହେବ ବୋଲି ଜଣାଯାଇଛି। ଏହା ସହିତ ଉତ୍କଳ ସମ୍ମିଳନୀ ପକ୍ଷରୁ ଆଲୋଚନା ଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଦର୍ଶକମାନେ ଏହାର ସୁଯୋଗ ନେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ଘୁଟିପାଲି ଦୁର୍ଘଟଣାରେ ଆହତ ଆଉ ଜଣେ ମହିଳା ମୃତ

ବଲାଙ୍ଗିର, ୨୫/୦୨ (ନି.ପ୍ର): ବଲାଙ୍ଗିର ଦେଓଗାଁ ରାସ୍ତା ଘୁଟିପାଲି ଛକଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ କାର୍ ରେ ଥିବା ଅନ୍ୟ ୫ ଜଣ ଗୁରୁତର ଅବସ୍ଥାରେ ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଠାରେ ଭର୍ତ୍ତି ହୋଇଥିଲେ। ତେବେ ଆଜି ଗୁରୁତରଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ମହିଳା ହୋଇଥିବା ବେଳେ ତାଙ୍କ ନାମ ସ୍ନେହଲତା ବାରିକ ବୋଲି ଜଣା ପଡ଼ିଛି।

# ମୟୂରଭଞ୍ଜ ସାହିତ୍ୟ ପରିଷଦର ମନନମନ୍ଥନ କାର୍ଯ୍ୟକ୍ରମ




ବାରିପଦା, ୨୫/୦୨ (ନି.ପ୍ର): ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଉପଲକ୍ଷେ ବାରିପଦାସ୍ଥିତ କଲ୍ୟାଣୀ ମହିଳା ସମିତି ସଭାଗୃହରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ଏକ ମନନମନ୍ଥନ କାର୍ଯ୍ୟକ୍ରମ ଆମ ମାତୃଭାଷା କେତେ ସୁରକ୍ଷିତ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ପୌରହିତ୍ୟରେ ସମ୍ପାଦକ ମନୋଜ କୁମାର ଦଳବେହେରା କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱ ମାତୃଭାଷା ଦିବସର ତାତ୍ପର୍ଯ୍ୟ ଓ ଇତିହାସ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଓଡ଼ିଆ ଜାଗରଣ ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ପ୍ରତିଶ୍ରୁତି ପ୍ରତିଷ୍ଠାନର ସମ୍ପାଦକ ପଣ୍ଡିତ ଭାଗବତ ପ୍ରସାଦ ପଣ୍ଡା ଏବଂ ବର୍ଷୀୟାନ ସାରସ୍ୱତ ସାଧକ ବୃନ୍ଦାବନ ଚନ୍ଦ୍ର ଦାଶ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ନିଜ ନିଜ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ସାରସ୍ୱତ ସାଧକ କବି ବିଷ୍ଣୁ ଶତପଥୀ, ଅଜୟ କୁମାର ପାଳ, ଜୟନ୍ତ କୁମାର ଦ୍ୱାରୀ, ଶଙ୍କର ଜେନା, ପ୍ରଫେସର ବିଚିତ୍ର ନାଥ ସାହୁ, ସୁଶ୍ରୀ କାବେରୀ ମିଶ୍ର, କମଳା କାନ୍ତ ପ୍ରହରାଜ ଓ ରହିମା ନିଶା ପ୍ରମୁଖ ଆଲୋଚନା ଚକ୍ରରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଦେଶର କରୋନା ମହାମାରୀ ସଂକଟ ଜନିତ ଦୀର୍ଘ ଦୁଇବର୍ଷ ବ୍ୟବଧାନରେ ପରିଷଦର ପ୍ରତ୍ୟକ୍ଷ ସାରସ୍ୱତ ସଭା ଆୟୋଜନ ହୋଇଥିବାରୁ କାର୍ଯ୍ୟକ୍ରମରେ ଉତ୍ସାହିତ ହୋଇ ଅନୁଷ୍ଠାନର ବହୁ ସଦସ୍ୟ କୈବଲ୍ୟ ପ୍ରସାଦ ମହାପାତ୍ର, ଅଜିତ କୁମାର କବାଟ, ନରସିଂହ ବାରିକ, ଭଗବତୀ ଦାଶ, ପାର୍ବତୀ ବାରିକ, ହିମାଂଶୁ ଶେଖର ଦାସ, ପ୍ରାଧ୍ୟାପକ ସୁନୀଲ କୁମାର ଜେନା, ଗୋପାଳ ସାଓ, ନିରୁପମା ମହାନ୍ତ, ଦୋଳ ଗୋବିନ୍ଦ ମହାନ୍ତ, ଡ଼. ସ୍ନେହଲତା ବେହେରା, ସ୍ନେହାଶିଷ ମହାନ୍ତି ଓ ଡ଼.ସଞ୍ଜିବ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ, ସହ ସମ୍ପାଦକ ଅମିତାଭ ମିଶ୍ର ସ୍ୱଗତ ଜଣାଇଥିଲେ। ଶେଷରେ ସହ ସମ୍ପାଦିକା ବାସନ୍ତୀ ଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo